RNI No.ODIODI/2010/33031
୧୭ ବର୍ଷ Volume-17
ISSUE -62 ସଂଖ୍ୟା-୬୨
ଭୁବନେଶ୍ୱର, ଶୁକ୍ରବାର ୧୫ ମଇ ୨୦୨୬
Bhubaneswar, Friday 15 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ପେଟ୍ରୋଲ୍ ପମ୍ପରେ ଲମ୍ବାଲାଇନ୍

ଭୁବନେଶ୍ୱର,୧୪।୫(ନି.ପ୍ର.): ରାଜ୍ୟର ବିଭିନ୍ନ ଜିଲାରେ ପେଟ୍ରୋଲ/ଡିଜେଲର ଅଭାବ ପରିଲକ୍ଷିତ ହୋଇଛି। କାଁ ଭାଁ ଯେଉଁ ପମ୍ପରେ ବି ତେଲ ମିଳୁଛି ସେଠି ଲମ୍ବା ଲାଇନ୍ ଲାଗୁଛି। ଏଥିସହିତ ଆବଶ୍ୟକୀୟ ପରିମାଣର ତେଲ ମଧ୍ୟ ମିଳୁ ନ ଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଗ୍ରାମାଞ୍ଚଳର କେତେକ ଟାଙ୍କିରେ ତେଲ ନ ଥିବାରୁ ସମସ୍ୟା ବହୁଗୁଣିତ ହୋଇଛି।

ରାଜ୍ୟର କେନ୍ଦୁଝର, ଭଦ୍ରକ, ସୋର, ତେଲକୋଇ, ବଲାଙ୍ଗୀର, ଯାଜପୁର ସହରରେ ତେଲର ଅଭାବ ଦେଖାଦେଇଥିବାବେଳେ ଭଞ୍ଜନଗର, ରାଉରକେଲା, ନୀଳଗିରି, ପାରାଦୀପରେ ମଧ୍ୟ ତେଲର ସଂକଟ ଦେଖାଦେଇଛି। ଫଳରେ ଗାଡ଼ିଚାଳକମାନେ ତେଲ ଅଭାବ ଯୋଗୁ କାନ୍ଦିଲେଣି।

ତେଲ ସଙ୍କଟ ଉପରେ ବଡ଼ ସୂଚନା ଦେଇଛନ୍ତି ଯୋଗାଣ ବିଭାଗ ପ୍ରମୁଖ ସଚିବ। ସେ କହିଛନ୍ତି, ତେଲ ସଙ୍କଟ ଆଦୌ ନାହିଁ। ରାଜ୍ୟରେ ୨୦ରୁ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇଛି। ଡ୍ରାଏ ଆଉଟ ସ୍ଥିତି ମ୍ୟାନେଜମେଣ୍ଟର ଅଭାବ ଯୋଗୁ ଦେଖାଦେଇଛି। ତେଲ ଅଭାବ ଯୋଗୁ ଆଦୌ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ବି ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ।ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଭୟଭୀତ ହୋଇ ଆଣି ତେଲ କିଣନ୍ତୁ ନାହିଁ।

ଘରୋଇ ବସ ମାଲିକ ସଂଘର ଆଶଙ୍କା ଭିତ୍ତିହୀନ, ବସ ଚାଲିବାରେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି।ରାଜ୍ୟର ବିଭିନ୍ନ ଜିଲାରେ ପେଟ୍ରୋଲ/ଡିଜେଲରେ ଅଭାବ ଦେଖାଯାଇଛି। ଯେଉଁ ପମ୍ପରେ ତେଲ ମିଳୁଛି ସେଠି ଲମ୍ବା ଲାଇନ ଲାଗିଛି। ଆବଶ୍ୟକୀୟ ପରିମାଣ ତେଲ ମିଳୁ ନଥିବା ଅଭିଯୋଗ ହୋଇଛି। ଯଦି ଶୀଘ୍ର ତେଲ ଯୋଗାଣ ସ୍ୱାଭାବିକ ନହୁଏ, ତେବେ ଆଗାମୀ ଦିନରେ ସହରର ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଆଶଙ୍କା କରାଯାଉଛି। ସେପଟେ ଏହି ସବୁ କଥାକୁ ଗୁଜବ କହିଛନ୍ତି ଘରୋଇ ପେଟ୍ରୋଲ ଡିଲର ସଂଘ ସମ୍ପାଦକ। ଘରୋଇ ପେଟ୍ରୋଲ ଡିଲର ସଂଘ ସମ୍ପାଦକ ସଞ୍ଜୟ ଲାଠଙ୍କ ବଡ଼ ସୂଚନା। କହିଛନ୍ତି ଯେ ପେଟ୍ରୋଲ ପମ୍ପରେ ଆଦୌ ଭିଡ଼ କରନ୍ତୁ ନାହିଁ। ତେଲ ସଙ୍କଟ କଥା କେବଳ ଏକ ଗୁଜବ। ଆମ ପାଖରେ ୪୦ ଦିନର ତେଲ ମହଜୁଦ ଅଛି। ପ୍ରଧାନମନ୍ତ୍ରୀଙ୍କ କଥାକୁ ଭିନ୍ନ ରୂପ ଦିଆଯାଇଛି। ଆମ ରାଜ୍ୟରେ ତେଲ ସଙ୍କଟ ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଦେଖାଦେଲାଣି ପେଟ୍ରୋଲ ଡିଜେଲ ସଂକଟ । ତେଲ ନଥିବାରୁ କିଛି କିଛି ସ୍ଥାନରେ ବନ୍ଦ ହୋଇଗଲାଣି ପେଟ୍ରୋଲ ପମ୍ପ । ଏକାଧିକ ପେଟ୍ରୋଲ ପମ୍ପରେ ବାଇକ ପିଛା ୨୦୦ଟଙ୍କା ଓ କାର ପିଛା ୨୦୦୦ ଟଙ୍କା ପର୍ଯ୍ୟନ୍ତ ପେଟ୍ରୋଲ, ଡିଜେଲ ଦେବାକୁ ହୋଇଛି କଟକଣା । ଏହାରି ଭିତରେ ଇଭି ଗାଡ଼ି ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ପରିବହନ ମନ୍ତ୍ରୀ ।

ଆଜିଠୁ ବଦଳିବ ପାଗ

ଭୁବନେଶ୍ୱର,୧୪।୫(ନି.ପ୍ର.): ଓଡ଼ିଶାରେ ପୁଣିବଦଳିବ ପାଗ। ଆସନ୍ତା କାଲିଠାରୁ ରାଜ୍ୟର ଅନେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା, ବିଜୁଳି ଏବଂ ଜୋରଦାର ପବନ ବହିବା ନେଇ ସତର୍କ କରାଇଛି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)। କେତେକ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆଇଏମଡି ସୂଚନା ଅନୁସାରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଅନୁଗୁଳ, ଢେଙ୍କାନାଳ ଓ ଗଜପତି ଜିଲ୍ଲାରେ ବିକେଳ ଓ ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ସହ ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ଏହି କାରଣରୁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।ସେହିପରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଟକ, ପୁରୀ, ଖୋର୍ଦ୍ଧା ସହ ଅନେକ ଜିଲ୍ଲାରେ ୪୦ରୁ ୫୦ କିମିବେଗରେ ପବନ ସହ ବର୍ଷା ସମ୍ଭାବନା ରହିଛି।

ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲିଅନ୍ତା,୧୪।୫(ଏଜେନ୍ସି): ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲୋକେ ପିଟି ପିଟି ମାରି ଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ତାଙ୍କ ନାଁ ରଞ୍ଜିତ ପାତ୍ର ଓରଫ ଚିନୁ (୨୪)। ତାଙ୍କ ଘର କଟକ ସଦର ଥାନା ଗଙ୍ଗେଶ୍ୱରଗଡରେ।

ତଦନ୍ତ ବେଳେ ଏହି ଘଟଣାରେ ରଞ୍ଜିତଙ୍କ ସଂପୃକ୍ତି ଥିବା କଥା ଜଣାପଡିଥିଲା। ସେ ମୃତକଙ୍କ ମୁଣ୍ଡକୁ ଏକ ବାଉଁଶରେ ପିଟି ଥିଲେ। ସୌମ୍ୟଙ୍କ ଗୋଡ ଓ ହାତକୁ ରଶିରେ ବନ୍ଧା ଯାଇଥିବା ବେଳେ ରଞ୍ଜିତ ତାଙ୍କ ମୁଣ୍ଡକୁ ବାଉଁଶରେ ପିଟି ଥିଲେ।ମୁଖ୍ୟ ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରିବା ପୂର୍ବରୁ କ୍ରାଇମବ୍ରାଞ୍ଚ ମେ' ୧୧ ତାରିଖରେ ଅନ୍ୟ ଜଣେ ଅଭିଯୁକ୍ତ ଯୁବିଷ୍ଟର ଜେନା ଓରଫ ବଣ୍ଟି (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବା ପୂର୍ବରୁ ଏହି ଘଟଣାରେ ସ୍ଥାନୀୟ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଏହି ଘଟଣାରେ ଏଯାବତ୍ ୧୩ ଜଣଙ୍କୁ ଗିରଫ କରାଯାଇଛି।କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣାକୁ ପ୍ରାଧାନ୍ୟ ଦିଆଯାଇ ତଦନ୍ତକୁ ଜାରି ରଖାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।ମେ' ୭ ତାରିଖରେ ଏହି ଘଟଣା ଘଟିଥିଲା। ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁ ଓ ତାଙ୍କର ଜଣେ ସାଙ୍ଗ ବାଇକ୍‌ରେ ଯାଉଥିଲେ। ବାଟରେ ସେମାନଙ୍କ ବାଇକ୍ ଧକ୍କାରେ ସ୍କୁଟିରେ ଯାଉଥିବା ଦୁଇ ଯୁବତୀ ପଡିଯାଇଥିଲେ। ସୌମ୍ୟ ଓ ତାଙ୍କ ସାଙ୍ଗ ମଧ୍ୟ ପଡିଯାଇଥିଲେ। ଏହା ପରେ ସୌମ୍ୟ ଉକ୍ତ ଦୁଇ ଯୁବତୀଙ୍କ ଉପରକୁ ଝାମ୍ପି ପଡିଥିଲେ ଓ ସେମାନଙ୍କୁ ଅସଦାଚରଣ କରିବା ସହିତ ଦୁର୍ଭାର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

ଡେଲାଙ୍ଗରେ ଖଣି ମାଫିଆଙ୍କ ଦବଙ୍ଗଗିରି

ଭୁବନେଶ୍ୱର,୧୪।୫(ନି.ପ୍ର.): ପୁରା ଜିଲ୍ଲା ଡେଲାଙ୍ଗର ହରିପୁର ଗାଁ ଏବେ ଭୟ ଓ ଆତଙ୍କରେ ଥରହର। ବେଆଇନ ପଥର ଖଣି କାରବାରକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱ ଏବେ ରକ୍ତରଞ୍ଜିତ ରୂପ ନେଇଛି। ଗତକାଲି ବିଳମ୍ବିତ ରାତିରେ ଗାଁରେ ବୋମାମାଡ଼ ସହ ବ୍ଲାଙ୍କ ଫାୟାରିଂ ହୋଇଥିବାବେଳେ ସମଗ୍ର ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଯାଇଥିଲା। ସୂଚନା ଅନୁସାରେ, ଗେଡ଼ିପୁଟ ମାଟିଆପଡା ପଞ୍ଚାୟତ ଅନ୍ତର୍ଗତ ହରିପୁର ଗାଁରେ କିଛି ଯୁବକ ଏକାଠି ହୋଇ ଭୋଜି କରୁଥିଲେ। ସେହି ସମୟରେ ହଠାତ୍ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିଥିଲେ। ଏକପରେ ଏକ ବୋମାମାଡ଼ସହ ଗୁଳିଚାଳନା ହୋଇଥିଲା। ରାତିରେ ଗୁଳି ଓ ବୋମାର ଶବ୍ଦ ଲୋକଙ୍କ ମନରେ ଭୟ ଖେଳାଇ ଦେଇଥିଲା। ଏହିଘଟଣାରେ ୩ ଜଣ ଆହତ ହୋଇଥିବାବେଳେ ସେଥିମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ୭ ଜଣ ଆଙ୍କେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ଗୁରୁତର ଆହତମାନଙ୍କୁ ପ୍ରଥମ ଚିକିତ୍ସାରେ ଭର୍ତ୍ତିକରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣା ପରେ ଡେଲାଙ୍ଗ ପୋଲିସ ଓ ହରିଜପୁର ପାୱିପୋଲିସ ଗାଁରେ ପହଞ୍ଚିଛନ୍ତିଳ ଆରମ୍ଭ କରିଛନ୍ତି।

ଗଞ୍ଜେଇ ମାଫିଆଙ୍କ ସହିତ ଡିଲ୍

ଆଇଆଇସିଙ୍କ ବଦଳି, ଏଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ

ବରଗଡ,୧୪।୫(ନି.ପ୍ର.): ବରଗଡ ଜିଲ୍ଲା ଝାରବନ୍ଧରେ ୧୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣାରେ ସ୍ଥାନୀୟ ପୁଲିସ ମାଫିଆଙ୍କ ସହ ଡିଲ୍ କରୁଥିବା କଥା ସାମ୍ନାକୁ ଆସିବା ପରେ ହୋଇଛି କାର୍ଯ୍ୟାନୁଷ୍ଠାନ। ଝାରବନ୍ଧ ଥାନା ଆଇଆଇସି ଶୁକ୍ରା ମାଡ଼ିଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏଏସଆଇ କୌଶିକ ସାହୁ ଓ କନଷ୍ଟେବଳ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନଲମ୍ବନ କରାଯାଇଥିବା ବେଳେ ହୋମଗାର୍ଡ ଦେବାର୍ଚ୍ଚନ ନିଆଳଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି।ଆଇଆଇସି ଶୁକ୍ରା ମାଡ଼ିଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବରଗଡ଼ ସାଇବର ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ଆଇଆଇସି ଶ୍ରୀ ମାଡ଼ିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିସ କରାଯିବ ବୋଲି ଆଇଜି ହିମାଂଶୁ କୁମାର ଲାଲ କହିଛନ୍ତି। ଆଇନ ଅନୁସାରେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉତ୍ତର ପ୍ରଦେଶ ନମ୍ବର ଥିବା ଏକ ଟ୍ରକ୍‌କୁ ଯାଞ୍ଚ କଲା ବେଳେ ଝାରବନ୍ଧ ପୁଲିସ ସେଥିରୁ ୬୭ ବସ୍ତା ଗଞ୍ଜେଇ ଜବତ କରିଥିଲା।

ପୁଣି ଓଡ଼ିଶା ଆସିପାରନ୍ତି ମୋଦି

ଭୁବନେଶ୍ୱର,୧୪।୫(ନି.ପ୍ର.): ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟରେ ମୋହନ ଚରଣ ମାଝୀ ନେତୃତ୍ୱାଧୀନ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁଥିବା ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୋଦିଙ୍କୁ ରାଜ୍ୟ ସରକାର ପକ୍ଷରୁ ନିମନ୍ତ୍ରଣ ଦିଆଯାଇଛି।

ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇ କହିଛନ୍ତି ଯେ, ଦୁଇ ବର୍ଷର ସଫଳତାକୁ ନେଇ ସରକାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚଳାଇଛି। ପ୍ରଧାନମନ୍ତ୍ରୀଙ୍କ ସମ୍ଭାବ୍ୟ ଓଡ଼ିଶା ଗସ୍ତକୁ ନେଇ ମଧ୍ୟ ଆଲୋଚନା ଚାଲିଥିବା ସେ କହିଛନ୍ତି।ତେବେ ଏଥର ପୂର୍ତ୍ତି ଉତ୍ସବ ହେବ ସରଳ ଓ ସଂଯମପୂର୍ଣ୍ଣ। ସରକାର ବର୍ତ୍ତମାନ ଖର୍ଚ୍ଚ କମାଇବା ଓ ଆର୍ଥିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଥିବାରୁ ଯଦି ମୋଦୀ ଯୋଗଦିଅନ୍ତି, ତେବେ କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

OIPR-37001/37001/2/26- 27/0004 37001/12/2627

ଯାତ୍ରୀ ମାନଙ୍କ ନିମନ୍ତେ ଜୀବନ ରକ୍ଷାକାରି ଜ୍ୟାକେଟ ଏବଂ ଭାସମାନ ବଳୟ ଚିଲିକା ହ୍ରଦରେ ନୌକା ଚଳନା ବେଳେ ବାଧ୍ୟତା ମୂଳକ ଅଟେ

ଖୋର୍ଦ୍ଧା, ୧୪ ।୫:(ମନ୍ଥନ)ଚିଲିକା ହ୍ରଦରେ ଯାତ୍ରୀ ବାହି ନୌକା ଚଳନା ସମୟରେ ଯାତ୍ରୀ ମାନଙ୍କ ଜୀବନ ସୁରକ୍ଷିତ ନିମନ୍ତେ ରାଜ୍ୟ ସରକାର ଓଡିଶା ନୌକା ଏବଂ ବିଭିନ୍ନ ପ୍ରକାର ଯାତ୍ରୀ ବାହି ବୋଟ,ନୌକା,ଡଙ୍ଗା ନିୟମ ୨୦୦୪ କୁ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ପକ୍ଷରୁ ଲାଗୁ କରାଯାଇଅଛି ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରୀଷ୍ମ ଋତୁ ସମୟରେ ପ୍ରାୟତଃ କାଳ ବୈଶାଖୀ ଏବଂ ଘୂର୍ଣ୍ଣି ବାତ୍ୟା ଘଟୁଥିବା ହେତୁ ଚିଲିକା ହ୍ରଦରେ ଡଙ୍ଗା /ବୋଟ୍ ରେ ଯାଉଥିବା ସମୟରେ ଯାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ଥିବା ଓ ଆଗକୁ ଆସୁଥିବା ମୌସୁମୀ ବର୍ଷା ଋତୁ ଭିତ୍ତିକ ପ୍ରତିକୂଳ ପାଗ ପାଇଁ ଦୁର୍ଘଟଣାର ଆଶଙ୍କା ବହୁ ମାତ୍ରାରେ ଅଛି ।ଏପରି ସ୍ଥଳେ ଯାତ୍ରୀ ମାନଙ୍କ ର ସୁରକ୍ଷିତ ଯାତ୍ରା ଏବଂ ସେମାନଙ୍କ ଜୀବନ ସୁରକ୍ଷା ଓ ଜୀବନ ରକ୍ଷା ପାଇଁ ସୁରକ୍ଷିତ ପଦକ୍ଷେପ ଡଙ୍ଗା / ବୋଟ୍ ମାଲିକ ମାନଙ୍କର ନେବାର ଆବଶ୍ୟକତା ବାଧ୍ୟତା ମୂଳକ ଅଟେ । ଏହି କ୍ରମେ ଡଙ୍ଗାରେ ଜୀବନ ରକ୍ଷାକାରି ଜ୍ୟାକେଟ ସମସ୍ତ ଯାତ୍ରୀ ମାନଙ୍କ ନିମନ୍ତେ ଡଙ୍ଗା ମାଲିକ ମାନେ ଚିଲିକା ହ୍ରଦରେ ଡଙ୍ଗା /ବୋଟ୍ ଚଳାଇବା ସମୟରେ ସମସ୍ତ ଯାତ୍ରୀ ମାନଙ୍କୁ ଜୀବନ ରକ୍ଷକାରୀ ଜ୍ୟାକେଟ ଏବଂ ସୁରକ୍ଷା ବଳୟ ଡଙ୍ଗାରେ ନେବା ବାଧ୍ୟତା ମୂଳକ ଅଟେ ।ଏଥିସହ ଯାତ୍ରୀ ମାନଙ୍କ ସଂଖ୍ୟା ଡଙ୍ଗା/ବୋଟ୍ ର ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ଠାରୁ କୌଣସି ମତେ ଅଧିକ ହବା ଉଚିତ ନୁହେଁ ।ଏହି ନିୟମକୁ ଓଡିଶା ସରକାର ଙ୍କ ବୋଟ /ଡଙ୍ଗା/ନୌକା ନିଅମ ୨୦୦୪ ବୋଟ୍ ମାଲିକ ମାନେ ସତର୍କତା ଓ ଯତ୍ନ ସହକାରେ ପାଳନ କରିବେ ।ଏହି ନିୟମ ଉଲଂଘନ ବା ବ୍ୟତିକ୍ରମ କଲେ ସରକାର ସେମାନଙ୍କ ବୋଟ ପଞ୍ଜିକରଣକୁ ରଦ୍ଦ କରିବା ସହ ଓଡିଶା ବୋଟ୍ ନିୟମ ୨୦୦୪ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କଠୋର ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଏହା ଜିଲ୍ଲା ପ୍ରଶାସନ ପକ୍ଷରୁ ,ସଭାପତି କାଳିଯାଇ ମୋଟର ବୋଟ ସଂଘ , ବାଲୁଗାଁ , ବଡକୂଳ ଏବଂ ମା କାଳୀଯାଇ ଶ୍ରମିକ ସଂଗଠନ ବଡକୂଳ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଗଲା ।

କ୍ରସର ଓ ଖଣିକୁ ଜିଲ୍ଲାରେ ଚାଲିବାକୁ ମଞ୍ଜୁରୀ ପ୍ରଦାନ କରନ୍ତୁ ସରକାର ଆଞ୍ଚଳିକ କ୍ରସର ମାଲିକ ସଂଘ ଓ ଅପରେଟର ସଂଘର ମିଳିତ ଶାନ୍ତିପୂର୍ଣ୍ଣ ଧାରଣା

ଖୋର୍ଦ୍ଧା, ୧୪ ।୫:(ମନ୍ଥନ) ଆଞ୍ଚଳିକ କ୍ରସର ମାଲିକ ସଂଘ ଓ ଅପରେଟର ସଂଘର ମିଳିତ ଭାବରେ ବୁଧବାର ଦିନ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ଖୋର୍ଦ୍ଧା ଓ ଏହାର ଆଖପାଖ ଅଂଚଳରୁ ପ୍ରାୟ ହଜାର ହଜାର ଶ୍ରମିକ ମହିଳା ସାମିଲ ରହିଥିବା ଦେଖିବାକୁ ମିଳିଥିଲା । ଧାରଣାରେ ବସିଥିବା କ୍ରସର ମାଲିକ ସଂଘ ପକ୍ଷରୁ ହେଉଥିବା ଅଭିଯୋଗ ଦୀର୍ଘ ବର୍ଷ ଧରି ପୂର୍ବ ସରକାର ଖୋର୍ଦ୍ଧା ଅଞ୍ଚଳର ମୁଣ୍ଡିଆ। ଗୁଡିକୁ ବନ୍ଦ କରି ଦେଇଥିଲେ । ଯାହାକୁ ନେଇ କ୍ରସର ଶିଳ୍ପ ଗୁଡିକ ବନ୍ଦ ହୋଇ ପଡିଥିଲା ସେହି ଦିନ ଠାରୁ କ୍ରସର ମାଲିକ ସଂଘ ପକ୍ଷରୁ ବାରମ୍ବାର ନିଜର ସମସ୍ୟା ଉପରେ ସୁିଚାର କରିବା ନିମନ୍ତେ ଜିଲ୍ଲା ପଳଙ୍କ ମାଧ୍ୟମରେ ସରକାରଙ୍କୁ ଦାବି ପ୍ରଦାନ କରି ଆସୁଛନ୍ତି ତେବେ କୌଣସି ସୁଫଳ ପାଇବା ଆସ ଦେଖିବାକୁ ମିଳୁନଥିଲା । ଏହା ମଧ୍ୟରେ ସାଧାରଣ ନିର୍ବାଚନ ଆସିବାରୁ କ୍ରସର ମାଲିକ ଖୁସି ବ୍ୟକ୍ତ ହୋଇଥିଲେ ଯେ ସରକାର ବଦଳିଲା ଏବେ ନୂତନ ସରକାର ନିଶ୍ଚୟ କ୍ରସର ମାଲିକଙ୍କ ସମସ୍ୟା ସାଙ୍ଗକୁ ଶ୍ରମିକ ମାନଙ୍କ ସମସ୍ୟା ବିଚାରକୁ ନେବେ କିନ୍ତୁ ଦୁଃଖ ଓ ପରିତାପର ବିଷୟ ନିର୍ବାଚନ ସାରି ସରକାର ଗଠନ କରିବାରେ ଦୀର୍ଘ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ସରକାର କ୍ରସର ମାଲିକ ଓ କ୍ରସର ଶିଳ୍ପ ଦ୍ୱାରା ବଞ୍ଚୁଥିବା ଶ୍ରମିକ , ଖୁଚୁରା ବ୍ୟବସାୟୀ,ସାଙ୍ଗକୁ ଅନେକ ଗାଡି ମାଲିକ ନିସ୍ତାର ପାଇବେ ଯାହାକି ସରକାର ଏଥିପ୍ରତି ଧ୍ୟାନ ନଦେବା ହେତୁ କ୍ରସର ମାଲିକ ସଂଘ ଓ ଅପରେଟର ସଂଘ ପକ୍ଷରୁ ମିଳିତ ଭାବରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରିଥିବା ଜଣାପଡିଛି ସୂଚନା ଅନୁଯାଇ ଖୋର୍ଦ୍ଧାରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗି ଉଠିଥିବା କ୍ରସର୍ ୟୁନିଟ୍ ଏକ ବଡ ଭୂମିକା ରହିଥିଲା ।ଜିଲ୍ଲାର ଖଣି ଖାଦାନ ସାଙ୍ଗକୁ କ୍ରସର ଶିଳ୍ପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଜୀବିକା ନିର୍ବାହ କରୁଥିଲେ ଖୋର୍ଦ୍ଧା ନିକଟବର୍ତ୍ତୀ ତାପଙ୍ଗ, ମଳିପଡା, ଛତ୍ରମା ଏବଂ ଦଧିମାଛଗାଡ଼ିଆ। ଆଦି ଅଂଚଳରେ କ୍ରସର ଶିଳ୍ପ ଗଢି ଉଠିଥିବା ବେଳେ ଏହି ଶିଳ୍ପ ଉପରେ ନିର୍ଭର କରି ବହୁ ପରିବାର ନିଜ ପରିବାର ପୋଷଣ କରି ଆସୁଥିଲେ କେବଳଯେ ଖୋର୍ଦ୍ଧା ନୁହେଁ ବରଂ ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲାରୁ ଶ୍ରମିକ ଖୋର୍ଦ୍ଧା ଜିଲ୍ଲାକୁ ଆସି ରୋଜଗାର ପନ୍ଥା ପାଉଥିଲେ ଏହି କ୍ରସର ଶିଳ୍ପ ଯୋଗୁଁ ତେବେ ବିଗତ ଦିନରେ କିଛି ଛାମୁଆ। ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ କିଛି ବର୍ଷ ଧରି ସମସ୍ତ କ୍ରସର୍ ୟୁନିଟ ଗୁଡିକ ବନ୍ଦ ହୋଇ କଳଙ୍କି ଲାଗିବାକୁ ବସିଲାଣି ।ଏବଂ ଅନେକ ମାଲିକ କ୍ରସର ପାଇଁ କଞ୍ଚା ମଲା ନ ମିଳିବାରୁ ଶାଗ ମାଛ ଦରରେ କବାଡିଆକୁ ବିକ୍ରି କରି ଚାଲିଗଲେଣି । ଯାହାର ପ୍ରଭାବ ସିଧା ସଳଖ କ୍ରସର ଶିଳ୍ପ ଉପରେ ର୍ନିଭର କରୁଥିବା ଶ୍ରମିକଙ୍କ ଉପରେ ପଡିଛି । ଯଦିଓ କିଛି କ୍ରସର ଚାଲିଛି ତେବେ ଚୋରା ଲୁଚରେ କଞ୍ଚାମାଲ ସଂଗ୍ରହ କରୁଥିବା ହେଉ କିମ୍ବା ଅନ୍ୟ ଜିଲ୍ଲା ଓ ଅନ୍ୟ ବ୍ଲକ୍ ରୁ କଞ୍ଚାମାଲ ସଂଗ୍ରହ କରି ଚଳାଉଛନ୍ତି ତେବେ ଅନ୍ୟ ଆଡୁ କଞ୍ଚାମାଲ ସଂଗ୍ରହ କରି କ୍ରଶର ଚଳାଉଥିବାରୁ ଅଧିକ ଦରରେ ବିକ୍ରି କରୁଛନ୍ତି କ୍ରସର ମାଲିକ ମାନେ ଯାହାର ପ୍ରଭାବ ସିଧା ସଳଖ ଗ୍ରାହକଙ୍କ ଉପରେ ପଡୁଛି । ସଂଘର ପ୍ରୟାଶ ଓ ବାରମ୍ବାର ଦାବି ପରେ କେତେକ କ୍ରସର ଚାଲିବା ଆରମ୍ଭ ହେଲା । ଫଳରେ କ୍ରସର ଉପରେ ର୍ନିଭର କରୁଥିବା ଶ୍ରମିକ, ଗାଡି ମାଲିକ, ପାହାଡ ମାଲିକ ପ୍ରଭୃତିଙ୍କ ପାଖରେ ଏକ ପ୍ରକାର ଉତ୍ସାହ ଦେଖିବାକୁ ମିଳିଥିଲା । ଖୋର୍ଦ୍ଧାରେ ଏବେ ଛୋଟବଡ ହୋଇ ୨ରୁ ୪ଟି ପାହାଡ ଚାଲୁଥିବାବେଳେ ୫୦ରୁ ଉର୍ଦ୍ଧ୍ୱ କ୍ରସର ମଧ୍ୟ ରଣପୁର ଓ କୁହୁଡି ଅଂଚଳରେ ଥିବା କଳାପଥର ଖଣିରୁ କଞ୍ଚାମାଲ ସଂଗ୍ରହ କରି ଚଳାଉଛନ୍ତି । ତେବେ ଏହାକୁ ନିୟମିତ କରିବା ଏବଂ ଖୋର୍ଦ୍ଧାରେ ରହିଥିବା ତାପଙ୍ଗ ଅଞ୍ଚଳର ମୁଣ୍ଡିଆ। ଗୁଡିକୁ ନିଲାମ କରି କ୍ରସର ସିଳ୍ପକୁ କଞ୍ଚା ମଲା ଯୋଗାଇବା ପାଇଁ ସରକାର ଓ ଜିଲ୍ଲାପ୍ରଶାସନ ଆନ୍ତରିକତା ରଖନ୍ତୁ ନହେଲେ ଏହା ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ର ହେବ ବୋଲି କ୍ରସର ସଂଘ ପକ୍ଷରୁ ଚେତାବନୀ ମିଳିଛି ।

ଓଡ଼ିଶା ଅକଦର୍ଶ ବିଦ୍ୟାଳୟ କୁସୁମୀ: ଦ୍ୱାଦଶ ପରୀକ୍ଷା ପାସ୍ ହାର ୮୦.୩୬%

କୁକୁଡାଖଣ୍ଡି , ୧୪ ।୫:(ମନ୍ଥନ)କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ କୁସୁମୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୫୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟର ପାସ୍ ହାର ୮୦.୩୬ ପ୍ରତିଶତ ରହିଛି । କେ. ସବ୍ୟସାଚୀ ଦାସ ୯୨.୮୦% ଓ ରାଜବୀର ସାହୁ ୯୨.୨୦% ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ରାଜବୀର ସାହୁ, ଆଇଟି ବିଷୟରେ ୧୦୦ ରୁ ୧୦୦ ମାର୍କ ରଖିଛନ୍ତି । ଏହା ସହ ୪ ଜଣ ଶତକଡା ୮୦ ରୁ



୯୦ ପ୍ରତିଶତ, ୧୮ ଜଣ ଶତକଡା ୭୦ ରୁ ୮୦ ପ୍ରତିଶତ ଓ ୧୮ ଜଣ ଶତକଡା ୬୦ ରୁ ୭୦ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିବା ଓଏଭି ଅଧ୍ୟକ୍ଷ ସୁଦର୍ଶନ ସେଠୀ ସୂଚନା ଦେଇଛନ୍ତି । ସେ ସମସ୍ତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ସଫଳତା ପଛରେ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପଯୁକ୍ତ ମାର୍ଗଦର୍ଶନ ରହିଥିବା ଅଧ୍ୟକ୍ଷ କହିଛନ୍ତି । ଚଳିତ ବର୍ଷ ଦଶମ ବାର୍ଷିକ ପରୀକ୍ଷା ପାସ୍ ହାର ୧୦୦ ପ୍ରତିଶତ ହୋଇଥିଲା ।

ସିବିଏସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ସ୍କୁଲ୍ ଟପର ହେଲେ ହାର୍ଦ୍ଦିକ

ଖୋର୍ଦ୍ଧା, ୧୪ ।୫:(ମନ୍ଥନ) ସିବିଏସଇ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳରେ ଖୋର୍ଦ୍ଧା ସ୍ଥିତ କାର୍ମେଲ ସ୍କୁଲ୍ ର ଛାତ୍ର ହାର୍ଦ୍ଦିକ ମହାପାତ୍ର ଦ୍ୱାଦଶ ପରୀକ୍ଷା ରେ ଶତକଡା ୯୮ ପର୍ସେଣ୍ଟ ମାର୍କ ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି । ତାଙ୍କର ଅତୁଳନିଅ ପରିଶ୍ରମ, ଶାନ୍ତ ବ୍ୟକ୍ତିତ୍ୱ ଓ ବଳିଦାନକୁ ସ୍କୁଲ୍ ର ଶିକ୍ଷକ ତଥା ପରିବାର ଓ ବନ୍ଧୁ ବାନ୍ଧବ ମାନେ ଅଜସ୍ର ପ୍ରଶଂସା ସହ ଅଭିନନ୍ଦନ ଜଣାଇଛନ୍ତି । ଏହି ପରିପେକ୍ଷୀରେ ଖୋର୍ଦ୍ଧା ବରୁଣେଇ ସାହି ସ୍ଥିତ ତାଙ୍କର ବାସଭବନରେ ଶିକ୍ଷକ ଓ ବନ୍ଧୁବାନ୍ଧବ ମାନେ ଏକତ୍ରିତ ହୋଇ ଅଭିନନ୍ଦନ ଜଣାଇଥିଲେ ଓ ଭବିଷ୍ୟତରେ ଉତରତର ଉନ୍ନତି ପାଇଁ ଆଶୀର୍ବାଦ କରିଥିଲାୟ ହାର୍ଦ୍ଦିକ ମଧ୍ୟ ତାଙ୍କ ସଫଳତାରେ ନିଜ ଶିକ୍ଷାନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସହ ସମସ୍ତ ପରିବାର ଲୋକଙ୍କର ଆର୍ଶିବାଦ ଓ ଶୁଭକାମନା ଥିବା କଥା କହିଥିଲେ । ଆଗତ ଭବିଷ୍ୟତରେ ଏପରି ଅନେକ ସଫଳତା ହାସଲ କରି ପରିବାର ତଥା ସହର ର ନାମ ଉଜ୍ଜ୍ୱଳ କରିବାକୁ ଆର୍ଶିବାଦ କାମନା କରିଛନ୍ତି ହାର୍ଦ୍ଦିକ ।

ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ

ଯାଜପୁର, ୧୪ ।୫:(ମନ୍ଥନ) ଯାଜପୁର ବ୍ଲକ ଅଧିନସ୍ଥ ପଣସା ଗ୍ରାମ ପଞ୍ଚାୟତର ରଘୁନାଥପୁର ଗ୍ରାମରେ ୧୯୨୬ ମସିହାରେ ସ୍ଥାପିତ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ଆସନ୍ତା ୨୨/୦୫/୨୦୨୬ ରିଖରେ ୧୦୦ ବର୍ଷ ପୁରଣ ହେବାକୁ ଯାଉଛି ଏହି ପରିପ୍ରେକ୍ଷୀରେ ଗ୍ରାମର ପୁରାତନ ଓ ନୂତନ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ଉତ୍ସବଟିକୁ ପାଳନ କରିବାକୁ ଲାଗିପଡ଼ିଛନ୍ତି । ପୁରାତନ ଛାତ୍ରଛାତ୍ରୀଙ୍କ ଉଦ୍ୟମ କ୍ରମେ ବହୁ ବିଶିଷ୍ଟ ଜ୍ଞାନୀ ଗୁଣି ବ୍ୟକ୍ତି ଦ୍ୱାରା ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସଂଧ୍ୟା ଏବଂ ଏହାର ପରବର୍ତ୍ତୀ ଦୁଇଦିନ ବ୍ୟାପି ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି ପରିପେକ୍ଷୀରେ ଗ୍ରାମବାସୀ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ସ୍କୁଲର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଉତ୍ସବକୁ ସୁରୁରୁ ରୂପେ ପରିଚାଳନା କରିବା ପାଇଁ ଶତବାର୍ଷିକ କମିଟି ଗଠନ କରାଯାଇଛି । ଏହି କମିଟିର ସଭାପତି ଭାବେ ରମେଶ ଚନ୍ଦ୍ର ମହାନ୍ତିଙ୍କୁ ଶ୍ରେଷ୍ଠ ଦାୟିତ୍ୱ ଦିଆଯାଇ ଥିବାବେଳେ ଉପ-ସଭାପତି ଭାବେ ଶ୍ୟାମ ସୁନ୍ଦର ଶତପଥି, କାର୍ଯ୍ୟକାରୀ ସଭାପତି

କାହ୍ନୁ ଚରଣ ମହାନ୍ତି, ସଂପାଦକ ଭାବେ ଅତିସ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଦିଆଯିବା ସହ ତାଙ୍କୁ ସହଯୋଗ କରିବା ପାଇଁ ଦିବାକର ଦାସ, ଜଗବନ୍ଧୁ ବାରିକ ଓ ଭୀମ ସେନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଶୃଙ୍ଖଳା କମିଟିରେ ୧୯ଜଣ, ଅର୍ଥ କମିଟିରେ ୧୧ ଜଣ, ପ୍ରଚାର ଓ ପ୍ରସାର କମିଟିରେ ୭ଜଣ, ସାଂସ୍କୃତିକ କମିଟିରେ ୧୫ଜଣ, ସଂଯୋଜନା କମିଟିରେ ୨୨ ଜଣ ସାହିତ୍ୟ ଭିତ୍ତିକ କମିଟିରେ ୫ଜଣ ଏବଂ ଅତିଥି ଅଭ୍ୟର୍ଥନା କମିଟିରେ ୬ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉଦ୍‌ଘାଟନୀ ଉତ୍ସବ ଅର୍ଥାତ୍ ୨୨ ତାରିଖ ସନ୍ଧ୍ୟାରେ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ସେହିପରି ୨୩ ତାରିଖରେ 'ବୁଢ଼ା ଶଂଖାରୀ' ଓ ୨୪ ତାରିଖରେ 'ଆସିଛି ଏକା ଯିବି ମୁଁ ଏକା', ଦୁଇ ଦିନ ବ୍ୟାପି ଗ୍ରାମର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ଅନୁଷ୍ଠିତ ହେବ । ତେବେ ପଣସା ପଞ୍ଚାୟତ ଓ ଯାଜପୁର ସହରରେ ଥିବା ବୁଦ୍ଧିଜୀବୀ ଜ୍ଞାନୀ ଗୁଣି ଓ ଜନସାଧାରଣ ନାଟକକୁ ଭଲ ପାଉଥିବା କଳାକାର ଏବଂ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଉକ୍ତ ଉତ୍ସବରେ ଯୋଗଦେବାକୁ ଶତବାର୍ଷିକ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ଏବଂ ଏଥିସହିତ ଯାଜପୁର ସହରରେ ଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି ।

ଓଜେୟୁ ଜିଲ୍ଲା ସଭାପତିଙ୍କ ପରଲୋକ

ଗଞ୍ଜାମ, ୧୪ ।୫:(ମନ୍ଥନ)ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା ସଭାପତି ରବିନ୍ଦ୍ର ପଟ୍ଟନାୟକଙ୍କ (୬୪) ବର୍ଷ ବୟସରେ ବିୟୋଗ ଘଟିଛି । ଯାହାକୁନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କର ହୃଦଘାତରେ ନିଜ ଭାସଭବନରେ ବିୟୋଗ ଘଟିଥିଲା । ନିଜ ଗାଁ କଙ୍କରଡା ସ୍ମଶାନ ରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।ପୁତ୍ର ବିଭୁ ପ୍ରସାଦ ତାଙ୍କର ମୁଖାଗ୍ନି ଦେଇଥିଲେ ।ଶତାଧିକ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ।ସେ ଜଣେ ପରୋପକାରୀ, ନିର୍ଭିକ, ସଚୋଟ, ଧର୍ମପରାୟଣ, ସତ୍ୟବାଦୀ ପ୍ରକୃତିର ବ୍ୟକ୍ତିତ୍ୱ ରହିଥିଲେ । ସେ ଓ ଜେ ୟୁ ର ଜିଲ୍ଲାର ଦାୟିତ୍ୱ ନେବା ଦିନ ଠାରୁ ସମ୍ବାଦିକ ମାନଙ୍କ ସାମୂହିକ ବିକାଶ ପାଇଁ ଉଦ୍ୟମ କରି ଆସୁଥିଲେ । ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ, ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଉପସଭାପତି ଦୀପକ କୁମାର ସାହୁ ପ୍ରମୁଖଙ୍କ ସମେତ ଓଡିଶାର ବିଭିନ୍ନ ଜିଲ୍ଲାର ସମ୍ବାଦିକ ମାନେ ଶୋକବ୍ୟକ୍ତ କରିଥିଲେ । ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସମ୍ପାଦକ ଶିବ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ଭାସ୍କର ବେହେରା, ସରୋଜ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ରମେଶ ଗୌଡ଼ ପ୍ରମୁଖ ସମ୍ବାଦିକ ତାଙ୍କ ବାସ ଭାବନାରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

ଶୁଖିଲା ପଡ଼ିଛି ଅଙ୍ଗ ନଦୀ,ପିଇବା ପାଣି ର ଉତ୍କଟ ସମସ୍ୟା ଭୋଗୁଛନ୍ତି,ନଦୀ ଖଣ୍ଡି ଗ୍ରାମବାସୀ

ବଲାଙ୍ଗୀର, ୧୪ ।୫:(ମନ୍ଥନ)ବଲାଙ୍ଗୀର ଜିଲ୍ଲାରେ ଅବସ୍ଥିତ ଥିବା ଅଙ୍ଗନଦି ର ତଳ ମୁଣ୍ଡ ଉଭୟ ପଟ ର ଗ୍ରାମ ମାନଙ୍କରେ ପାନୀୟ ଜଳର ଉତ୍କଟ ସମସ୍ୟା ବଢ଼ିବାରେ ଲାଗିଛି,ଗ୍ରୀଷ୍ମ ପ୍ରବାହ ସମୟରେ ପିଇବା ପାଣି ପାଇଁ ହାହାକାର ପରିସ୍ଥିତି ଉପୁଜିଛି । ଯାହାର ଜ୍ୱଳନ୍ତ ଉଦାହରଣ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ର ବଡ ଗ୍ରାମ ଦିଗସିରା,ଗୋଟିଏ ଗାଁ ଗୋଟିଏ ଗ୍ରାମ ପଞ୍ଚାୟତ । ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମ ପଞ୍ଚାୟତ ର ଡୁଙ୍ଗୁରିପାଲି ଗ୍ରାମୟଅଙ୍ଗ ନଦୀ ର ପାଣି ସ୍ରୋତ କମିଯିବାରୁ ଏହି ଗ୍ରାମ ମାନଙ୍କରେ ଆବଶ୍ୟକ ପାଣି ମିଳିପାରୁନାହିଁ । ରାଜ୍ୟ ଓ କେନ୍ଦ୍ର ସରକାର ଭୂତଳ ଜଳ କୁ ସଂଗ୍ରହ କରିବାକୁ ଏ ସବୁର ଆବଶ୍ୟକତାକୁ ମେଣ୍ଟାଇବାକୁ ଯଥା ପିଇବା ପାଣି,ଚାଷ ପାଇଁ ପାଣି, ପଶୁ ପକ୍ଷୀଙ୍କ ପାଇଁ ପାଣି,ମାଛ ଚାଷ ପାଇଁ ଭୂତଳ ଜଳ କୁ ବ୍ୟାରେଜ ର୍ନିମାଣ ଆରମ୍ଭ କରିବାକୁ ପ୍ରସ୍ତାବ ରଖି ବିଗତ ସରକାର କୁଟାସିଂହା ଗ୍ରାମରେ ଏକ ନଦୀ ଗର୍ଭରେ ବ୍ୟାରେଜ୍ ର୍ନିମାଣ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ । ଏହି ପ୍ରକଳ୍ପ ହେଲେ ବଲାଙ୍ଗୀର ଜିଲ୍ଲା ର ଓ ସୋନପୁର ଜିଲ୍ଲା ର ୩୦ ଗୋଟି ଗ୍ରାମ ର ଲୋକ ଉପକୃତ ହେବେ ବୋଲି ଅଞ୍ଚଳର ସାମାଜିକ କର୍ମୀ,ବୁଦ୍ଧିଜୀବୀ ,ବରିଷ୍ଠ ନାଗରିକ ମାନେ ମତାମତ ଦେଇଛନ୍ତି । ଏଥିପାଇଁ ବାରମ୍ବାର ସ୍ଥାନୀୟ ର୍ନିବାଚିତ ଲୋକ ପ୍ରତିନିଧିଙ୍କୁ ଜଣାଇଥିବା କହିଛନ୍ତି । ତେଣୁ ଶୀଘ୍ର ବିଭାଗୀୟ ଅଧିକାରୀ ମାନେ ଏ କାମ ବା ନଦୀ ଗର୍ଭ ଜଳ ଅମଳ ପ୍ରକଳ୍ପ ବ୍ୟାରେଜ ର୍ନିମାଣ କରିବାକୁ ଅଞ୍ଚଳରେ ଦାବି ହୁଏ ।

ଗୋଚାଲନାକାରୀ ଭାବି ଗୋପାଳକଙ୍କୁ ମରଣାତ୍ମକ ଆକ୍ରମଣ ଥାନାରେ ଅଭିଯୋଗ

ଡେଲାଙ୍ଗ, ୧୪ ।୫:(ମନ୍ଥନ)ଡେଲାଙ୍ଗ ଥାନା ଅଂଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ୩ଜଣ ଗୋପାଳକଙ୍କୁ ବଜରଙ୍ଗ ଦଳ ପକ୍ଷରୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆବାହନ କାଳରୁ ବର୍ଷା ଋତୁ ଆଗମନ ପୂର୍ବରୁ ଦେଶପଟ୍ଟୁ ଗୋପାଳକମାନେ ଗାଇଗୋରୁ ମାନଙ୍କୁ ନେଇ ପରଙ୍ଗ (ପାହାଡିଆ) ଅଂଚଳକୁ ଚରାଇବାକୁ ନେଇଯାଇଥାନ୍ତି । ବର୍ଷା ଋତୁ ପାଇଁ ଗୋରୁ ଚରିବା ପାଇଁ ସୁବିଧା ନଥିବାରୁ ଗୋରୁମାନଙ୍କୁ ପାହାଡିଆ ଅଂଚଳକୁ ନେଇଥାନ୍ତି । ଗତ ୧୨ ତାରିଖ ରାତିରେ ପୋଡଙ୍ଗ ଗ୍ରାମର ଗୋପାଳକ କୈଳାସ ବେହେରାଙ୍କ ପୁଅ ବିକାଶ ବେହେରା ସ୍ଥାନିୟ ସରପଂଚଙ୍କ ଠାରୁ ଗୋପାଳନର ଏକ ଲେଖା ସହିତ ତାଙ୍କ ସମ୍ପର୍କୀୟମାନଙ୍କ ସହିତ ଗୋରୁ ନେଇ ପରଙ୍ଗ ଯାଉଥିବା ବେଳେ ଗଡମାଣିତ୍ରି ଗ୍ରାମରେ କେତେକ ଲୋକେ ବଜରଙ୍ଗ ଦଳର ପରିଚୟ ଦେଇ ଗୋପାଳକଙ୍କୁ ଅଟକାଇ ଗୋଚାଲଣ ସନ୍ଦେହରେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହିତ ମାଡମାରି ମୋବାଇଲ୍ ଫୋନ , ବାଇକ୍ ଓ ୧୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଛଡାଇ ନେଇଥିବା ଗୋପାଳକ କୈଳାସ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ଗୋପାଳକଙ୍କୁ ଆକ୍ରମଣ ଖବର ପାଇ ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆହତଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତଖାନାରେ ଚିକିତ୍ସା କରାଯାଇଛନ୍ତି । ସେହିପରି ବଜରଙ୍ଗ ଦଳ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏନେଇ ଡେଲାଙ୍ଗ ଥାନାରେ ପୃଥକ ମାମଲା ରୁଜୁ କରାଯାଇଛି । ୫ ଜଣ ଗୋପାଳକଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ପୋଲିସ ଠାରୁ ସୁଚନା ମିଳିଛି ।

୨୪୪ଲିଟର ଚୋରାମଦ ଜବତ, ୧୦ଗିରଫ

କେନ୍ଦ୍ରାପଡ଼ା, ୧୪ ।୫:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, କେନ୍ଦ୍ରାପଡ଼ା ସଦର ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବଡମୋହନପୁର ଗ୍ରାମର ମନୋରଞ୍ଜନ ମଳିକ(୫୫)ଙ୍କ ଠାରୁ ୪୫ ଲିଟର ଚୋରା ବିଦେଶୀ ମଦ, ସଂକୁରପୁର ଗ୍ରାମର ବିଜୟ କୁମାର ସେଠୀ(୬୦)ଙ୍କ ଠାରୁ ୨୧ ଲିଟର ଚୋରା ଦେଶୀ ମଦ, ତେରୋହୀ ଗ୍ରାମର କେଶବ ଚନ୍ଦ୍ର ମଳିକ(୪୩)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, କଂସାର ଗ୍ରାମର ଝୁମର ନାୟକ(୪୭)ଙ୍କ ଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ଛାଛୁଣିଆ ଗ୍ରାମର ଅମର ସେଠୀ(୪୯)ଙ୍କ ଠାରୁ ୧୫ ଲିଟର ଚୋରା ଦେଶୀ ମଦ, ସାହସପୁର ଗ୍ରାମର ରଜନୀକାନ୍ତ ମଳିକ(୨୭)ଙ୍କ ଠାରୁ ୩୭ ଲିଟର ଚୋରା ବିଦେଶୀ ମଦ, ନୂଆଗାଁ ଗ୍ରାମର ଦେବାଶିଷ ବେହେରା(୨୯)ଙ୍କ ଠାରୁ ୧୩ ଲିଟର ଚୋରା ବିଦେଶୀ ମଦ, ଭଗବାନପୁର ଗ୍ରାମର ଦେବଦତ୍ତ ନାୟକ(୪୫)ଙ୍କ ଠାରୁ ୧୯ ଲିଟର ଚୋରା ଦେଶୀ ମଦ, ଗର୍ଜଙ୍ଗା ଗ୍ରାମର ଦମୟନ୍ତୀ ମଳିକ(୩୩)ଙ୍କ ଠାରୁ ୩୫ ଲିଟର ଚୋରା ବିଦେଶୀ ମଦ, କୈଳାସ ଚନ୍ଦ୍ର ସେଠୀଙ୍କ ଠାରୁ ୫ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୨୪୪ ଲିଟର ବିଦେଶୀ ଓ ଦେଶୀ ଚୋରା ମଦ ଜବତ କରାଯାଇ ୧୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ସୁଶ୍ରୀ ରତ୍ନପ୍ରଭା ସ୍ୱାଇଁ, ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରିମାନେ ସାମିଲ ଥିଲେ ।

ଏସଆଇଏଚଏମ, ବଲାଙ୍ଗୀର ଠାରେ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ / ପୂର୍ବତନ ଅନ୍ତେବାସୀଙ୍କ ଶିକ୍ଷାମୂଳକ ଭ୍ରମଣ

ବଲାଙ୍ଗୀର, ୧୪ ।୫:(ମନ୍ଥନ)ବଲାଙ୍ଗୀର ଠାରେ ଅବସ୍ଥିତ ଥିବା ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ର ଆୟୋଜନ କ୍ରମେ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ / ପୂର୍ବତନ ଅନ୍ତେବାସୀ ମାନଙ୍କ ପାଇଁ ଏକ ଶିକ୍ଷା ମୂଳକ ଭ୍ରମଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯକ୍ରମରେ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ, ଫୋଷ୍ଟର କେୟାର ଓ ଆଫ୍ଟର କେୟାର ଯୋଜନା ଅଧୀନରେ ଥିବା ଅନ୍ତେବାସୀ, ପୂର୍ବତନ ଅନ୍ତେବାସୀ ତଥା ହିତାଧିକାରୀମାନଙ୍କ ପାଇଁ ବଲାଙ୍ଗୀର ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ଠାରେ ଏକ ଶିକ୍ଷାମୂଳକ ଭ୍ରମଣ ସୁଚାରୁରୂପେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶରେ ଏହି ଶିଶୁ ମାନଙ୍କୁ ଶିକ୍ଷା ଦେବାକୁ



,ଉତ୍ସାହିତ କରିବାକୁ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ରୀ ଆଶିଷ କୁମାର ନାୟକ,ପିଓଆଇସି,ଶିଶୁ ମଙ୍ଗଳ ସମିତି ର ଲିନା ବାବୁ, ଶ୍ରୀ ସୁଧାଂଶୁ ଶେଖର କୁମ୍ଭାର, ପିଓଏନଆଇସି, ଶ୍ରୀ ଦିଗମ୍ବର କର, ଏଲପିଓ, ସାମାଜିକ କର୍ମୀ, ହରିବନ୍ଧୁ ରାଉତ, ଅରୁଣ କୁମାର ଖୁଆସ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ ବଲାଙ୍ଗୀର ଜିଲ୍ଲାର ୫ ଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ, କର୍ମଚାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏସଆଇଏଚଏମ, ବଲାଙ୍ଗୀର ଅଧ୍ୟାପକମଣ୍ଡଳୀ ପ୍ରତିଷ୍ଠାନରେ ଉପଲବ୍ଧ ସମସ୍ତ ସୁବିଧା ଓ ପ୍ରଶିକ୍ଷଣ ପାଠ୍ୟକ୍ରମ,ପାଠ୍ୟକ୍ରମ ସହ ତିନି ତାରକା ଓ ପଞ୍ଚ ତାରକା ହୋଟେଲ ମାନଙ୍କରେ ନିଯୁକ୍ତି ସମ୍ପର୍କରେ ପରିଦର୍ଶନରେ ଆସିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଶିଶୁମାନଙ୍କ ସାମଗ୍ରିକ ଉନ୍ନତି ପାଇଁ ନାମଲେଖା ପ୍ରକ୍ରିୟା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୁନିର୍ଦ୍ଦିଷ୍ଟ ପ୍ରଦର୍ଶନ କରାଯାଇଥିଲା । ଏହି ଶିକ୍ଷାମୂଳକ ଭ୍ରମଣ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଥିଲା ଏବଂ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ ଓ କର୍ମଚାରୀମାନଙ୍କ ପାଇଁ ଏକ ଶିକ୍ଷା ହୋଇଥିଲା ।

ସ୍ୱର୍ଣ୍ଣ ଲତା ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

କୋଣାର୍କ, ୧୪ ।୫:(ମନ୍ଥନ) ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସ୍ୱର୍ଣ୍ଣ ଲତା ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି । ଖବରରୁ ପ୍ରକାଶ ଯେ ସ୍ୱର୍ଣ୍ଣ ଲତା ନର୍ସିଂ କଲେଜର ନିର୍ଦ୍ଦେଶକ ଅଚ୍ୟୁତ ରାଧାକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେବିକା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ସଭାପତି ନିରଞ୍ଜନ ସାହୁ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, ସ୍ୱର୍ଣ୍ଣଲତା ନର୍ସିଂ କଲେଜ ଅଧ୍ୟକ୍ଷା ସସ୍ମିତା ସ୍ୱାଇଁ, କୋଣାର୍କ ଥାନା ଏସଆଇ ସ୍ୱରାଜ କେଶରୀ ସିଂ ଓ ଶରତ ଲେଙ୍କା ପ୍ରମୁଖ ଯୋଗ ଦେଇ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଓ ତ୍ୟାଗ ଓ ସେବା ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ

ଜୀବନ ଦାୟିନୀ ଭାବେ ସମାଜରେ ସେବିକା ମାନଙ୍କର ଭୂମିକା ଅତୁଳନୀୟ । ସେମାନଙ୍କ ନିଷ୍ପାପର ସେବା ମନୋଭାବ ଓ ନିଃସ୍ୱାର୍ଥପର ସ୍ୱାସ୍ଥ୍ୟ ସେବା ସମାଜର ଅନଗ୍ରସର ଓ ଅସହାୟ ବର୍ଗର ଲୋକ ମାନଙ୍କ ସାହା ଭରସାର ପ୍ରତୀକ ପାଲଟି ଥିବା ବେଳେ ସେମାନଙ୍କ ଭୂମିକା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁବାଶିଷ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ କୁଇଜ୍, ବକ୍ତୃତା ପ୍ରତିଯୋଗୀତା, ମେହେନ୍ଦୀ ପ୍ରତି ଯୋଗିତା ଓ ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶ୍ରାବଣୀ ନାୟକ, ଅନିତା ରାଣୀ ବେହେରା, ବାବୁରାମ ସ୍ୱାଇଁ, ରଶ୍ମିତା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସମାଜସେବୀ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର କବିତା ପାଠ ଆସର

ବଲାଙ୍ଗୀର, ୧୪ ।୫:(ମନ୍ଥନ)ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ଐତିହାସିକ ଗ୍ରାମ କୁଟାସିଂହାରେ ଶବ୍ଦ ନୃତ୍ୟର ଆଦିଗୁରୁ ଭଜମନ ଦାସ କଳା ପରିଷଦ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସୁରେଶ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଅତିଥିଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ପରେ ଅଧିକାରୀ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ସଭା କରିଥିଲେ । ଅନୁଷ୍ଠାନ ର ସଭାପତି ତଥା ସରପଞ୍ଚ ଡିଗ୍ରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଆସୁ କବି ବିପ୍ର ଚରଣ ସାହୁ,ମୁଖ୍ୟ ବକ୍ତା ସାହିତ୍ୟିକ ଉମାକାନ୍ତ ହୋତା, ସ୍ୱତନ୍ତ୍ର ଅତିଥି ଡ଼ ସୁବାସ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ସାଲେଭଟା ସମ୍ବାଦ ପ୍ରତିନିଧି ସନ୍ତୋଷ ବିଶି, ଆଗଲପୁର ବ୍ଲକ ବିଜେପି ମଣ୍ଡଳ ସଭାପତି ତଥା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ କୁଟାସିଂହା ପଞ୍ଚାୟତ ନୋମିନି ଶ୍ରୀଯୁକ୍ତ ନିରଞ୍ଜନ ଦେହେରି ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କୁ ବାଦ ଦେଇ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଉପରେ ଆଲୋଚନା ଅସମ୍ପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ ।

ଆଞ୍ଚଳିକ ମନ୍ଥନ

ଶୁକ୍ରବାର, ୧୫, ମଇ, ୨୦୨୬ Friday,15 May 2026, Bhubaneswar

ଗୋଚାଲାନକାରୀ ଭାବି ଗୋପାଳଙ୍କୁ ମରଣାତ୍ମକ ଆକ୍ରମଣ, ଥାନାରେ ଅଭିଯୋଗ

ଡେଲାଙ୍ଗ,୧୪।୫:(ମନ୍ଥନ)ଡେଲାଙ୍ଗ ଥାନା ଅଂଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ୩ଜଣ ଗୋପାଳକଙ୍କୁ ବଜରଙ୍ଗ ଦଳ ପକ୍ଷରୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆବାହନ କାଳରୁ ବର୍ଷା ଋତୁ ଆଗମନ ପୂର୍ବରୁ ଦେଶପଟୁ ଗୋପାଳକମାନେ ଗାଈଗୋରୁ ମାନଙ୍କୁ ନେଇ ପରଙ୍ଗ (ପାହାଡିଆ) ଅଂଚଳକୁ ଚରାଇବାକୁ ନେଇଯାଇଥାନ୍ତି । ବର୍ଷା ଋତୁ ପାଇଁ ଗୋରୁ ଚରିବା ପାଇଁ ସୁବିଧା ନଥିବାରୁ ଗୋରୁମାନଙ୍କୁ ପାହାଡିଆ ଅଂଚଳକୁ ନେଇଥାନ୍ତି । ଗତ ୧୨ ତାରିଖ ରାତିରେ ପୋଡଙ୍ଗ ଗ୍ରାମର ଗୋପାଳକ କୈଳାସ ବେହେରାଙ୍କ ପୁଅ ବିକାଶ ବେହେରା ସ୍ଥାନିୟ ସରପଂଚଙ୍କ ଠାରୁ ଗୋପାଳନର ଏକ ଲେଖା ସହିତ ତାଙ୍କ ସମ୍ପର୍କୀୟମାନଙ୍କ ସହିତ ଗୋରୁ ନେଇ ପରଙ୍ଗ ଯାଉଥିବା ବେଳେ ଗଡମାଣିତ୍ରି ଗ୍ରାମରେ କେତେକ ଲୋକେ ବଜରଙ୍ଗ ଦଳର ପରିଚୟ ଦେଇ ଗୋପାଳକଙ୍କୁ ଅଟକାଇ ଗୋଚାଲଣ ସନ୍ଦେହରେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହିତ ମାଡମାରି ମୋବାଇଲ୍ ଫୋନ , ବାଇକ୍ ଓ ୧୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଛଡାଇ ନେଇଥିବା ଗୋପାଳକ କୈଳାସ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ଗୋପାଳକଙ୍କୁ ଆକ୍ରମଣ ଖବର ପାଇ ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆହତଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତଖାନାରେ ଚିକିତ୍ସା କରାଯାଇଛନ୍ତି । ସେହିପରି ବଜରଙ୍ଗ ଦଳ ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିବା ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।ଏନେଇ ଡେଲାଙ୍ଗ ଥାନାରେ ପୃଥକ ମାମଲା ରଜୁ କରାଯାଇଛି । ୫ ଜଣ ଗୋପାଳକଙ୍କୁ ପୋଲିସ ଥାନାରେ ଆଟକ ରଖି ତଦନ୍ତ ଚଳାଇଥିବା ପୋଲିସ ଠାରୁ ସୁଚନା ମିଳିଛି ।

ବିଜ୍ଞାନ ଓ ବିଶ୍ୱାସ ର ଲଢେଇରେ - ଅସ୍ତିତ୍ୱ ହରାଇଛି ଚୁନାଘାଟି ର 'ମା' ଙ୍କ ମନ୍ଦିର !

କୋଇଡା,୧୪।୫:(ମନ୍ଥନ)ସୁନ୍ଦରଗଡ଼ ଜିଲ୍ଲା କେ-ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ର 'ଚୁନାଘାଟି' ସମଗ୍ର ଓଡିଶା ରେ ଜନସାଧାରଣଙ୍କ ପାଇଁ ଦୁର୍ଘଟଣା ସ୍ଥାନ ବୋଲି ପରିଚିତ । ବର୍ଷକୁ ହାରାହାରି ୨୦୦ରୁ ଉର୍ଦ୍ଧ ଦୁର୍ଘଟଣା ସହ ମୃତ୍ୟୁ ହେଉଥିବା ରୁ ଏହାକୁ 'ବ୍ଲାକ୍ ସ୍ପଟ୍' ଭାବେ ଗାଡି ଚାଳକ ଚିହ୍ନଟ କରିଛନ୍ତି । ସ୍ଥାନୀୟ ଡ୍ରାଇଭର ମାନଙ୍କ (ବିଜ୍ଞାନ ଭାଷା) ରେ କହିବା ଅନୁଯାଇ NHAI ର ତ୍ରୁଟିପୂର୍ଣ୍ଣ ରୋଡ୍ ଇଞ୍ଜିନିୟରିଂ ଡିଜାଇନ୍ ଏହି ଦୁର୍ଘଟଣାର ମୁଖ୍ୟ କାରଣୟ ତେବେ ପ୍ରଶ୍ନ ଉଠୁଛି ଘାଟି ରାସ୍ତାର 'ଲଙ୍ଗିଚ୍ୟୁଡିନାଲ୍ ଗ୍ରାଡିଏଣ୍ଟ୍' ଯାହା IRC ର ମାନଦଣ୍ଡ ଅନୁସାରେ ହୋଇଛି ନା ହୋଇନାହିଁ । କାରଣ ଘାଟିର ଗଠନ ଢାଲୁଆ ହୋଇଥିବାରୁ ଭାରୀ ଯାନଗୁଡ଼ିକ ତଳକୁ ଓହ୍ଲାଇବା ସମୟରେ ନିୟନ୍ତ୍ରଣ ହରାଇ ବ୍ରେକ୍ ଫେଲ ହେଉଛି ।ଏତେ ବଡ଼ ବିପଦଜନକ ଘାଟିରେ ଆବଶ୍ୟକୀ ସ୍ଥାନ ରେ ସୂଚନା ବୋର୍ଡ, କିମ୍ବା ସୋଲାର ଆଲୋକ ସିଗନାଲ ବ୍ୟବସ୍ଥା କାହିଁକି ନାହିଁ । ସ୍ଥାନୀୟ ବାସିନ୍ଦାଙ୍କ ଏହି ଘାଟି କୁ ନେଇ ଭିନ୍ନ ମତ ଯାହା ଅଲୌକିକ ଆଧାମିକ



ବିଶ୍ୱାସ ଏବଂ ଆସ୍ଥା ସହିତ ଜଡ଼ିତ ରହିଛି । ତାଙ୍କ କହିବା ଅନୁଯାଇ ବହୁ ବର୍ଷ ପୂର୍ବରୁ ଏହି ଚୁନାଘାଟି ରେ ଏହିପରି ବହୁତ ଦୃଘଟଣା ହେଉଥିଲା ଏବଂ ଜୀବନ ଯାଉଥିଲା । ସେହି ସମୟ ରେ କେ-ବଲାଙ୍ଗ ଥାନା ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଙ୍କ ମିଳିତ ଉଦ୍ୟମ ରେ ୧୯୯୨ ମସିହା ଅକ୍ଷୟାତୃତୀୟା ରେ ମା ବନଦୁର୍ଗା ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସେହି ଦିନ ଠାରୁ ଦୁର୍ଘଟଣା ହେଉନଥିଲା ଯଦିବି ହେଉଥିଲା କାହାର ମୃତ୍ୟୁ ହେଉନଥିଲା । ଚାଳକମାନେ ବିଶ୍ୱାସ ଥିଲା 'ମା' ଙ୍କ ପୂଜାର୍ଚ୍ଚନା ହେଉଛି ଅର୍ଥ ଆମେ ସୁରକ୍ଷିତ ଅଛୁ । ଆଧାମିକ ପରିବେଶ ତାଙ୍କୁ ଏହି ଘାଟି ଚଳାଇବା ପାଇଁ ନୂଆ ବିଶ୍ୱାସ ଦେଉଥିଲା । ସମୟ ର ପରିବର୍ତ୍ତନ ସହ ରାଜପଥ ସମ୍ପ୍ରସାରଣ ଆରମ୍ଭ ହେଲା କିନ୍ତୁ ମନ୍ଦିରଟି ଉପେକ୍ଷିତ ହୋଇ ଅସ୍ତିତ୍ୱ ହରାଇ ବସିଲାୟ ସ୍ଥାନୀୟ ବାସୀ ଙ୍କ ଅନୁଯାଇ NHAI ରାସ୍ତା କରିବା ସମୟ ରେ ମନ୍ଦିର କୁ ଯିବା ପାଇଁ ସମସ୍ତ ରାସ୍ତା ବନ୍ଦ କରି ଦେଲା । ଯାହା ଫଳସ୍ୱରୂପ ',ମା' ଙ୍କ ପୂଜାର୍ଚ୍ଚନା ହୋଇପାରିଲା ନାହିଁ । NHAI କର୍ତ୍ତୃପକ୍ଷ ଙ୍କୁ ଏହି ସ୍ଥାନ ର ଇତିହାସ ବିଷୟ ରେ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ହୋଇପାରିଲା ନାହିଁ । ଯେଉଁଠି ବିଜ୍ଞାନ ହାର୍ ମାନୁଛି,ଲୋକଙ୍କ ବିଶ୍ୱାସ ଯେ ମନ୍ଦିରର ପୁନରୁଦ୍ଧାର ହିଁ ଘାଟିକୁ ଶାନ୍ତ କରାଯାଇପାରିବ । ଯଦି ଇତିହାସ ପୃଷ୍ଠା କୁ ଲେଉଟାଯାଏ ତେବେ ଯୋଡ଼ା ର କାଳୀ ମନ୍ଦିର,ଟେନସକ୍ଷ ଘାଟି ର ବନଦୁର୍ଗାମନ୍ଦିର,ଚମ୍ପାଝରଣ ର ଶିବ ପାର୍ବତୀ ମନ୍ଦିର ଏହିପରି ଅନେକ ଉଦାହରଣ ରହିଛି । NHAI ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ମା ବନ ଦୁର୍ଗା ପୁନଃଉଦ୍ଧାର ସହିତ ଏଠାରେ ବିଶ୍ରାମ ସ୍ଥାନ ପାଇଁ ବ୍ୟବସ୍ଥା କରନ୍ତି ତେବେ ଦୁର୍ଘଟଣା ରୋକିବା ସମ୍ଭବ ହୋଇପାରିବ ବୋଲି ଏଠିକାର ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି ।

ଯାଜପୁରରେ ଅନୁଷ୍ଠିତ ହେବ ବିଶ୍ୱଶାନ୍ତି ମହାଯଜ୍ଞ

ଯାଜପୁର:୧୪.୦୫ ()
ଯଜ୍ଞପୁର ଯାଜପୁର ରେ ଅନୁଷ୍ଠିତ ହେବ ବିଶ୍ୱଶାନ୍ତି ମହାଯଜ୍ଞ । କାହ୍ନା ମହାରାଜଙ୍କୁ ସ୍ୱପ୍ନାଦେଶ ପରେ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜି ବ୍ରାହ୍ମଣ ସମାଜ କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସପ୍ତମାତୃକା ସମ୍ମୁଖ ବୈତରଣୀ ନଦୀ ଦଶ୍ୱାସମେଧ ଘାଟରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜଗତ ମଙ୍ଗଳ ଉଦେଶ୍ୟରେ ୯ ଦିନ ଧରି ଏହି ଯଜ୍ଞ ଅନୁଷ୍ଠିତ ହେଉଥିବା ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି । ଏହି ପଂଚକୁଣ୍ଡିଅ ମହାଯଜ୍ଞରେ ଲକ୍ଷେ ଆହୁତି ଦିଆଯିବାର ପରିକଳ୍ପନା କରାଯାଇଛି । ପ୍ରଶାସନିକ ଅନୁମୋଦନ ପରେ ପରବର୍ତୀ ସମୟ ରେ ମହାଯଜ୍ଞ ତାରିଖ ଘୋଷଣା କରାଯିବ ।

ଏସଆଇଏଚଏମ, ବଲାଙ୍ଗୀର ଠାରେ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ / ପୂର୍ବତନ ଅନ୍ତେବାସୀଙ୍କ ଶିକ୍ଷାମୂଳକ ଭ୍ରମଣ

ବଲାଙ୍ଗୀର,୧୪।୫:(ମନ୍ଥନ)ବଲାଙ୍ଗୀର ଠାରେ ଅବସ୍ଥିତ ଥିବା ଷ୍ଟେଟ ଇନଷ୍ଟିଚୁଉଡ ଅଫ ହୋଟେଲ ମ୍ୟାନେଜମେଣ୍ଟ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ର ଆୟୋଜନ କ୍ରମେ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ / ପୂର୍ବତନ ଅନ୍ତେବାସୀ ମାନଙ୍କ ପାଇଁ ଏକ ଶିକ୍ଷା ମୂଳକ ଭ୍ରମଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯକ୍ରମରେ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ, ଫୋଷ୍ଟର କେୟାର ଓ ଆଫ୍ଟର କେୟାର ଯୋଜନା ଅଧୀନରେ ଥିବା ଅନ୍ତେବାସୀ, ପୂର୍ବତନ ଅନ୍ତେବାସୀ ତଥା ହିତାଧିକାରୀମାନଙ୍କ ପାଇଁ ବଲାଙ୍ଗୀର ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ଠାରେ ଏକ ଶିକ୍ଷାମୂଳକ ଭ୍ରମଣ ସୁଚାରୁରୂପେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଜିଲ୍ଲାପାଳ

ଙ୍କ ନିର୍ଦ୍ଦେଶରେ ଏହି ଶିଶୁ ମାନଙ୍କୁ ଶିକ୍ଷା ଦେବାକୁ ,ଉତ୍ସାହିତ କରିବାକୁ ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ରୀ ଆଶିଷ କୁମାର ନାୟକ,ପିଓଆଇସି,ଶିଶୁ ମଙ୍ଗଳ ସମିତି ର ଲିନା ବାବୁ, ଶ୍ରୀ ସୁଧାଂଶୁ ଶେଖର କୁମ୍ଭାର, ପିଓଏନଆଇସି, ଶ୍ରୀ ଦିଗମ୍ବର କର, ଏଲପିଓ, ସାମାଜିକ କର୍ମୀ, ହରିବନ୍ଧୁ ରାଉତ, ଅରୁଣ କୁମାର ଖୁଆସ , ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ ବଲାଙ୍ଗୀର ଜିଲ୍ଲାର ୫ ଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ, କର୍ମଚାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେୟଏସଆଇଏଚଏମ, ବଲାଙ୍ଗୀର ଅଧ୍ୟାପକମଣ୍ଡଳୀ ପ୍ରତିଷ୍ଠାନରେ ଉପଲବ୍ଧ ସମସ୍ତ ସୁବିଧା ଓ ପ୍ରଶିକ୍ଷଣ ପାଠ୍ୟକ୍ରମ,ପାଠ୍ୟକ୍ରମ ସହ ତିନି ତାରକା ଓ ପଞ୍ଚ ତାରକା ହୋଟେଲ ମାନଙ୍କରେ ନିଯୁକ୍ତି ସମ୍ପର୍କରେ ପରିଦର୍ଶନରେ ଆସିଥିବା ଛାତ୍ର, ଛାତ୍ରୀ ମାନଙ୍କୁ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ଶିଶୁମାନଙ୍କ ସାମଗ୍ରିକ ଉନ୍ନତି ପାଇଁ ନାମଲେଖା ପ୍ରକ୍ରିୟା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୁନିର୍ଦ୍ଦିଷ୍ଟ ପ୍ରଦର୍ଶନ କରାଯାଇଥିଲା ।ଏହି ଶିକ୍ଷାମୂଳକ ଭ୍ରମଣ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଥିଲା ଏବଂ ଶିଶୁ ଯତ୍ନ ଅନୁଷ୍ଠାନ ର ଅନ୍ତେବାସୀ ଓ କର୍ମଚାରୀମାନଙ୍କ ପାଇଁ ଏକ ଶିକ୍ଷା ହୋଇଥିଲା ।

ନିଟ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ଓ ପରୀକ୍ଷା ବାତିଲ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ଓ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ କୁଶପୁତଳିକା ଦାହ

ଅନୁଗୋଳ, ୧୪।୫:(ମନ୍ଥନ)ଆଜି ସନ୍ଧ୍ୟା ୬ଟା ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରୁ ସମସ୍ତ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଆସି ବଜାର ଛକଠାରେ ନିଟ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଓ ପରୀକ୍ଷା ବାତିଲ ଆଦି ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ପୂର୍ଣ୍ଣ ଭାବରେ ନୈତିକତା ଆଧାରରେ ଦୋଷୀ ହୋଇଥିବା ବେଳେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରତାରିତ କରିଛନ୍ତି । ଏହାର ଆଜି ପ୍ରତିବାଦ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ କୁଶପୁତଳିକା ଦାହ କରାଯାଇଛିୟ ଜିଲ୍ଲା କଂଗ୍ରେସ ଭବନଠାରୁ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ କେନ୍ଦ୍ର ସରକାରଙ୍କ ଅପାରଗତା ଓ ପରୀକ୍ଷା ପରିଚାଳନାରେ ବିଫଳତା, ପ୍ରଶ୍ନ ପତ୍ର ଲିକ୍ ନେଇ ବିଭିନ୍ନ ପ୍ରକାର ଶ୍ଲୋଗାନ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ । ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ପରୀକ୍ଷା ପରିଚାଳନାରେ ବିଫଳତା ସରକାର ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଅପାରଗତା ପ୍ରମାଣ ମିଳିଥିବାରୁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିବା କଥା । କିନ୍ତୁ ମୁହଁ ଫୁଟାଣିରେ ମାର ମାର ଭଣ୍ଡାରିଆକୁ ମାର ନୀତିରେ

ଦୋଷ ଅନ୍ୟ ଆଡ଼କୁ ଖସାଇ ଦେଇ ଦେବାପାଇଁ ତତ୍ପରତା ଦେଖାଇବା ସବୁଠାରୁ ବଡ ବିଫଳତା ବୋଲି ପ୍ରମାଣ କରୁଛି । ଏଣୁ ନୈତିକତା କଥା କହୁଥିବା ଲୋକ ଦେଖାଣିଆ ହେଉଛି । ଏହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତଳିକା ଦାହ କରିଥିଲେ । ଆଜିର ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ତପନ ପ୍ରଧାନ, ପ୍ରଫୁଲ୍ଲ ଦାସ, ନିଳକଣ୍ଠ ନାଏକ, ରାକେଶ ମିଶ୍ର, ବିନୋଦ ମାଝୀ, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରଶ୍ମି ରଞ୍ଜନ ସାହୁ, ପ୍ରଶାନ୍ତ ବିଶ୍ୱାଳ, ସଞ୍ଜୟ ସାହୁ, ମନୋଜ ସାହୁ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ସୁବାସ ସାହୁ, ଅଭୟ ସାହୁ, ସଂଗ୍ରାମ ବେହେରା, ଅରୁପ ସାମଲ, ଜଗନ୍ନାଥ ବେହେରା, ମାନିନୀ ପ୍ରଧାନ, ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ବାଗଧରାପୁରକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି ଜୋରଦାର

୭୦୦ରୁ ଅଧିକ ଜନସଂଖ୍ୟା, ୧୫୫ରୁ ଅଧିକ ପରିବାର ଅପେକ୍ଷାରେ

ଫୁଲନଖରା,୧୪।୫:(ମନ୍ଥନ)କଟକ ସଦର ବ୍ଲକ ଅନ୍ତର୍ଗତ ଆମଣ ଗ୍ରାମପଞ୍ଚାୟତର ଅଡାଳିଆ । ରାଜସ୍ୱ ଗ୍ରାମ ଅଧୀନରେ ଥିବା ବାଗଧରାପୁର ଗ୍ରାମ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରିନାହିଁ । ଗ୍ରାମର ଜନସଂଖ୍ୟା, ପ୍ରାଥମିକ ସୁବିଧା ଓ ଐତିହ୍ୟକୁ ଦୃଷ୍ଟିରେ ରଖିଲେ ଏହାକୁ ଦୀର୍ଘଦିନ ପୂର୍ବରୁ ରାଜସ୍ୱ ଗ୍ରାମ ଘୋଷଣା କରାଯିବା ଉଚିତ ଥିଲା ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ବାଗଧରାପୁର ଗ୍ରାମଟି ଆମଣ ଗ୍ରାମପଞ୍ଚାୟତର ୧୫ ଓ ୧୬ ନମ୍ବର ଦୁଇଟି ୱାର୍ଡକୁ ନେଇ ଗଠିତ । ଏଠାରେ ୭୦୦ରୁ ଅଧିକ ଲୋକ ବସୋବାସ କରୁଥିବାବେଳେ ୧୫୫ରୁ ଅଧିକ ପରିବାର ରହୁଛନ୍ତି । ଗ୍ରାମରେ ସମସ୍ତ ସମ୍ପ୍ରଦାୟର ଲୋକ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରୁଛନ୍ତି । ଗ୍ରାମର ଧାର୍ମିକ ଓ ସାମାଜିକ ଐତିହ୍ୟ ମଧ୍ୟ ଅତ୍ୟନ୍ତ ସମୃଦ୍ଧୟ ଇଷ୍ଟଦେବୀ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର, ମା' ଦୁଲ୍ଲାଦେଈଙ୍କ ପୀଠ ଏବଂ ପୀରବାବାଙ୍କ ମସଜିଦ୍ ପୀଠ ଏଠାରେ ଅବସ୍ଥିତ । ସେଥିସହ ଗ୍ରାମରେ ପ୍ରାୟ ୫୦ ବର୍ଷ ଧରି ଚାଲୁଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି, ଯେଉଁଠାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୋଇଆସୁଛି । ଗ୍ରାମରେ ବଡ଼ ଶାସନ ଏବଂ ୫ରୁ ୬ଟି ସାହିକୁ ସଂଯୋଗ କରୁଥିବା ପ୍ରଶସ୍ତ ରାସ୍ତା ମଧ୍ୟ ରହିଛି । ବାଗଧରାପୁରରୁ ଅଡାଳିଆ ଗ୍ରାମର ଦୂରତା ପ୍ରାୟ ୨ କିଲୋମିଟରରୁ ଅଧିକୟ ଏତେ ବଡ଼ ଜନବସତି ଥିବା ସତ୍ତ୍ୱେ ବାଗଧରାପୁର ଏପର୍ଯ୍ୟନ୍ତ ପଡ଼ାଗ୍ରାମ ଭାବେ ରହିଯାଇଛି । ଏହାକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଲେ ପ୍ରଶାସନିକ କାର୍ଯ୍ୟ ସହଜ ହେବା ସହିତ ରାସ୍ତା, ପାଣି, ବିଦ୍ୟୁତ, ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଉନ୍ନତି ଅଧିକ ଗତିଶୀଳ ହେବ ବୋଲି ଗ୍ରାମବାସୀଙ୍କ ମତୟ ଗତ କିଛି ବର୍ଷ ଧରି ଗ୍ରାମବାସୀମାନେ ତହସିଲ, ବ୍ଲକ ଓ ଜିଲ୍ଲା ପ୍ରଶାସନ ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ପୁନଃପୁନଃ ଦାବି ଜଣାଇଆସୁଛନ୍ତିୟ । ତଥାପି ଏପର୍ଯ୍ୟନ୍ତ ଏହି ଦାବି ଉପରେ କୌଣସି ସ୍ପଷ୍ଟ ପଦକ୍ଷେପ ନ ହୋଇଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆମଣ ଗ୍ରାମପଞ୍ଚାୟତର ୧୯ଟି ୱାର୍ଡ ମଧ୍ୟରୁ ଶେଷ ସୀମାରେ ଅବସ୍ଥିତ ବାଗଧରାପୁର ଆକାର, ଜନସଂଖ୍ୟା ଓ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ହେବାକୁ ସମ୍ପୂର୍ଣ୍ଣ ଯୋଗ୍ୟ ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ତେଣୁ ବାଗଧରାପୁରକୁ ଶୀଘ୍ର ରାଜସ୍ୱ ଗ୍ରାମର ମାନ୍ୟତା ଦେଇ ଏହି ଦୀର୍ଘଦିନର ଜନଦାବି ପୂରଣ କରିବାକୁ ଗ୍ରାମବାସୀମାନେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ଜୋରଦାର ଦାବି ଜଣାଇଛନ୍ତି ।

ମହିଧରପଡ଼ା-ଖଣ୍ଡାଗରରେ ଭକ୍ତି ଓ ସମ୍ମିଳନର ଅନନ୍ୟ ନଜିର ନଗର କୀର୍ତ୍ତନ ଓ ଅହରାତ୍ର ନାମସଂକୀର୍ତ୍ତନରେ ସଫଳ ହେଲା ଅଷ୍ଟମ ପ୍ରହର

ଫୁଲନଖରା,୧୪।୫:(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ମେଡିକାଲ ଛକ ବଜାର ପରିସରରେ ଚଳିତ ବର୍ଷ ୨୦୨୬ ମସିହାର ଚତୁର୍ବିଂଶ (୨୪ତମ) ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଭକ୍ତି ଓ ଆଧାତ୍ମିକତାର ପରିବେଶ ମଧ୍ୟରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପବିତ୍ର ଧାର୍ମିକ ଆୟୋଜନ ୧୩ ତାରିଖ ଦିନ ଓ ରାତି ଧରି ଅହରହ ହରିନାମ ସଂକୀର୍ତ୍ତନରେ ମୁଖରିତ ରହିଥିଲା । ଭକ୍ତମାନଙ୍କର ହରିବୋଲ ଧ୍ୱନି, ମୃଦଙ୍ଗ ଓ ଝାଞ୍ଜର ତାଳରେ ସମଗ୍ର ଅଞ୍ଚଳ ଭକ୍ତିରସରେ ଭିଜିଯାଇଥିଲାୟ ୧୪ ତାରିଖ ସକାଳରେ ମହିଧରପଡ଼ା ଓ ଖଣ୍ଡାଗର ଗ୍ରାମରେ ଭବ୍ୟ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରିବା ସମୟରେ ଭକ୍ତମାନେ ଉତ୍ସାହର ସହ ଯୋଗଦେଇ ଆଧାତ୍ମିକ ପରିବେଶକୁ ଆହୁରି ଉଜ୍ଜ୍ୱଳ କରିଥିଲେ । ଏହି ଧାର୍ମିକ ଉତ୍ସବକୁ ସଫଳ କରିବାରେ ମହିଧରପଡ଼ା ଓ ଖଣ୍ଡାଗର ଗ୍ରାମବାସୀମାନଙ୍କର ସକ୍ରିୟ ସହଯୋଗ ଓ ଅନନ୍ୟ ଭକ୍ତିଭାବ ପ୍ରଶଂସନୀୟ ରହିଥିଲା । ପ୍ରତିବର୍ଷ ଏହି ନାମଯଜ୍ଞ ଆୟୋଜନ ମାଧ୍ୟମରେ ଅଞ୍ଚଳରେ ଧାର୍ମିକ ସଦ୍ଭାବ, ଭ୍ରାତୃତ୍ୱ ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହେଉଛି । ଚଳିତ ବର୍ଷର ଅଷ୍ଟମ ପ୍ରହରରେ ସୁନ୍ଦରଗ୍ରାମର ଅଗା ବାବାଙ୍କ ନେତୃତ୍ୱରେ ବରିମୁଣ୍ଡ କୀର୍ତ୍ତନ ଦଳ ଭକ୍ତିମୟ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ । ତାଙ୍କର ସୁମଧୁର କୀର୍ତ୍ତନ ଓ ଭକ୍ତିପୂର୍ଣ୍ଣ ପରିବେଷଣ ଉପସ୍ଥିତ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉତ୍ସବରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବମାନେ ଯୋଗଦେଇ ହରିନାମରେ ମଗ୍ନ ହୋଇଥିଲେ । ଶାନ୍ତି, ସମୃଦ୍ଧି ଓ ସମାଜର ମଙ୍ଗଳ କାମନାରେ ଆୟୋଜିତ ଏହି ନାମଯଜ୍ଞ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଆଧାତ୍ମିକ ଉତ୍ସାହ ସୃଷ୍ଟି କରିଛି ।

ପଥର ବ୍ଲାଷ୍ଟିଂ ଯୋଗୁଁ ଚାଷୀ ଓ ଗ୍ରାମବାସୀ ହନ୍ତସନ୍ତ

ବଲାଙ୍ଗିର,୧୪।୫:(ମନ୍ଥନ)ଲୋଇସିଂହା ବ୍ଲକ ଉପରବାହାଲ ପଂଚାୟତର ଉଚ୍ଛବପାଲି ଠାରେ ପଥରକୁଆରି ବ୍ଲାଷ୍ଟିଂ ଯୋଗୁଁ ଚାଷୀ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି । ଏହାକୁ ନେଇ କିଛି ବର୍ଷ ପୂର୍ବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଅଭିଯୋଗ କରିଥିଲେ ଗ୍ରାମବାସୀ ତତ୍କାଳିନ ଉପଜିଲ୍ଲାପାଳଙ୍କୁ ଏ ସମ୍ବନ୍ଧରେ ଅଭିଯୋଗ ଓ ଅବଗତ କରାଯାଇଥିଲା । କିଛି ମାସ ପଥର ବ୍ଲାଷ୍ଟିଂ କାମ ବନ୍ଦ ହୋଇଥିଲା କିନ୍ତୁ ପୁଣି ତିନି ଚାରି ବର୍ଷ ହେବ ଏ ଅଂଚଳରେ ପଥର କୁଆରିରେ ବ୍ଲାଷ୍ଟିଂ ରେ ଲିଜଧାରୀଙ୍କ ଦ୍ୱାରା ପଥର ଖନନ ପାଇଁ ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଚାଷ ଜମି ଗୁଡିକରେ ପଥର ଏପଟ ସେପଟେ ପଡୁଥିବାରୁ ଚାଷ ନଷ୍ଟ ହେବା ସହିତ ଚାଷ କାମ ପାଇଁ ଜମିକୁ ଯିବା ପାଇଁ ଚାଷୀମାନେ ଡରୁଛନ୍ତି । ଏହାକୁ ନେଇ ଉପରବାହାଲ ପଂଚାୟତର ଉଚ୍ଛବପାଲି ଓ ଉପରବାହାଲ ରୁ ଚାଷୀ ଓ ଗ୍ରାମବାସୀମାନେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପାଖକୁ ପୁଣିଥରେ ଆସି ଅଭିଯୋଗ କରିଛନ୍ତି । ସେମାନେ ଜଣାଇଛନ୍ତି ଯେ ଚାଷ ଜମି ନଷ୍ଟ ହେବା ସହ ସେଠାକାର ରେଡ ରାସ୍ତା ତଥା ବାସଗୃହ ଗୁଡିକ ଭୟଙ୍କର ବିସ୍ଫୋରଣ ପ୍ରଭାବରେ କାନ୍ଥ ଗୁଡିକ ଚିରି ହୋଇଯାଉଛି । ଛୋଟ ଛୋଟ ଛୁଆମାନେ ସ୍କୁଲ କୁ ଯିବା ପାଇଁ ଡରୁଛନ୍ତି । ତେଣୁ ଏହା ଶିଘ୍ର ସମାଧାନ ପାଇଁ ସେମାନେ ଗୁହାରି କରିଥିଲେ । ଏହାର ପ୍ରତିକ୍ରିୟାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ଏଭଳି ଅସୁବିଧା ସମାଧାନ ଦିଗରେ ପ୍ରଶାସନ ସମ୍ବେଦନଶିଳତା ଦେଖାଇବା କଥା । ପଥର ବ୍ଲାଷ୍ଟିଂ ଯୋଗୁଁ ଚାଷ ଜମି ନଷ୍ଟ ହେଉଛି । ତା ସହ ପଥରଖଣ୍ଡ ଏପଟ ସେପଟ ଗାଁ ତଥା ଚାଷ ଜମିରେ ପଡୁଥିବାରୁ ଚାଷୀ ଜମିକୁ ଯିବା ପାଇଁ ଭୟ କରୁଛନ୍ତି । ଛୋଟ ଛୁଆ ସ୍କୁଲ ଯିବା ପାଇଁ ମଧ୍ୟ ଭୟଭିତ ହେଉଛନ୍ତି । ଏହାକୁ ନେଇ କିଛି ବର୍ଷ ପୂର୍ବେ ଅଭିଯୋଗ କରାଯାଇଥିଲା କିନ୍ତୁ କିଛି ମାସ ବ୍ଲାଷ୍ଟିଂ ବନ୍ଦ ପରେ ପୁଣି ବ୍ଲାଷ୍ଟିଂ ଜାରି ରହିଛି । ଅଭିଯୋଗ ପାଇଲା ପରେ ମଧ୍ୟ ପ୍ରଶାସନ ସମାଧାନ ଦିଗରେ ତତ୍ପରତା ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

ନବନିର୍ମାଣ କୃଷକ ସଂଗଠନ ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହେବାକୁ ଆହ୍ୱାନ

ଯାଜପୁର,୧୪।୫:(ମନ୍ଥନ) ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଅନବରତ୍ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଥିବା ବେଳେ ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ କୃଷକ ଏକତା ପଦଯାତ୍ରା ଆରମ୍ଭ ହୋଇଛି । ପ୍ରାଇସ୍ (ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତା – ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ପାଇଁ ଯୋଜନା କରାଯାଇଥିଲା । କିନ୍ତୁ, ଡବଲ ଇଞ୍ଜିନ ବିଜେପି ସରକାର ଅହିଂସକ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀକୁ (ଯେଉଁଥିରେ ୨୦୦ ମହିଳା ଉପସ୍ଥିତ ଥିଲେ) ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତ୍ତି (ଆଇକ୍ୟାନ ର ରାଷ୍ଟ୍ରୀୟ ସଂଯୋଜକ), ଝାଡଖଣ୍ଡର ନେତୃତ୍ୱ ବିଜୟ ସିଂ (ଅଲ୍ ଇଣ୍ଡିଆ ପିପୁଲ୍ସ ଫ୍ରଣ୍ଟର ଉପ-ସଭାପତି) ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ । ଅକ୍ଷୟ କୁମାରଙ୍କ ସହିତ ୧୩ ଜଣ ଜେଲରୁ ମୁକୁଳିବା ପରେ ପୁଣି ଆନ୍ଦୋଳନ କରାଯିବା ନେଇ ନିଷ୍ପତି ନିଆଯାଇଥିବା ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆଜି ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା "ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା" ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ ବୋଲି ସୂଚନା ଦେଇଛି । ଏହି ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

ପର୍ଯ୍ୟଟକଙ୍କ ପାଇଁ ଅସୁରକ୍ଷିତ ଚନ୍ଦ୍ରଭାଗା ସମୁଦ୍ରରେ ସ୍ନାନ, ଅଳ୍ପକେ ବଞ୍ଚିଲା ଜୀବନ

କୋଣାର୍କ, ୧୪।୫:(ମନ୍ଥନ) ସାମୁଦ୍ରିକ ସ୍ନାନକୁ ନେଇ ବିଭିନ୍ନ ସମୟରେ ପର୍ଯ୍ୟଟକ ମାନଙ୍କୁ ସଚେତନତା କରାଯାଉଥିଲେ ମଧ୍ୟ କିଛି ଅମାନିଆ । ପର୍ଯ୍ୟଟକ ସମୁଦ୍ରରେ ଦୁଃସାହସିକ ଭାବେ ଗାଧୋଇବା ପାଇଁ ଯାଇଥାନ୍ତି । ଫଳରେ କିଛି ଜୀବନ ଉଦ୍ଧାର ହେଉଥିବା ବେଳେ ଆଉ କିଛି ଅକାରଣରେ ମୃତ୍ୟୁବରଣ କରିଥାଆନ୍ତି । ଏହି ସମୁଦ୍ର ସ୍ନାନ ଅନେକ ସମୟରେ ଜୀବନପ୍ରତି ଘାତକ ହେଉଥିବା ବେଳେ ଅଧିକ ସଚେତନତା ଫଳକ ସହ ଅଧିକ ଲାଇଫ ଗାର୍ଡ ମୁତୟନ ପାଇଁ ଦାବୀ ହୋଇଛି । ଏମିତି ପୁଣି ଏକ ଅଭାବନୀୟ ଘଟଣା ଚନ୍ଦ୍ରଭାଗା ସମୁଦ୍ରରେ ଦେଖିବାକୁ ମିଳିଛି । ଗୁରୁବାର ମଧ୍ୟାହ୍ନରେ ଚନ୍ଦ୍ରଭାଗା ଠାରେ ରାକେଶ ମାହାରି ନାମକ ୧୯ ବର୍ଷୀୟ ଯୁବକ ଅସୁରକ୍ଷିତ ଭାବେ ସମୁଦ୍ରରେ ସ୍ନାନ କଲା ବେଳେ ଧୀରେ ଧୀରେ ସମୁଦ୍ର ଭିତରକୁ ଚାଲି ଯାଇଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଏସ



ରାମା ବାବୁ ନାମକ ଲାଇଫ ଗାର୍ଡ ସଙ୍ଗେ ସଙ୍ଗେ ବୁଡି ଯାଉଥିବା ରାକେଶଙ୍କୁ ସମୁଦ୍ର ଭିତରୁ

ଉଦ୍ଧାର କରିଥିଲେ । ଚନ୍ଦ୍ରଭାଗା ସମୁଦ୍ର କୂଳରେ ବିଭିନ୍ନ ସମୟରେ ରିପ କରେଣ୍ଟ ବା ଭିତର ସ୍ରୋତର ସ୍ଥିତି ବଦଳି ଥାଏ । ଯେଉଁଠି ଭିତର ସ୍ରୋତ ମାତ୍ରା ପ୍ରବଳ ଥାଏ, ସେଠାରେ ଯାତ୍ରୀ ମାନେ ସ୍ନାନ କରିଲେ ପାଣି ଶହ ଭିତରକୁ ଭିଡି ହୋଇ ଚାଲିଯିବାର ଆଶଙ୍କା ଥାଏ ।ଏହି ଭିତର ସ୍ରୋତକୁ ଅନୁଭବୀ ଲାଇଫ ଗାର୍ଡ ମାନେ ପରଖି ପାରନ୍ତିୟ ତେଣୁ ସତର୍କତା ଅଭାବରୁ ପ୍ରତିବର୍ଷ ସମୁଦ୍ର ସ୍ନାନ ବେଳେ ଯାତ୍ରୀଙ୍କ ଜୀବନ ହାନୀ ହେଉଛି । ତେବେ ରାତି ପାହିଲେ ଏଠାକୁ ହଜାର ହଜାର ସଂଖ୍ୟରେ ପର୍ଯ୍ୟଟକ ଆସିଥାନ୍ତି ଏବଂ ଏଠାରେ ସ୍ନାନ କରିଥାନ୍ତି ।କମ ସଂଖ୍ୟକ ଲାଇଫ ଗାର୍ଡ ଥିବାରୁ ଏତେ ସଂଖ୍ୟକ ପର୍ଯ୍ୟଟକଙ୍କୁ ସମ୍ଭାଳିବା ଅସମ୍ଭବ ହୋଇଥାଏ । ତେଣୁ ଅଧିକ ମାତ୍ରରେ ଲାଇଫ ଗାର୍ଡ ନିଯୁକ୍ତି ସହିତ ସଚେତନ ପାଇଁ ସାଧାରଣରେ ଦାବି ପ୍ରକାଶ ପାଇଛି ।

ଶୁକ୍ରବାର ୧୫, ମଇ ୨୦୨୬, ଭୁବନେଶ୍ୱର
Friday, 15 May 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚକାଟ୍ ଆହ୍ୱାନ

ପେଟ୍ରୋଲ, ଡିଜେଲ ବ୍ୟବହାର କମ୍ କରିବା, ବୈଦ୍ୟୁତିକ ଯାନ ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଆପଣାଇବା, ବର୍ଷକ ପାଇଁ ସୁନା କିଣିବା ବନ୍ଦ ରଖିବା, ବିଦେଶ ଗସ୍ତ ନକରିବା, କୋରୋନା ସମୟରେ ଘରେ ରହିବା କାମ କରିବା ଭଳି ଏବେ ଘରେ ରହିବା କାର୍ଯ୍ୟ କରିବା ଏବଂ ରସାୟନିକ ସାର ବ୍ୟବହାର ବନ୍ଦ କରିବା ଆଦି ସାତ ଦଫା ସମ୍ବଳିତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଆହ୍ୱାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶର ଅର୍ଥନୀତି ଏବେ ଗୁରୁତର ସଂକଟର ସମ୍ମୁଖୀନ ହୋଇଥିବା ନେଇ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ କେବଳ ଅର୍ଥବ୍ୟବସ୍ଥା ନୁହେଁ, ଦେଶ ଗୁରୁତର ତୈଳ ସଂକଟର ସମ୍ମୁଖୀନ ହୋଇଥିବା ନେଇ ମଧ୍ୟ ସଂକେତ ଦିଏ। ସେହିପରି ଏହି ସାତ ଦଫା ପ୍ରସ୍ତାବର କାର୍ଯ୍ୟକାରୀ କରିବା ତଥା ସମ୍ଭାବ୍ୟ ଆର୍ଥିକ ସଂକଟର ମୁକାବିଲା ପାଇଁ ଖର୍ଚ୍ଚକାଟ ଲାଗି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପରୋକ୍ଷ ପରାମର୍ଶ ଦେଇଛନ୍ତି, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ପରିବହନର ମଧ୍ୟମ ହାମୁର୍ଜା ପ୍ରଣାଳୀ ଦୀର୍ଘ ୭୫ଦିନ ବନ୍ଦ ରହିଛି। ଏହର ପ୍ରଭାବରେ ବିଶ୍ୱରେ ୨୦ପ୍ରତିଶତ ତୈଳ ଯୋଗାଣ ହ୍ରାସ ପାଇଛି। ପରିଣତି ସ୍ୱରୂପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ଯୋଗାଣ ହ୍ରାସ ପାଇଛି। ପରିଣତି ସ୍ୱରୂପ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ତୈଳ ସଂକଟ ସୃଷ୍ଟି ହେବା ସହ ଫେବୃୟାରୀ ମାସର ଦର ତୁଳନାରେ ତୈଳ ମୂଲ୍ୟ ୫୦ପ୍ରତିଶତ ବୃଦ୍ଧି ପାଇଛି। ଆମ ଦେଶରେ ତୈଳ ଓ ଗ୍ୟାସରେ ମାସିକ ୩୦ହଜାର କୋଟି କ୍ଷତି ହେଉଥିବାବେଳେ ଗତ ୩ମାସରେ ୯୦ହଜାର କୋଟି କ୍ଷତି ଘଟିଲାଣି। କେବଳ ଏତିକି ଦରବୃଦ୍ଧି ଯୋଗୁଁ ୨୦୨୫-୨୬ରେ ଅଶୋଧିତ ତୈଳ ଆମଦାନୀ ୧୭୩ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫.୨ ଟଙ୍କାକୁ ହ୍ରାସ ପାଇଛି। ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ସତ୍ତ୍ୱେ ଦେଶରେ ଗ୍ୟାସ ଦର ବୃଦ୍ଧି ପାଇଥିବାବେଳେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତ ୪ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଆଉ ଯଦି କିଛି ଦିନ ଯୁଦ୍ଧ ଲାଗି ରହେ, ତେବେ ତୈଳଦର ବୃଦ୍ଧି ନିଶ୍ଚିତ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସଂକେତ ଦେଇସାରିଛନ୍ତି । ଦେଶରେ ହଜାର ହଜାର ପେଟ୍ରୋଲ ପମ୍ପରେ ଏତେ ତୈଳ ଅଭାବରୁ ତାଲା ପଡିଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ଇନ୍ଧନ ଗ୍ୟାସ ଆବଂଟନରେ କଟକଣା ଲାଗୁ ହୋଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ସମ୍ଭାବ୍ୟ ସଂକଟ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ତାଙ୍କର କାରକେଡକୁ ୫୦ପ୍ରତିଶତ ହ୍ରାସ କରିଛନ୍ତି। ଓଡିଶା ସମେତ ସମସ୍ତ ବିଜେପି ଶାସିତରାଜ୍ୟର ମୁଖ୍ୟମନ୍ତ୍ରୀ କାରକେଡକୁ କାଟଛାଟ କରିଛନ୍ତି। କେତେକ ମନ୍ତ୍ରୀ ବସରେ ଯାତାୟତ କରିବା ପାଇଁ କହିସାରିଲେଣି। ସେହପରି ଦେଶରେ ୨୦୨୫-୨୬ ରେ ସୁନା ଆମଦାନୀ ୭୧.୯ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ସୁନା ଓ ବିଦେଶ ଗସ୍ତର ପ୍ରଭାବ ସିଧାସଳଖ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡିଛି। ଯୁଦ୍ଧ ଲାଗିବାର ମାସକ ମଧ୍ୟରେ ଅର୍ଥାତ ମାର୍ଚ୍ଚ ମାସ ସୁଦ୍ଧା ବୈଦେଶିକ ମୁଦ୍ରା ଭଣ୍ଡାର ୩ପ୍ରତିଶତ ହ୍ରାସ ପାଇଥିଲା। ଟଙ୍କାର ମୂଲ୍ୟ ହ୍ରାସ ଦିନକୁ ଦିନ ବୃଦ୍ଧି ପାଇବା ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇବା ଯୋଗୁଁ ବହୁ ବୈଦେଶିକ ପୁଞ୍ଜି ନିବେଶକାରୀ ଇତମଧ୍ୟରେ ଦେଶରୁ ସେମାନଙ୍କର ପୁଞ୍ଜି ପ୍ରତ୍ୟାହାର କରିନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏକ ଅର୍ଥନୈତିକ ରିପୋର୍ଟରେ କୁହାଯାଇଛି ଯେ, ୨୦୧୬ଠାରୁ ଏମଓୟୁ ସ୍ୱାକ୍ଷରିତ କରିଥିବା ୩୬ଟି ବିଦେଶୀ କମ୍ପାନୀ ମଧ୍ୟରୁ ୧୩ଟି ପୁଞ୍ଜି ପ୍ରତ୍ୟାହାର କରିସାରିଲେଣି। ଦେଶରେ ପରିବାରଗୁଡିକ ନିକଟରେ ୩୫୦୦୦ଟନ ସୁନା ଅଳଙ୍କାର ମହଜୁଦ ରହିଥିବା ବେଳେ ମୂଲ୍ୟ ବୃଦ୍ଧି ସହ ଲୋକଙ୍କ ସୁନା ମୋହ କମି ନାହିଁ। ଏବେ ସରକାର ସୁନା ଆମଦାନୀ ଉପରେ ଆମଦାନୀ ଶୁଳ୍କ ଦୁଇଗୁଣରୁ ଅଧିକ ବୃଦ୍ଧି କରିବା ଯୋଗୁଁ ଏହାର ମୂଲ୍ୟ ଆକାଶଛୁଆଁ ହୋଇଛି । ଆଶା କରାଯାଏ ଲୋକଙ୍କ ସୁନା ପ୍ରତି ହ୍ରାସ ପାଇବ। ବିଶ୍ୱରେ ଭାରତ ଚତୁର୍ଥ ବୃହତମ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଥିବାବେଳେ ଏବେ ଷଷ୍ଠ ସ୍ଥାନକୁ ଖସିବା ଦେଶର ଅର୍ଥନୀତି ଯେ ସଂକଟଗ୍ରସ୍ତ, ଏହା ସ୍ୱୀକାର କରିବାକୁ ହେବ। ସେହିପରି ଯୁଦ୍ଧ ପରଠାରୁ ଦେଶରେ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି, କିନ୍ତୁ ଏହାର ମୁକାବିଲାରେ ସରକାର ହାତ ଟେକି ଦେଇଥିବା ମନେହୁଏ। ଯଦୀ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ଘଟେ, ଦରବୃଦ୍ଧି ଆହୁ ଉପର ମୁହାଁ ହେବା କେହି ରୋକିପାରିବେ ନାହିଁ, ଏହା ନିଶ୍ଚିତ। ଏଭଳି ଏକ ସଂକଟଜନକ ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଖର୍ଚ୍ଚକାଟ ପଦକ୍ଷେପ ଦ୍ୱିଧାର ହେବା ସହ ସମସ୍ୟାତ୍ମକ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ବିଦେଶଗସ୍ତ ନକରିବା ଫଳରେ ବିମାନ ଉଡାଣ ଉପରେ ଏହାର ପ୍ରଭାବ ପଡିବ। ତୈଳ ଉପରେ କଟକଣା ପେଟ୍ରୋଲ ପମ୍ପ ମାଲିକଙ୍କ ଆୟ ହ୍ରାସ କରିବ ସହ କର୍ମଚାରୀ ଛଟେଇକୁ ଏଡାଇ ଦିଆଯାଇନପାରେ। ସୁନା କିଣିବା ବନ୍ଦ ଉଭୟ ସୁନା ବ୍ୟବସାୟୀ ଓ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏପରିକି ଦୋକାନ ବନ୍ଦ ଓ କର୍ମଚାରୀ ଛଟେଇକୁ ଆମନ୍ତ୍ରଣ କରିବ। ସେହିପରି ବିବାହ ବନ୍ଧନକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ରାସାୟନିକ ସାର ବ୍ୟବହାର ବନ୍ଦ କୃଷି ଉତ୍ପାଦନ ହ୍ରାସ କରିବ। ଚଳିତ ବର୍ଷ ଏଲ ନିନୋ କୃଷି କ୍ଷେତ୍ରକୁ ପ୍ରଭାବିତ କରିବା ଲାଗି ଅଗ୍ରସର ହେଉଥିବା ସମୟରେ ସାର ସଂକଟ ଅମଳ ହ୍ରାସ କରିବା, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନର ସମୟ। ଚାରୋଟି ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଖର୍ଚ୍ଚକାଟ ପାଇଁ ଆହ୍ୱାନ ଦେବା। ନିର୍ବାଚନ ବେଳେ ହଜାର ହଜାର ଗାଡ ମୋଟର ବୁଲାଇବା, ସଭା ସମିତି ଶୋଭାଯାତ୍ରାରେ ଯାନବହାନ ବ୍ୟବହାର ଓ ପ୍ରଚାର ଅଭିଯାନରେ କୋଟି କୋଟି ଟଙ୍କାର ତୈଳ ପୋଡୁଥିଲା। କୌଣସି ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ଏନେଇ ପଦୁଟିଏ ନକହିବାର କାରଣ କ'ଣ ବୁଝାପଡୁନାହିଁ। ଏବେ ପ୍ରଧାନମନ୍ତ୍ରୀଙ୍କ ଅହ୍ୱାନ ବିରାଡି ଯନ୍ତାରୁ ବାହାରି ଯିବା ସଦୃଶ ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ।

କାହିଁକିସେ ଅତୀତ ଗ୍ରାମ୍ୟ ଚଳନୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏ ସମୟର ପାଠକ ମାନଙ୍କ ମଧ୍ୟରୁ ଯଦି କେହି ଷାଠିଏ ବର୍ଷ ପୂର୍ବରୁ ଜନ୍ମ ହୋଇଥିବେ, ତେବେ ସେମାନେ ବର୍ତ୍ତମାନର ଗ୍ରାମ୍ୟ ଚଳନୀୟ ବ୍ୟବସ୍ଥାର ଫରକକୁ ବୁଝାଇବାକୁ ପଡ଼ିବ ନାହିଁ କିନ୍ତୁ ପର ପର ଜନ୍ମିତ ପାଠକ ମାନଙ୍କୁ ଏହା ଏକ କାହାଣୀ ଭଳି ଲାଗି ବିଶ୍ୱାସ ବି ନ ହୋଇପାରେ। ଶୁନୁ ଗାଡ଼ି, ବାଇଶ କଳ, ଶୁଣିଲେ କେମିତି ଲାଗୁଛି, ରାଲେ ହମ୍ବର ସାଇକେଲ ନୂଆ ନୂଆ ସମ୍ଭ୍ରାନ୍ତ ଲୋକଙ୍କ ବିବାହର ଯୌତୁକ ଥିଲା। କେହି ସାଇକେଲରେ ରାସ୍ତା ପୁଣି ନାଲି ବୋତଲର ମୋରମ ବିଛା ଯିବା ରାସ୍ତାରେ ଯାଉଥିଲେ ତାଙ୍କୁ ଉଙ୍କି ମାରି ଲୋକେ ଦେଖିବାକୁ ଧାଇଁ ଆସୁଥିଲେ। ସମ୍ଭ୍ରାନ୍ତ ଲୋକେ ଏହା ପୂର୍ବରୁ ସବାରୀ ପାନିକିରେ ଖୁଣ୍ଟେ କାନ୍ଧିଆଙ୍କ ଦ୍ୱାରା ହଁକୁଳ ଧୋବଳ ଡାକ ମୂର୍ଚ୍ଛନାରେ ରାସ୍ତାରେ ଗତା ଗତ ହେଉଥିଲେ, ସେ ପାନିକି କି ସୁନ୍ଦର ଲାଲ ଭେଲଭଟ କପଡ଼ାରେ ଆଚ୍ଛାଦିତ ହେଉଥିଲା, ବିବାହକୁ ଏଇ ପାନିକି ସହ ସାମିଲ କରି ପାନିକି ଚଢ଼ା ବିବାହ କୁହାଯାଉଥିଲା। ସେତେବେଳେ ଦୁଇ ପ୍ରକାର ବିବାହ ହେଉଥିଲା ପାନିକି ଚଢ଼ା ଯାହା ସମସ୍ତେ ଜାଣିବା, ଦାଣ୍ଡରେ ବିବାହ ଅନୁଷ୍ଠାନ ଅନ୍ୟଟି ତୋଳାକନିଆ ଘରେ ଘରେ ବିବାହ ଯାହା କେବଳ ଏକ ଜାତି ବା ସମ୍ପ୍ରଦାୟ ପାଟକଙ୍କ ମଧ୍ୟରେ ବିଶେଷ ଆଡ଼ମ୍ବର ନ ହୋଇ ହେଉଥିଲା। ପାଣିଚଢ଼ା ବିବାହ ଏକ ରାଜକୀୟ ବହୁ ଆଡ଼ମ୍ବର ଲୋକ ଦେଖାଣିଆ ବିବାହ ଏଥିରେ ବି ସ୍ୱ ଜାତି ସ୍ୱ ବଂଶ ପରମ୍ପରା ରହୁଥିଲା। ବର ଯାଇ କନ୍ୟା ଘରେ ବିବାହ ହେଉଥିଲେ କନ୍ୟା ଏକ ଦାନୀୟ ପଦ୍ଧାର ଶ୍ରେଷ୍ଠ ଉତ୍ସ, କନ୍ୟା ଦାନସହ ଅନେକ ଆନୁସଙ୍ଗିକ ଘରକରଣା ଓ ପରିଧେୟ ବସ୍ତ୍ର ଭୂଷଣ ଗାଭୀ ନାରିକେଳ ବୃକ୍ଷ ତାରା କଦଳୀ ଗଛ ଚାରା ଦାନୀୟ ପଦାର୍ଥ ରହୁଥିଲା କେହି କେହି କନ୍ୟା ସହ ଭୂମିଦାନ ଉତ୍ତମ ଆବାସ ଘର ଦାନ, ଯାନବାହାନ ଦାନ କେତେକ ସ୍ଥଳରେ ଶିକ୍ଷପତି ପରିବାରରେ ଶିକ୍ଷାନୁଷ୍ଠାନର ମାଲିକାନା ଦାନ କରାଯାଉଥିଲା। ତୋଳା କନିଆଁ ବିବାହରେ ବରଘରେ ନେଇ କନ୍ୟାକୁ ଦାନ କରାଯାଏ ଓ ବର ପିତା ତାଙ୍କ ପକ୍ଷରୁ ଅନୁଯାଇ ଯଥାଶକ୍ତି ବିବାହ ବେଦୀରେ କନ୍ୟା ନାମ ସର୍ବ ସମକ୍ଷରେ ଉଚ୍ଚାରଣ କରି ଦାନ କରୁଥିଲେ। ଘର କରଣା ଦ୍ରବ୍ୟ, ସଂସାର ବାନ୍ଧିବା ଲୋକର ଧନୀ ଦରିଦ୍ର ଶ୍ରେଣୀ ମଧ୍ୟରେ ବହୁ ଫରକ ଆକାଶ ପାତାଳ ରହିଲେ ବି ପ୍ରତ୍ୟେକଙ୍କ କନ୍ୟାକୁ ଯଥାଶକ୍ତି ଦ୍ରବ୍ୟ ଦେଇ ଥାନ୍ତି। ବିବାହ ପାଇଁ ଗ୍ରାମ୍ୟ ବାସ କୁମ୍ଭାର କଞ୍ଚାମାଟିର ମଙ୍ଗନ ହାଣ୍ଡି, ମାଳୀ ସୋଲ ଜରିରେ ନିର୍ମିତ ମୁକୁଟ, ବରାଦୀସୁନା ରୂପା ଅଳଙ୍କାର ଅର୍ଥ ବଳ ଅନୁଯାୟୀ ବଣିଆ, ତନ୍ତୀ, ପଟରାମାନେ ସେହିପରି ସଖ୍ୟ ଅନୁସାରେ ବସ୍ତ୍ର ପାଟ, ସୂତାର ରକମ ରକମକୁ ମୌଳିକ ରୂପେ ବାହାଶାଢ଼ୀ ଗଇଁଠାଳ, ପାଟିଣିଆ, ପୁତୁଳି ବଣିଆ ବାହାଘର ବେଦୀ ଉପର ପୂଜା ସାମଗ୍ରୀ, ଗୋପାଳ ଘୃତ ଦଧି ଦୁଗ୍ଧ, ବଢ଼େଇ, ପଲଙ୍କ ଆଲମାରୀ, ଆଲଣା, ବାହାପିଢ଼ା, ହୋମକାଠ, ଡଙ୍କା ଚଟୁ, କମାର ଲୁହା ଦ୍ରବ୍ୟରେ

କୋରଣା ପନିକି, ଲୁହା ଖଡ଼ିକା, ତାଓ୍ୱା ଆଦି, ଥଟାରି କଂସାରି ବାସନ ଧାତୁପାତ୍ରାଦି, ତେଲି ଘରୁ ବିବାହ ଭୋଜିରେ ଲାଗିବା ତୈଳ, ଧୋବାଙ୍କ ଅନୁକୂଳ କାଠକ କଟା ଯହିଁରେ ବଢ଼େଇ ବାହାପିଢ଼ା କରନ୍ତି, ଆଉ ଜାଳେଣି କାମକୁ ଆସେ, ଶଙ୍ଖୁଆ ଶଙ୍ଖ ବଜା କାମ, ଢ଼ୋଲିଆ ମହୁରୀଆ ଯୋଡ଼ି ନାଗରାସାହାନାଇ ଢ଼ୋଲ ବଜାଇବା କାର୍ଯ୍ୟ, ଚିତ୍ରକାର ବାହାଚିତ୍ରକୋଠି ଲେଖା, ସେହିପରି ଡମଘରୁ କୁଲା ବାଉଁଶିଆ, ପଥୁରିଆ ଶିଳ, ଶିଳପୁଆ, ଚକି, ଏ ସବୁକୁ ଏକ ବିବାହରେ ଯୋଗାଣକାରୀକୁ ଗ୍ରାମର ଅନେକ ମୂଳିଆ ଶ୍ରେଣୀ ଲୋକ ଦେହ ମେହନତ ଶ୍ରମରେ ବିବାହ କାର୍ଯ୍ୟ ହେଉଥିବା ଗୃହରେ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟରେ ଶ୍ରମ କରି ଥାଆନ୍ତି। ଯଦିବା ମୂଳର ମଜୁରୀ ପାଇଥାନ୍ତି କିନ୍ତୁ କାମ ଗୁଡ଼ିକୁ ନିଖୁତ ଭାବରେ କରିଥାନ୍ତି। ଗ୍ରାମରେ ଯାହାର ବିବାହ କାର୍ଯ୍ୟ ହେଉ ଉଣା ଅଧିକେ ସମସ୍ତେ ସହଯୋଗ କରିଥାନ୍ତି। ଭାର ଭାର ପରିବା କଖାରୁ, ବନ୍ତଳ କଦଳୀ, ମାଟି ଆଳୁ, ସାରୁ, ପୋଟଳ, ବିଲାତି ବାଇଗଣ, କୋବି ଆଦି ଲୋକଙ୍କ ଘରକୁ ମଉଳା ମାମୁଁ ଘରୁ ଆସିବା ସହ ବନ୍ଧୁ ବାନ୍ଧବ ମାନେ ଉଦ୍ଦିଷ୍ଟ ବ୍ୟକ୍ତି ସଂଖ୍ୟା ଅନୁସାରେ ବନ୍ଧକ୍ଷୁ ବଳନୁସାରେ ପଠାଇ ବିବାହଭୋଜୀକୁ ନିର୍ବାହ କରାଉଥିଲେ।

ଯେ କେହି ମାଟିର ଘର କରନ୍ତୁ କାନ୍ଥ ମୁଳଦୁଆ ଭିତ୍ତି ଭୂମି ପାଇଁ ନିଶ୍ଚେ ସ୍ୱ ବାଡ଼ିରେ ଏକ ଟୁବ ଚୁଆ ଗହିତା ପୋଖରୀ ଘର ନିର୍ମାଣରେ ମାଟିର ଆବଶ୍ୟକ ଅନୁଯାୟୀ କରୁଥିଲେ। ଯାହା ଘର ନିର୍ମାଣ ପରେ ସେ ଜଳାଧାରକୁ ମାଟି ଭଲ ସୁନ୍ଦର ପୂର୍ବରୁ ପଶ୍ଚିମ ଲମ୍ବରେ ପୋଖରୀ କାଟି କରିଥାନ୍ତି। ଉତ୍ତମ ବ୍ୟବସ୍ଥା ଘରର ସ୍ଥିତି ପୋଖରୀର ପଶ୍ଚିମରେ ଘର ପୂର୍ବ ଭାଗରେ ପୋଖରୀ, ଦିଗପାଳ ସ୍ଥିତିରେ ପୂର୍ବର ମାଲିକ ଇନ୍ଦ୍ର ଯେ ଆକାଶରୁ ବର୍ଷା ଜଳର ମାଲିକ, ପଶ୍ଚିମର ମାଲିକ ବରୁଣ ଯେ ପୃଥ୍ୱୀ ଜଳର ଅଧିକାରୀ ସେ ଘରଟି ପୋଖରୀ ପଶ୍ଚିମ ସ୍ଥିତି ଅର୍ଥ ବରୁଣଆଳୟ ଯେଉଁଠି ସେ ଘରର କନ୍ୟା ଲକ୍ଷ୍ମୀ ସ୍ୱରୂପିଣୀ ଉତ୍ତମା ଗୃହ ଲକ୍ଷ୍ମୀ ଶାଶୁ ଘରେ ହୋଇଥାନ୍ତି। ସାଗର କନ୍ୟା ଲକ୍ଷ୍ମୀ ଦେଖନ୍ତୁ, ମହୋଦଧିର ପଶ୍ଚିମରେ ବରୁଣ ମନ୍ଦିର ଏବେ ବି ରହିଛି। ସେହି ପୋଖରୀରେ ଥିବା ପକ୍ଷୀ ମାଛ ସେ ଗୃହରେ ପୁଅ ବିବାହ ହେଉ ଝିଅ ବିବାହ ହେଉ ମାଛ ଭୋଜିର ଏକ ଅମୋଦୀ ଭୋଜ୍ୟ ଯାହା ବିଭାଘରେ ବହିନୀ ଭାରରେ ପଠାଯାଉଥିଲା। ମାଛ ସହ ଦହି ଭାରର ଅନ୍ୟ ଏକ ସାଥି କନ୍ୟା ଘରକୁ ବର ଘର ବହିନୀ ବା ଆଦ୍ୟ ଭାର, ଯାହା ଲୋକେ ଦେଖୁଥିଲେ। ବର ରୋଷଣୀ ପଟୁଆରରେ କନ୍ୟା ଘରକୁ ଆସିଲାବେଳେ ବାଜାବାଣ ଝାଡ଼ ଆଲୁଅ ଡେଲାଇଟି ଲଣ୍ଠନ ଲାଇଟି ଆଲୁଅରେ କେତେ ପ୍ରକାର ଖେଳ ବନାଟିବୁଲା, ଫେରିଖେଳ, ଖଣ୍ଡାବୁଲା, କାଗଜରେ ପ୍ରସ୍ତୁତ ରାଜାରାଣୀ ମୂର୍ତ୍ତି, ଷଣ୍ଢ ଲଢ଼େଇ, କିଛି ସୁଆଙ୍ଗ ଯାହା ପଥପ୍ରାନ୍ତ ନାଟକ, ବାଣ ଫୁଟାଇରେ ରସ କଦମ ଚରଖା ହାବେଳୀ ଘଡ଼ିବାଣ ଆଓ୍ୱାଜଦାର ବମ ଫୁଟାଇ ବର ଦାଣ୍ଡ ଚମକାଇ ଆସୁଥିଲେ। ବରଯାତ୍ରୀ ସାମନ୍ତ କୁଣିଆଁ ବର ତରଫ ପୁରୋହିତ ଏମାନଙ୍କର ସ୍ୱତନ୍ତ୍ର ସମ୍ମାନ କନ୍ୟା ଘରେ ଦିଆଯାଉଥିଲା, ପାଦ ଧୌତ, ପୁଷ୍ପଗୁଚ୍ଛ ବା ମାଲ୍ୟ ପ୍ରଦାନ, ମହାପ୍ରସାଦ ଅର୍ପଣ ପରେ ଭୋଜସ୍ଥାନକୁ ବାଟକଢ଼େଇ ନେଇ ବସାଇ ସମ୍ମାନ ସହ ଖାଦ୍ୟ ପରିବେଷଣ କରାଇ ତୃପ୍ତି କରାଉଥିଲେ। ସବାରୀ ପାନିକୀ ଗଲା ଝାଡ଼ ଲାଇଟ ଗଲା ସେ ରୋଶଣୀ ପଟୁଆରଗଲା, କନ୍ୟାଦାନ କନ୍ୟା ପିତୃ ଗୃହରେ ହେଉ ନାହିଁ ଭଡ଼ାନିଆ କଲ୍ୟାଣ ମଣ୍ଡପରେ ଡ୍ରାମାବେଦୀରେ ବିବାହକୁ ଡ୍ରାମା ମଣ୍ଡପରେ ବରକନ୍ୟା ଅଷ୍ଟମଙ୍ଗଳା ଯାଏ ଯେଉଁମାନେ ଇନ୍ଦ୍ରାଣୀ କର୍ମରେ ଇନ୍ଦ୍ରାଣୀ ବୈଦିକ ମନ୍ତ୍ରରେ ପୁରୋହିତ କରାଇଥାନ୍ତି, ସେବେନି ଉପଢ଼ୌକନ ଦାତାଙ୍କୁ ହାତଯୋଡ଼ି ପ୍ରଣାମ କରି ତାହା ଗ୍ରହଣ କରୁଛନ୍ତି। ଏହା ପରମ୍ପରାର ସଂସ୍କାର ନା ସଂହାର ଲୋକେ କହିବେ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ସାବିତ୍ରୀ ଉପାଖ୍ୟାନ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଧ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ମହାଭାରତ ମତେ, ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜ ରାଜତ୍ୱ କରୁଥିଲେ। ସେ ସାବିତ୍ରୀ ଦେବୀଙ୍କୁ କନ୍ୟ ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ। ନିର୍ଦ୍ଦିଷ୍ଟ ସମୟ ଉପନୀତ ଉତ୍ତାରୁ ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ବର ମାଗିବାକୁ କହିଲେ। ରାଜା ନିସନ୍ତାନ ଥିବାରୁ ପୁତ୍ର ସନ୍ତାନ ପାଇଁ ଦେବୀଙ୍କ ପାଖରେ ମିନତୀ କଲେ। ଦେବୀ ରାଜାଙ୍କୁ ପୁତ୍ର ସନ୍ତାନ ଲାଭ କରିବା ଯୋଗ ନଥିବା ସୂଚାଇ ଦେଲେ ଏବଂ ଏକ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ। ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା। ଦେବୀଙ୍କ ନାମ ଅନୁସାରେ ତାଙ୍କ ନାମ ସାବିତ୍ରୀ ରଖାଯାଇଥିଲା। ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବା ପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରି ସହଚରୀମାନଙ୍କ ସହ ପତି ଅନ୍ୱେଷଣରେ ବାହାରି ପଡ଼ିଲେ। ଶାଲ୍ୱ ଦେଶର ରାଜା ଦ୍ୟୁମତସେନଙ୍କ ପୁତ୍ର ଥିଲେ ସତ୍ୟବାନ। ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବସ୍ଥାରେ ଦ୍ୟୁମତସେନ ଅନ୍ଧ ହେବା ସହ ରାଜ୍ୟ ହରାଇ ବନବାସୀ ହୋଇଥିଲେ। ସତ୍ୟବାନ ବଣରେ ଫଳମୂଳ ଖାଇ ମୁନି ବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କ ସେବା କରୁଥିଲେ। ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣତା ଓ ରୂପରେ ମୁଗ୍ଧ ହୋଇଯାଇଥିଲେ।

ରାଜକୀୟ ଐଶ୍ୱର୍ଯ୍ୟ ଭୋଗବିଳାସ ତ୍ୟାଗ କରି ତାଙ୍କ ସାଙ୍ଗରେ ଜୀବନ ଅତିବାହିତ କରିବା ପାଇଁ ସଂକଳ୍ପ କଲେ। ସତ୍ୟବାନଙ୍କୁ ପତି ରୂପେ ମନୋନୀତ କରି ସେ ପିତାଙ୍କୁ ଜଣାଇଥିଲେ। ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ଆୟୁଷ ଆଉ ଏକ ବର୍ଷ ଥିବା ସତର୍କ କରାଇ ଦେଇଥିଲେ। ମାତ୍ର ସାବିତ୍ରୀ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ। ଶେଷରେ ଉଭୟ ପକ୍ଷଙ୍କ ଅନୁମତି କ୍ରମେ ସାବିତ୍ରୀ ଓ ସତ୍ୟବାନଙ୍କ ଯଥାରୀତି ବିବାହ ସମ୍ପନ୍ନ ହେଲା। ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ। ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର ବ୍ରତ ଅବଲମ୍ବନ କଲେ। ଅନ୍ତରେ ଯେଉଁ ଦିନ ଏକ ବର୍ଷ ପୂରଣ ହେବ, ସେ ଦିନ ସତ୍ୟବାନ ଫଳମୂଳ ଓ କାଠ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ। ବଣରେ ସତ୍ୟବାନ ଅସୁସ୍ଥ ଅନୁଭବ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା ହେଲା। କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ। ଯମଦୂତ ଯେତେ ଚେଷ୍ଟା କଲେ ମଧ୍ୟ ସାବିତ୍ରୀଙ୍କ ଠାରୁ ତାଙ୍କ ସ୍ୱାମୀଙ୍କ ପ୍ରାଣ ଛଡ଼ାଇପାରିଲେ ନାହିଁ। ଏହାପରେ ସ୍ୱୟଂ ଯମଦେବ ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ। ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ। ଶେଷରେ ତାଙ୍କର ନିଷ୍ଠା ଆଉ ତ୍ୟାଗ ଆଗରେ ଯମ ହାରିଯାଇଥିଲେ। ଯମରାଜା ତାଙ୍କ ସ୍ୱାମୀଙ୍କ ବଦଳରେ ତାଙ୍କୁ ୧୦୦ ପୁତ୍ର ହେବାର ବରଦାନ କରିଥିଲେ। ମାତ୍ର ସାବିତ୍ରୀ ଚତୁରତାର ସହ କହିଥିଲେ ଯେ, ସ୍ୱାମୀ ନଥାଇ ମୁଁ କିପରି ଶତ ପୁତ୍ରର ଜନନୀ ହେବି। ଏହା ଦ୍ୱାରା କ'ଣ ମୋର ସତୀତ୍ୱ ନଷ୍ଟ ହେବନି। ଶେଷରେ ସାବିତ୍ରୀଙ୍କ ଯୁକ୍ତିରେ ହାରି ଏବଂ ତାଙ୍କ ନିଷ୍ଠାରେ ଖୁସି ହୋଇ ସେ ସତ୍ୟବାନଙ୍କ ଜୀବନ ଦାନ କରିଥିଲେ। ମହାଭାରତରେ ବର୍ଣ୍ଣିତ ସାବିତ୍ରୀଙ୍କ ଏହି ଉପାଖ୍ୟାନକୁ ଆଦର୍ଶ ଭାବି ଓଡ଼ିଶାର ସାଧବା ନାରୀମାନେ ନିଷ୍ଠାର ସହ ଉପବାସ କରି ଏହି ପର୍ବ ପାଳନ କରିଥାନ୍ତି।

ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ ହୁଏ। ଏହି ଦିନ ପ୍ରତ୍ୟେକ ସଧବା ଭୋରୁ ଉଠି ସ୍ନାନଦି କାମ ସାରିଥାନ୍ତି। ପିତୃଘରୁ ଆସିଥିବା ଶାଢ଼ୀ, ଶଙ୍ଖା, ସିନ୍ଦୁର ପିନ୍ଧି ସ୍ୱାମୀଙ୍କ ଶୁଭକାମନା କରି ଶିଳପୁଅକୁ ସାବିତ୍ରୀ ଭାବି ପୂଜାକରିଥାନ୍ତି। ପୂଜାଘରେ ଶିଳପୁଆକୁ ରଖି ଧୂପ, ଦୀପ ସହ ପଣସ, ଆମ୍ବ, ଲିଚି, କଦଳୀ ଆଦି ଭୋଗ ଦିଆଯାଇ ପୂଜା କରାଯାଏ। ସାବିତ୍ରୀ ଗାଥା ବହିକୁ ମହିଳାମାନେ ଏକତ୍ର ପଢ଼ିଥାନ୍ତି। ପରିବାରର ଅନ୍ୟମାନେ ଏହାକୁ ବସି ଶୁଣିଥାନ୍ତି। ବିବାହିତା ମହିଳାମାନେ ଏହିଦିନ ସୂର୍ଯ୍ୟାସ୍ତ ଯାଏଁ କଠୋର ଉପବାସ କରିଥାନ୍ତି। ତେବେ କେତେକ ଜାଗାରେ ମହିଳାମାନେ ଘରେ ପୂଜା ନକରି ମନ୍ଦିର ଯାଉଥିବାରୁ ମନ୍ଦିରମାନଙ୍କରେ ସେଦିନ ବହୁତ ଭିଡ଼ ପରିଲକ୍ଷିତ ହୋଇଥାଏ। ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୂ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ ।

ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୩୫୫୬୨୮

ନାରୀ ଓ ସାବିତ୍ରୀ ଓଷା

ପଣ୍ଡିତ ସୋମନାଥ ଦାଶ

ବାର ମାସରେ ତେର ପର୍ବ । ଏହି ସବୁ ପର୍ବପର୍ବାଣୀ ଆମ ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ । ପ୍ରତ୍ୟେକ ପର୍ବ ପର୍ବାଣୀରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତ ଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତ ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ ।

ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶୀଳପୁଆ ହୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ଉଲ୍ଲେଖ ରହିଛି - 'ପତି ସେବା ବିନା ନାହିଁ ନାରୀଙ୍କର ଗତି, ପତିପ୍ରାଣା ନାରୀ କରେ ଦେବ ଲୋକେ ଗତି।'

ସାବିତ୍ରୀ ବ୍ରତ ପାଳନରେ ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୂଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀ ମାନେ ଶୀଳ ପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲ ଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ ପଣସ, ଖଜୁରି, ତାଳ, ନଡ଼ିଆ, ମୁଗ ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି । ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପରୁରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କର ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁ ଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ଧରି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷର ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କୁ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟ ଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । (କ୍ରମଶଃ)

ଏଲପିଜି ଚିନ୍ତା ଦୂର ହେବ !

କୋଇଲା ଗ୍ୟାସିଫିକେସନ୍ କରିବ ଭାରତ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ପ୍ରତ୍ୟେକ ବିପର୍ଯ୍ୟୟ ନିଜ ସହିତ ଏକ ସୁଯୋଗ ଆଣିଥାଏ । ଇରାନ ଯୁଦ୍ଧ ଏବଂ ପଶ୍ଚିମ ଏସିଆ ସଙ୍କଟ ଭାରତର ଶକ୍ତି ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଏବଂ ସେଗୁଡ଼ିକୁ ସମାଧାନ କରିବା ପାଇଁ ବିଭିନ୍ନ ପ୍ରୟାସ ଚାଲିଛି । ଗ୍ୟାସ୍ ଅଭାବକୁ ଦୂର କରିବା ପାଇଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଏବେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କୋଇଲାରୁ ଗ୍ୟାସ୍ ଉତ୍ପାଦନ କରିବା ପ୍ରକଳ୍ପକୁ ସରକାର ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଆଗାମୀ ୪-୫ ବର୍ଷ ମଧ୍ୟରେ କୋଇଲାକୁ ଗ୍ୟାସରେ ପରିଣତ କରି ଗ୍ୟାସ୍ ଆମଦାନି ହ୍ରାସ କରିବା । ଭାରତରେ ବର୍ତ୍ତମାନ ୪୦୦ ବିଲିୟନ ଟନ୍ରୁ ଅଧିକ କୋଇଲା ଗଚ୍ଛିତ ଅଛି । ଦେଶର ବାର୍ଷିକ ବ୍ୟବହାର ପ୍ରାୟ ଏକ ବିଲିୟନ ଟନ୍ । ଏହା ସୂଚାଇ ଦିଏ ଯେ ଦେଶରେ ଅତି କମରେ ୪୦୦ ବର୍ଷ ପାଇଁ କୋଇଲା ଗଚ୍ଛିତ ଅଛି । ସେହିପରି, ୪୭ ବିଲିୟନ ଟନ୍ ଲିଗନାଇଟ୍ ଗଚ୍ଛିତ ମଧ୍ୟ ଉପଲବ୍ଧ । ଗ୍ୟାସ୍ ଯୋଗାଣ ପାଇଁ ଆମଦାନି ଉପରେ ନିର୍ଭରତା ହ୍ରାସ କରିବା ପାଇଁ ସରକାର ଏବେ ଏହି କୋଇଲାକୁ ଗ୍ୟାସରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ, ସରକାର ପ୍ରତିବର୍ଷ ପ୍ରାୟ ୭୫ ନିୟୁତ ଟନ୍ କୋଇଲାକୁ ଗ୍ୟାସରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ସରକାର ଦେଶର ବିଭିନ୍ନ ସ୍ଥାନରେ ୨୫ଟି କୋଇଲା ଚାଳିତ ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଏକ ଯୋଜନାକୁ ଅନୁମୋଦନ କରିଛନ୍ତି । ଏହି ଯୋଜନା ଅନୁଯାୟୀ, କୋଇଲା ଚାଳିତ ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରୁଥିବା କମ୍ପାନି କିମ୍ବା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସରକାର ପ୍ଲାଣ୍ଟର ମୋଟ୍ ମୂଲ୍ୟର ୨୦ ପ୍ରତିଶତ ସବସିଡି ଭାବରେ ପ୍ରଦାନ କରିବେ । ଆଗାମୀ ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ କୋଇଲା ଚାଳିତ ଗ୍ୟାସ୍ ଉତ୍ପାଦନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ସରକାର ସମଗ୍ର ପ୍ରକଳ୍ପ ପାଇଁ ୩୭,୫୦୦ କୋଟି ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଘୋଷଣା କରି କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନାରେ ୩ ଲକ୍ଷ କୋଟି ନିବେଶ ହେବାର ସମ୍ଭାବନା ରହିଛି । ଅଶ୍ୱିନୀ ବୈଷ୍ଣବଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ପ୍ରାୟ ୫୦,୦୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ । ବର୍ତ୍ତମାନ,ଭାରତ ଏହାର ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ଏଲ୍ଏନ୍ଜି, ୨୦ ପ୍ରତିଶତ ୟୁରିଆ, ପ୍ରାୟ ୧୦୦ ପ୍ରତିଶତ ଆମୋନିଆ ଏବଂ ପ୍ରାୟ ୯୦ ପ୍ରତିଶତ ମିଥାନଲ ଆମଦାନିକରିଥାଏ। ଏଗୁଡ଼ିକ ଦେଶରେ ସାର ଉତ୍ପାଦନ ପାଇଁ ଆବଶ୍ୟକ । କୋଇଲା ଚାଳିତ ଗ୍ୟାସ୍ପ୍ରକଳ୍ପ ଏହିସମସ୍ତ ସାମଗ୍ରୀର ଆମଦାନି ହ୍ରାସ କରିବାରେ ଏବଂ ଗ୍ୟାସ୍ ଆମଦାନି ପାଇଁଅନ୍ୟ ଦେଶ ଉପରେ ନିର୍ଭରଶୀଳତାକୁଯଥେଷ୍ଟ ହ୍ରାସ କରିବାରେ ସାହାଯ୍ୟ କରିବ ।

ଦିଲ୍ଲୀରେ ପ୍ରତି ସପ୍ତାହରେ ୨ଦିନ 'ୱାର୍କ ଫ୍ରମ୍ ହୋମ୍' ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପେଟ୍ରୋଲ-ଡିଜେଲ ସଞ୍ଚୟ ଓ ୱାର୍କ ଫ୍ରମ୍ ହୋମର ଆହ୍ୱାନ ପରେ , ଦିଲ୍ଲୀ ସରକାର ବଡ଼ ଘୋଷଣା କରିଛନ୍ତି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ସରକାରୀ ଅଫିସ ଗୁଡ଼ିକରେ ଦୁଇ ଦିନ ୱାର୍କ ଫ୍ରମ ରହିବ । ସେ ଘରୋଇ କମ୍ପାନୀ ଗୁଡ଼ିକରୁ ମଧ୍ୟ ଏହାକୁ ଲାଗୁ କରିବାକୁ କହିଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲର ସଞ୍ଚୟ ପାଇଁ ସରକାରୀ ସ୍ତରରେ ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ୱାର୍କଫ୍ରମ୍ ହୋମ୍ ରହିବ । ଅନ୍ୟପଟେ, ଘରୋଇ କମ୍ପାନୀ କମ୍ପାନୀ ଗୁଡ଼ିକୁ ମଧ୍ୟ ଦୁଇ ଦିନ ୱାର୍କ ଫ୍ରମ୍ ହୋମ୍ କରାଯିବାକୁ କୁହାଯିବ ।WFH ଦିନ ଗୁଡ଼ିକରେ ୧୦୦ ପ୍ରତିଶତ କର୍ମଚାରୀ ଘରୁ ନିଜର କାମ କରିବେ । ହେଲେ ଜରୁରୀକାଳୀନ ଓ ଆବଶ୍ୟକ ସେବାର ବିଭାଗ ଗୁଡ଼ିକୁ ଏଥିରୁ ଅଲଗା ରଖାଯିବ । ସିଏମ୍ ଓ ମନ୍ତ୍ରୀଙ୍କ ଗାଡ଼ି ସଂଖ୍ୟାରେ କରାଯାଇ ଥିବା ହ୍ରାସର ଉଲ୍ଲେଖ କରି ରେଖା ଗୁପ୍ତା ସାର୍ବଜନିକ ପରିବହନର ଅଧିକ ବ୍ୟବହାର କରାଯିବା ନେଇ କହିଛନ୍ତି। ଅଧିକାରୀଙ୍କ ପେଟ୍ରୋଲରେ ୨୦ ପ୍ରତିଶତର ହ୍ରାସ କରାଯାଇଛି । ଏହା ବ୍ୟତୀତ ପ୍ରତ୍ୟେକ ସୋମବାର 'ମଣ୍ଡେ

ମେଟ୍ରୋ' ଡେ ରହିବ ଏବଂ ମନ୍ତ୍ରୀ ଓ ଅଧିକାରୀ ଅଧିକରୁ ଅଧିକ ସଂଖ୍ୟାରେ ଏହାର ବ୍ୟବହାର କରିବେ । ଅଫିସ ଗୁଡ଼ିକର ସମୟରେ ପରିବର୍ତ୍ତନ କରାଯାଇଛି । ଦିଲ୍ଲୀ ସରକାରଙ୍କ କାର୍ଯ୍ୟାଳୟର ସମୟ ୧୦ରୁ ୬.୩୦ଟା ଯାଏ କାମ କରିବ । ନିଗମର ଅଫିସ ସକାଳ ୮.୩୦ ରୁ ସନ୍ଧ୍ୟା ୫.୩୦ ଟା ଯାଏ ଚାଲିବ । ଦିଲ୍ଲୀରେ ଲୋକଙ୍କୁ ଅନୁରୋଧ ଯେ, ନୋ ଭାଇକଲ ଡେ ପାଳିବେ । ସରକାର ଆଗାମୀ ୬ ମାସ ଯାଏ କୌଣସି ଗାଡ଼ି କ୍ରୟ କରିବେ ନାହିଁ । ୧ରୁ ୮ ଗ୍ରେଡ୍ ଯାଏ କର୍ମଚାରୀଙ୍କୁ ସରକାରଙ୍କ ଠାରୁ ୧୦ ପ୍ରତିଶତ ଅତିରିକ୍ତ ଭତ୍ତା ଦିଆଯିବ , ଯଦି ୨୫ ପ୍ରତିଶତ ଭତ୍ତାର ଖର୍ଚ୍ଚ ସାର୍ବଜନିକ ପରିବହନ ଉପରେ କରିବେ । ୨୯ କଲୋନୀରେ ୫୮ଟି ବସ୍ ଲାଗିବ ,ଯାହା ସରକାରୀ କର୍ମଚାରୀଙ୍କୁ ତାଙ୍କ ଘରୁ ମେଟ୍ରୋ ଷ୍ଟେସନ ଯାଏ ପହଞ୍ଚାଇବାର କାମ କରିବ । ୫୦ ପ୍ରତିଶତ ବୈଠକ ଅନଲାଇନ କରାଯିବ , ବିଶ୍ୱବିଦ୍ୟାଳୟ ଓ କଲେଜରୁ ମଧ୍ୟ ଅନଲାଇନ ମୋଡ୍ ରେ ପଢାଇବାକୁ ଅନୁରୋଧ କରାଯିବ । କୋର୍ଟଙ୍କୁ ମଧ୍ୟ ଅନଲାଇନ ମାଧ୍ୟମରେ ଶୁଣାଣିର ଅପିଲ କରାଯାଇଛି । ରେଖା ଗୁପ୍ତା ସରକାର କହିଛନ୍ତି ଯେ, କୌଣସି ମନ୍ତ୍ରୀ କିମ୍ବା ଅଧିକାରୀ ଆଗାମୀ ବର୍ଷେ ଯାଏ ବିଦେଶ ଯାତ୍ରା କରିବେ ନାହିଁ । ସବୁ କାର୍ଯ୍ୟକ୍ରମ ବିଦେଶ ଯିବାର ସ୍ଥଗିତ କରିଦିଆ ଯିବ । ଆଗାମୀ ୩ ମାସ ଯାଏ ବଡ଼ ଇଭେଣ୍ଟ ହେବ ନାହିଁ । ଦିଲ୍ଲୀ ପାଇଁ ସ୍ୱତନ୍ତ୍ର ଟ୍ରାଭେଲ ପ୍ରୋଗ୍ରାମ କରାଯିବ ,ଯାହାକି ବାହାରର ଲୋକ ଏଠାକୁ ଆସି ପାରିବେ । ସବୁ ମଲ୍ ଆଦିରେ ମେକ୍ ଇନ ଇଣ୍ଡିଆର ପ୍ରଡକ୍ଟ ଉପଲବ୍ଧ ହେବ । ଦିଲ୍ଲୀ ସରକାର ଇଣ୍ଡିଆ ମେଡ୍ ପ୍ରଡକ୍ଟକୁ ହିଁ ପ୍ରାଥମିକତା ଦେବେ । ୯୦ ଦିନ ଯାଏ ଦିଲ୍ଲୀରେ ସଚେତନତା ଅଭିଯାନ ଚାଲିଯିବ । ଯେଉଁଥିରେ ଲୋକଙ୍କୁ ଇନ୍ଧନ ସଞ୍ଚୟ , ସାର୍ବଜନିକ ପରିବହନ ବ୍ୟବହାର କରିବା ପାଇଁ ଲୋକେ ଶପଥ ନେବେ। ସରକାର କହିଛନ୍ତି ଯେ, ବିଦ୍ୟୁତର ଖର୍ଚ୍ଚକୁ ହ୍ରାସ କରିବାର ପ୍ରୟାସ କରାଯିବ । ସବୁ ଅଫିସରେ ୨୪ରୁ ୨୬ ଡିଗ୍ରୀରେ ଚଲାଯିବ । ସେପଟେ , ଅଫିସ ଗୁଡ଼ିକ ଖାଲି ହେବା କ୍ଷଣି ଲାଇଟ୍ ବନ୍ଦ କରିବାର ସ୍ୱିଚ୍ ଲଗାଯିବ ,ଯାହାକି ବିଦ୍ୟୁତ୍ର ଅଯଥା ଖର୍ଚ୍ଚ ହେବ ନାହିଁ ।

ଉତ୍ତର ପ୍ରଦେଶରେ ପ୍ରଳୟଙ୍କରୀ ଝଡ଼ବର୍ଷା, ୮୯ ମୃତ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ଉତ୍ତର ପ୍ରଦେଶରେ ବୁଧବାର ସନ୍ଧ୍ୟାରେ ପ୍ରଳୟଙ୍କାରୀ ବର୍ଷା ଝଡ଼ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୮୯ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ସନ୍ଧ୍ୟାରେ ପ୍ରବଳ ବର୍ଷା ହେବା ସହିତ ପବନ ଓ ଧୂଳିଝଡ଼ ଜନଜୀବନ ଅସ୍ତବ୍ୟସ୍ତ କରିପକାଇଥିଲା । ଅନେକ ସ୍ଥାନରେ ଗଛ ଉପୁଡ଼ି ରାସ୍ତାରେ ପଡ଼ି ରହିଥିବା ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିଲା । ପ୍ରୟାଗରାଜ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏଠାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସନ୍ଥ ରବିଦାସ ନଗରରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି, ଫତେହପୁରରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଓ ମିର୍ଜାପୁରରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ଉନ୍ନାଓ, ବଦାୟୁଁ, ବରେଲି ଓ ପ୍ରତାପଗଡ଼ ସମେତ ଅନ୍ୟ ଅନେକ ଜିଲ୍ଲାରେ ମଧ୍ୟ ଝଡ଼ ଯୋଗୁଁ ଗଛ ଉପୁଡ଼ି ପଡ଼ିଛି, ଘର କ୍ଷତିଗ୍ରସ୍ତ ହୋଇଛି ଓ କାନ୍ଥ ଭୁଶୁଡ଼ି ପଡ଼ିଛି । ଉତ୍ତର ପ୍ରଦେଶ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ, ଝଡ଼ବର୍ଷା ଯୋଗୁ ୫୩ ଜଣ ଲୋକ ଆହତ ହୋଇଥିବାବେଳେ ୧୧୪ଟି ପଶୁଙ୍କ ମୃତ୍ୟୁ ହୋଇଛି । ଅନେକ ଜିଲ୍ଲାରେ ଘର ଓ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି । କାନ୍ଥ ଓ ଗଛ ପଡ଼ି ଲୋକଙ୍କ ମୃତ୍ୟୁ ହୋଇଛି । କେତେକ ସ୍ଥାନରେ ବଜ୍ରପାତ ଯୋଗୁଁ ଲୋକଙ୍କ ମୃତ୍ୟୁ ହୋଇଛି । ଭାରତୀୟ ପାଣିପାଗ ବିଭାଗ ଉତ୍ତର ଭାରତରେ ପଶ୍ଚିମାଝଡ଼ ପ୍ରଭାବରେ ଝଡ଼ବର୍ଷା ନେଇ ଚେତାବନୀ ଦେଇଛି ।

ଶାନ୍ତି ଆଲୋଚନା ପୂର୍ବରୁ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ, ୨୨ ମୃତ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ଆମେରିକାର ମଧ୍ୟସ୍ଥତାରେ ୱାସିଂଟନରେ ଲେବାନନ୍ ଓ ଇସ୍ରାଏଲ ମଧ୍ୟରେ ଶାନ୍ତି ଆଲୋଚନା ପୂର୍ବରୁ ଇସ୍ରାଏଲ ବୁଧବାର ଲେବାନନ୍ ଉପରେ ବଡ଼ଧରଣର ଆକ୍ରମଣ କରିଛି, ଯେଉଁଥିରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି । ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀର ବିରୋଧ ସତ୍ତ୍ୱେ ଆମେରିକାରେ ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଆଲୋଚନା ପାଇଁ ପ୍ରୟାସ ଚାଲିଛି । ଗୁରୁବାର ଓ ଶୁକ୍ରବାର ଶାନ୍ତି ଆଲୋଚନା ଆୟୋଜିତ ହେବା ପୂର୍ବରୁ ଆକ୍ରମଣ ବନ୍ଦ ରଖିବାକୁ ଲେବାନନ୍ ଇସ୍ରାଏଲ ଉପରେ ଚାପ ପକାଇବାକୁ ୱାସିଂଟନକୁ କହିଆସୁଛି । ଇସ୍ରାଏଲ ଓ ଲେବାନନ ମଧ୍ୟରେ ବିବାଦ ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ଚୁକ୍ତି କରିବାକୁ ଆମେରିକା ପ୍ରୟାସ କରୁଥିବାବେଳେ ବରିଷ୍ଠ କୂଟନୀତିଜ୍ଞ ସାଇମନ୍ କରାମ ପ୍ରଥମ

ଥର ଲେବାନନ୍ ପ୍ରତିନିଧି ମଣ୍ଡଳୀର ପ୍ରତିନିଧିତ୍ୱ କରୁଛନ୍ତି । ଏଏଫ୍ପି ଜାତୀୟ ନ୍ୟୁଜ ଏଜେନ୍ସି ସୂତ୍ରରୁ ପ୍ରକାଶ କରିଛି ଯେ, ଇସ୍ରାଏଲ ଦକ୍ଷିଣ ଓ ପୂର୍ବ ଲେବାନନ୍ର ୪୦ରୁ ଅଧିକ ସ୍ଥାନ ଉପରେ ଆକଶମାର୍ଗରୁ ଟାର୍ଗେଟ କରି ଆକ୍ରମଣ କରିଥିବାବେଳେ ଅନେକ ଲୋକ ମୃତାହତ ହୋଇଛନ୍ତି । ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଦକ୍ଷିଣ ଲେବାନନ୍ ତିନିଟି ଗାଁ ଉପରେ ହୋଇଥିବା ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୬ ଜଣ ଶିଶୁ ଅଛନ୍ତି । ଏହାପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ବେରୁଟଠାରୁ ପ୍ରାୟ ୨୦-୩୦ କିମି ଦୂର ଦକ୍ଷିଣରେ ଉପକୂଳୀୟ ହାଇୱେରେ ଏକ କାର୍ ଉପରେ ଆକ୍ରମଣରେ ୨ ଜଣ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିଲା । ଏପ୍ରିଲ ୧୬ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଓ ଲେବାନନ୍ ଯୁଦ୍ଧବିରତି ପାଇଁ ରାଜି ହୋଇଥିବା କହିବା ପରଠାରୁ ଇସ୍ରାଏଲ ଆକ୍ରମଣରେ ଲେବାନନରେ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି ।

ତୃତୀୟ ପର୍ଯ୍ୟାୟ ଏସ୍ଆଇଆର୍ ଘୋଷଣା କଲେ ଇସିଆଇ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଗୁରୁବାର ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ତୃତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରିବାକୁ ଘୋଷଣା କରିଛନ୍ତି । କେବଳ ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖକୁ ଏଥିରୁ ବର୍ତ୍ତମାନ ପାଇଁ ବାଦ୍ ଦିଆଯାଇଛି । ତୃତୀୟ ପର୍ଯ୍ୟାୟରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡୀଗଡ଼, ଦାଦ୍ରା ନଗର ହାଭେଳି ଓ ଦମନ ଦିଉ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଦିଲ୍ଲୀ, ପଞ୍ଜାବ, ସିକ୍କିମ , ତ୍ରିପୁରା, ତେଲଙ୍ଗାନା ଓ ଉତ୍ତରଖଣ୍ଡ ରହିଛି । ଏହି ପର୍ଯ୍ୟାୟରେ ୩ ଲକ୍ଷ ୯୪ ହଜାର ବୁଥସ୍ତରୀୟ ଅଧିକାରୀ (ବିଏଲଓ) ଘରକୁ ଘର ବୁଲି ପାଖାପାଖି ୩୬.୭୩ କୋଟି ଭୋଟରଙ୍କ ଯାଞ୍ଚ କରିବେ । ମେ ୩୦ ତାରିଖରୁ ବିଏଲଓ ଘରକୁ ଘର ବୁଲି ଭୋଟର ତାଲିକା ଯାଞ୍ଚ କରିବା ସହିତ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଡ୍ରାଫ୍ଟ ଭୋଟର ତାଲିକା

ପ୍ରକାଶ କରିବେ । ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ୭ ତାରିଖରେ ପ୍ରକାଶ କରାଯିବ । ହିମାଚଳ ପ୍ରଦେଶ, ଜମ୍ମୁ ଓ କାଶ୍ମୀର ଓ ଲଦାଖରେ ପରବର୍ତ୍ତୀ ସମୟରେ ତୃତୀୟ ପର୍ଯ୍ୟାୟ ଜନଗଣନା ପରେ ସ୍ୱତନ୍ତ୍ର ଭାବେ ଏସ୍ଆଇଆର୍ କରାଯିବ । ପାଣିପାଗ ଓ ଅନ୍ୟ ସବୁ ଆହ୍ୱାନପୂର୍ଣ୍ଣ ସ୍ଥିତିକୁ ଲକ୍ଷ୍ୟ କରି ଏହି ଏସ୍ଆଇଆର୍ କରାଯିବ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସମସ୍ତ ଭୋଟରଙ୍କୁ ତୃତୀୟ ପର୍ଯ୍ୟାୟ ଏସ୍ଆଇଆରରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବିହାରରେ ଜୁନ୍ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ହୋଇଥିଲା । ଏହାପରେ ଅକ୍ଟୋବର ୨୦୨୫ରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ପ୍ରମୁଖ ୯ ରାଜ୍ୟ ଓ ତିନି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ହୋଇଥିଲା । ଉତ୍ତର ପ୍ରଦେଶରେ ସର୍ବାଧିକ ୨.୦୪ କୋଟି ଭୋଟର ବାଦ୍ ପଡ଼ିଥିବାବେଳେ ପଶ୍ଚିମବଙ୍ଗରେ ୮୩.୮୬ ଲକ୍ଷ୍ୟ ଭୋଟର ବାଦ୍ ପଡ଼ିଥିଲେ । ପ୍ରଥମ ଦୁଇ ପର୍ଯ୍ୟାୟରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୯ କୋଟି ଭୋଟରଙ୍କ ଯାଞ୍ଚ କରାଯାଇଥିଲା ।

ମହାସଙ୍କଟରେ କ୍ୟୁବା
ସରିଗଲା ଇନ୍ଧନ, ଦୈନିକ ୨୦ ଘଣ୍ଟା ବିଦ୍ୟୁତ କାଟ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି): କାରିବିଆନ୍ ରାଷ୍ଟ୍ର କ୍ୟୁବା ବର୍ତ୍ତମାନ ତାର ଇତିହାସର ସବୁଠାରୁ ଭୟଙ୍କର ଶକ୍ତି ସଙ୍କଟ ଦେଇ ଗତି କରୁଛି । ଦେଶରେ ଡିଜେଲ ଓ ଇନ୍ଧନ ତେଲ ସମ୍ପୂର୍ଣ୍ଣ ଭାବେ ସରିଯାଇଥିବା ନେଇ ଶକ୍ତି ମନ୍ତ୍ରୀ 'ଭିସେଣ୍ଟେ ଡେ ଲା ଓ' ସୂଚନା ଦେଇଛନ୍ତି । ଏହି କାରଣରୁ ରାଜଧାନୀ ହାଭାନା ସମେତ ସାରା ଦେଶରେ ଦିନକୁ ୨୦ରୁ ୨୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ବିଭ୍ରାଟ ଜାରି ରହିଛି । ବିଦ୍ୟୁତ ଅଭାବରୁ ଖାଦ୍ୟ, ଔଷଧ, ପାଣି ଓ ପରିବହନ ଭଳି ଅତ୍ୟାବଶ୍ୟକ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ପ୍ରାୟ ୧୦ ନିୟୁତ ଲୋକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଦେଶର ବିଦ୍ୟୁ ଗ୍ରୀଡ୍ କେବଳ ସ୍ଥାନୀୟ ଅଶୋଧିତ ତୈଳ ଏବଂ ନବୀକରଣୀୟ ଶକ୍ତି ଉପରେ ନିର୍ଭର କରି ଚାଲୁଛି । ଶକ୍ତି ମନ୍ତ୍ରୀଙ୍କ ଅନୁଯାୟୀ, ଆମେରିକା-ଇସ୍ରାଏଲ ଓ ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ଓ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଏହି ସଙ୍କଟକୁ ଆହୁରି ଜଟିଳ କରିଛି । ଚଳିତ ବର୍ଷ ଜାନୁଆରୀ ମାସରୁ ମେକ୍ସିକୋ ଏବଂ ଭେନେଜୁଏଲା ଭଳି ପ୍ରମୁଖ ଯୋଗାଣକାରୀ ଦେଶ କ୍ୟୁବାକୁ ତେଲ ପଠାଇବା ବନ୍ଦ କରିଦେଇଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ କ୍ୟୁବାକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାର ଧମକ ଯୋଗୁଁ ଏହି ସମସ୍ୟା ଉପୁଜିଛି । କେବଳ ରୁଷର ଏକ ତୈଳ ଟ୍ୟାଙ୍କର୍ 'ଆନାଟୋଲି କୋଲୋଡକିନ୍' ଏପ୍ରିଲ ମାସରେ କିଛି ପରିମାଣର ତେଲ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ଏହି ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଜାତିସଂଘ ଗତ ସପ୍ତାହରେ ଆମେରିକାର ଏହି ଅବରୋଧକୁ ବେଆଇନ ବୋଲି ଦର୍ଶାଇଛି ।

ହର୍ମୁଜ୍ ନିକଟରେ ଭାରତୀୟ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ

ଭାରତ ଦେଲା କଡ଼ା ଚେତାବନୀ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଏକ ବିବୃତି ଜାରି କରି କହିଛି ଯେ ଏପରି ଆକ୍ରମଣକୁ ସହ୍ୟ କରାଯାଇପାରିବ ନାହିଁ । ଏହା ଅସ୍ୱୀକାର୍ଯ୍ୟୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସରକାରୀ ବିବୃତୀ ଅନୁଯାୟୀ, ବୁଧବାର ଦିନ ଓମାନ ଉପକୂଳରେ ଏକ ଭାରତୀୟ ପତାକା ଜାହାଜ ଉପରେ ହୋଇଥିବା ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ଆମେ ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଲଗାତାର ଟାର୍ଗେଟ କରାଯାଉଥିବା ଘଟଣାର ନିନ୍ଦା କରୁଛୁ । ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ସମସ୍ତ ଭାରତୀୟ କୁ ସଦସ୍ୟ ସୁରକ୍ଷିତଥିବା ନିଶ୍ଚିତ କରି ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି । ବିବୃତିରେ କୁହାଯାଇଛି ଯେ ଜାହାଜରେ ଥିବା ଭାରତୀୟ କୁ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଉଦ୍ଧାର କରିଥିବା ପାଇଁ ଆମେ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଉଛୁ । ଭାରତ ବାଣିଜ୍ୟିକ ଜାହାଜ ଚଳାଚଳକୁ ଟାର୍ଗେଟ କରିବା ଏବଂ ନିରୀହ ନାଗରିକ କୁ ସଦସ୍ୟଙ୍କୁ ବିପଦରେ ପକାଇବା କିମ୍ବା ନୌପରିବହନ ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ଦେବାରୁ ନିବୃତ୍ତ ରହିବାର ଆବଶ୍ୟକତାକୁ ଦୋହରାଇଛି । ଏହି ଗୁଜରାଟୀ ମାଲବାହୀ ଜାହାଜଟି ଓମାନ ଉପକୂଳରେ ହର୍ମୁଜ ପ୍ରଣାଳୀରେ ବୁଡ଼ି ଯାଇଛି । 'ହାଜି ଅଲି' ନାମକ ଏହି ଜାହାଜଟି ମେ' ୧୩ ତାରିଖ ସକାଳେ ଓମାନ ଜଳପଥରେ ଗତି କରୁଥିଲା ବେଳେ ଏହା ଉପରେ ଏକ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ପରି ଅସ୍ତ୍ର ଆଘାତ କରିଥିଲା । ଦୁର୍ଘଟଣା ପରେ, ଜାହାଜରେ ନିଆ ଲାଗିଯାଇଥିଲା, କିନ୍ତୁ ଓମାନ ତଟରକ୍ଷୀ ବାହିନୀ ସମସ୍ତ ୧୪ ଜଣ କୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା ।

ବିହାର ଓ ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ନାଁ ନଥିବା ଲୋକଙ୍କୁ ମିଳିବନି ସରକାରୀ ଯୋଜନାର ଲାଭ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରଭାବ ନିର୍ବାଚନ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ । ପଶ୍ଚିମବଙ୍ଗ ଓ ବିହାର ସରକାର ଏ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ଦୁଇ ରାଜ୍ୟରେ ଏସ୍ଆଇଆର୍ ପରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ସରକାରୀ ତଥା ଜନକଲ୍ୟାଣକାରୀ ଯୋଜନାର ଲାଭ ମିଳିବ ନାହିଁ । ଏହାର ମୁଖ୍ୟ ଉଦ୍ଦେଶ୍ୟ ସରକାରୀ ଯୋଜନାର ବଣ୍ଟନରେ ହେଉଥିବା ଜାଲିଆତିକୁ ରୋକିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ଉଠାଇବାରୁ ଦୂରେଇ ରଖିବା । ନିର୍ବାଚନ ଆୟୋଗ ୨୦୨୫ ବିହାର ଓ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ କରିବାକୁ ଏସ୍ଆଇଆର୍ କରିଥିଲା । ଏହାଦ୍ୱାରା ମୃତ, ଜାଲ୍ ଭୋଟରଙ୍କୁ ତାଲିକାରୁ ହଟାଯାଇଥିଲା । ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ବିହାରରେ ପାଖାପାଖି ୬୫ ଲକ୍ଷ ଓ ପଶ୍ଚିମବଙ୍ଗରେ ୯୧ ଲକ୍ଷ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଥିଲା । ପଶ୍ଚିମବଙ୍ଗରୁ ଅପସାରିତ ୯୧ ଲକ୍ଷ ଲୋକଙ୍କ ମଧ୍ୟରୁ ୨୭ ଲକ୍ଷରୁ ଅଧିକ ଲୋକଙ୍କ ନାମ 'ବିସଙ୍ଗତି' ତାଲିକାରେ ରହିଛି ଓ ସେମାନେ ଗତ ଏପ୍ରିଲ ୨୩ ଓ ୨୯ ତାରିଖରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭୋଟ ଦେଇପାରି ନାହାନ୍ତି। ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ପ୍ରତ୍ୟକ୍ଷ ଲାଭ ପ୍ରଦାନ ବେଳେ ଅଯୋଗ୍ୟ ହିତାଧିକାରୀଙ୍କୁ ଦୂରେଇ ରଖିବାକୁ ଏସ୍ଆଇଆର୍ ଯାଞ୍ଚ ଡାଟାବେସ୍ ବ୍ୟବହାର କରିବ । କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ପି ଚିଦାମ୍ବରମ୍ ପଶ୍ଚିମବଙ୍ଗ ଓ ବିହାରରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଏହି ପଦକ୍ଷେପକୁ ଅପରାଧଜନକ ବୋଲି କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଗମ୍ଭୀର ପ୍ରଶ୍ନ ଉଠାଇଛି ବୋଲି କହି ଚିଦାମ୍ବରମ କହିଛନ୍ତି, ନାଗରିକତା ଭୋଟର ତାଲିକାରେ ଅନ୍ତର୍ଭୁକ୍ତିର ଆଧାର, ନା ଭୋଟର ତାଲିକାରେ ଅନ୍ତର୍ଭୁକ୍ତି ନାଗରିକତାର ଆଧାର ସେ ଉପରେ ସୁପ୍ରିମକୋର୍ଟ ଚିନ୍ତା କରିବା ଉଚିତ । ମେ ୧୦ ତାରିଖରେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରିବା ପରେ ଘୋଷଣା କରିଥିଲା ଯେ, ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଓ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ମାମଲାର ହିତାଧିକାରୀଙ୍କୁ ଏବେ ପାଇଁ ଅନ୍ନପୂର୍ଣ୍ଣା ଭଣ୍ଡାର ଯୋଜନା ପରି ଯୋଜନାର ଲାଭ ମିଳିପାରିବ ନାହିଁ । ପଶ୍ଚିମବଙ୍ଗ ପରି ବିହାରରେ ଏନ୍ଡିଏ ସରକାର ମଧ୍ୟ ସମାନ ପଦକ୍ଷେପ ନେଇଛି । ବିହାର ସରକାର ଘୋଷଣା କରିଛନ୍ତି ଯେ, ଏସ୍ଆଇଆରରେ ବାଦ୍ ପଡ଼ିଥିବା ନାଁ ସାମାଜିକ କଲ୍ୟାଣ ଯୋଜନା ଓ ରାସନ କାର୍ଡ଼ ଯୋଜନାରୁ ଲାଭ ଉଠାଇ ପାରିବେ ନାହିଁ ।

ବଢ଼ିବ ସୁନାର କଳାବଜାରୀ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ମଧ୍ୟପ୍ରାଚ୍ୟ ସଂକଟ ମଧ୍ୟରେ ଆମଦାନି ବିଲ୍କୁ କମାଇବା ପାଇଁ ତତ୍ପର ହୋଇଛନ୍ତି କେନ୍ଦ୍ର ସରକାର । ଏଭଳି ସ୍ଥିତିରେ ଅଣଜରୁରୀ ସାମଗ୍ରୀ ଆମଦାନି ଉପରେ କଟକଣା ଲଗାଇବା ପାଇଁ ପ୍ରସ୍ତୁତ କରିଛନ୍ତି ଠୋସ୍ ରଣନୀତି । ଉକ୍ତ କ୍ରମରେ ଆଜି ସୁନା ଏବଂ ରୁପାର ଆମଦାନି ଶୁଳ୍କକୁ ୬%ରୁ ୧୫% କୁ ବାଢ଼ାଇ ଦେଇଛନ୍ତି କେନ୍ଦ୍ର ସରକାର । ଏହା ବର୍ତ୍ତମାନ ଦେଶର ଗହଣା ଏବଂ ରତ୍ନପଥର ଶିଳ୍ପ ପାଇଁ ନୂଆ ଆହ୍ୱାନ ଛିଡ଼ା କରିଥିବା ସର୍ବଭାରତୀୟ ରତ୍ନପଥର ଏବଂ ଗହଣା ପରିଷଦ(ଜିଜେସି) ପକ୍ଷରୁ କୁହାଯାଇଛି । ଜିଜେସି ପ୍ରକାଶ କରିଛି ଯେ, ସରକାରଙ୍କ ଏ ନିଷ୍ପତ୍ତି ଦ୍ୱାରା ସୁନାର ଚୋରାଚାଲାଣ ବଢ଼ିବ । ଚୋରା ନେଟ୍ୱର୍କ ମାଧ୍ୟମରେ ଦେଶକୁ ସୁନା ଆସିବ, ଯାହାକି ଏକ ଅବୈଧ ବଜାର ସୃଷ୍ଟି କରିବ । ଜିଜେସି ଅଧ୍ୟକ୍ଷ ରାଜେଶ ରୋକ୍ଡେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖର୍ଚ୍ଚକାଟ ପଦକ୍ଷେପ ଅନ୍ତର୍ଗତ ସୁନାର ଆମଦାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତି ଯୋଗୁ ବ୍ୟବସାୟ କରିବା କଷ୍ଟକର ପାଲଟିବାକୁ ଯାଉଛି । ଏହା ସୁନାର ଅବୈଧ କାରବାରକୁ ବଢାଇବ। ସୁନାର ଚୋରାଚାଲାଣ ବଢ଼ିବ । ଦେଶରେ ଏକ ସମାନ୍ତରାଳ ଅର୍ଥବ୍ୟବସ୍ଥାର ସୂତ୍ରପାତ ହେବ । ଶୁଳ୍କବୃଦ୍ଧିକୁ ନେଇ ବ୍ୟାଖ୍ୟା କରି ରୋକ୍ଡ କହିଛନ୍ତି ଯେ, ଆମଦାନି ଶୁଳ୍କରେ ସୀମା ଶୁଳ୍କ, ଜିଏସ୍ଟି ଏବଂ କୃଷି ସେସ୍ ରହିଛି । ବର୍ତ୍ତମାନ ବର୍ଦ୍ଧିତ ଆମଦାନି ଶୁଳ୍କ ଦ୍ୱାରା ୧୦ ଗ୍ରାମ ପିଛା ସୁନା ୨୭,୦୦୦ ଟଙ୍କା ମହଙ୍ଗା ହେବ । ସେନ୍କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡର ଏମ୍ଡି ତଥା ସିଇଓ ଶୁଭଙ୍କର ସେନ୍ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ସଂକଟ ବଳବତ୍ତର ରହିବା ପର୍ଯ୍ୟନ୍ତ ଆମଦାନି ଶୁଳ୍କ ଉଚ୍ଚ ରହିବ । ବର୍ଷେ ପର୍ଯ୍ୟନ୍ତ ୧୫% ଆମଦାନି ଶୁଳ୍କକୁ ବହନ କରିବାକୁ ପଡ଼ିପାରେ । ଦର ଉଚ୍ଚ ରହିବା କାରଣରୁ ବିକ୍ରି କମିବ । ଗହଣା କାରବାର ପ୍ରଭାବିତ ହେବ । ତେବେ ହାଲୁକା ଗହଣା ଟ୍ରେଣ୍ଡ ତ୍ୱରାନ୍ୱିତ ହେବ ।

ବ୍ରିକ୍ସ ସମ୍ମିଳନୀରେ ଆମେରିକାକୁ ପତନମୁଖୀ ସାମ୍ରାଜ୍ୟ କହିଲେ ଆରାଘଚି

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ଇରାନ ବିଦେଶ ମନ୍ତ୍ରୀ ଅବାସ ଆରାଘଚି ଗୁରୁବାର ଆମେରିକାକୁ ତୀବ୍ର ସମାଲୋଚନା କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବ୍ରିକ୍ସ ଦେଶମାନଙ୍କ ବିଦେଶ ମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ଆରାଘଚି ଆମେରିକା ଗୁଣ୍ଡାଗିରି କରୁଥିବା ଅଭିଯୋଗ କରି ଏହା ଏକ ପତନମୁଖୀ ସାମ୍ରାଜ୍ୟର ଆଚରଣ ବୋଲି କହିଥିଲେ । ବ୍ରିକ୍ସ ଦେଶମାନଙ୍କ ପ୍ରତିନିଧିଙ୍କୁ ସମ୍ବୋଧିତ କରି ଆରାଘଚି କହିଛନ୍ତି, ଆଞ୍ଚଳିକ ଅସ୍ଥିରତା ଆକ୍ରମଣକାରୀଙ୍କ ସମେତ ସମସ୍ତ ପକ୍ଷ ପାଇଁ ପରାଜୟ ପରି ବୋଲି ବିଶ୍ୱର ପ୍ରାୟ ସମସ୍ତ ଦେଶ ସ୍ୱୀକାର କରୁଛନ୍ତି । ଯେଉଁମାନେ ବେପରୁଆ ଭାବେ ଏପରି ଦୁଃସାହସିକ କାର୍ଯ୍ୟ କରୁଛନ୍ତି ସେମାନେ ବିଶ୍ୱାସ କରନ୍ତି ଯେ ଏହା ସେମାନଙ୍କର ଭୂ-ରାଜନୈତିକ ସ୍ୱାର୍ଥକୁ ଆଗକୁ ବଢ଼ାଇଥାଏ । କିନ୍ତୁ ଗ୍ରାହକଙ୍କଠାରୁ ଦେଶମାନଙ୍କ ପର୍ଯ୍ୟନ୍ତ ଏବେ ସମସ୍ତେ ଜାଣି ଗଲେଣି ଯେ, ଆଞ୍ଚଳିକ ଅସ୍ଥିରତା ଆକ୍ରମଣକାରୀଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ପରାଜୟ ପରି ହୋଇଥାଏ । ଆମେରିକାର ଦାଦାଗିରି ସମ୍ମୁଖରେ ଇରାନର ପ୍ରତିରୋଧ ଏମିତି ଏକ ସଂଘର୍ଷ ଯାହାକି ଉପସ୍ଥିତ ସମସ୍ତ ଦେଶ ନିଜ ସହିତ ଯୋଡ଼ି ପାରୁଥିବେ,କିଏ ନା କିଏ , କେଉଁ ପ୍ରକାରରେ ଆମେରିକାର ଦାଦାଗିରିର ମୁକାବିଲା

କରୁଥିବ ବୋଲି ଆରାଘଚି କହିଛନ୍ତି । ବ୍ରିକ୍ସ ଦେଶମାନଙ୍କୁ ଏକାଠି କାମ କରିବାକୁ ଆହ୍ୱାନ ଦେଇ ଆରାଘଚି କହିଛନ୍ତି ଯେ, ଏବେ ଦେଶଗୁଡ଼ିକ ଏକାଠି ହୋଇ କାମ କରି ଏହା ସ୍ପଷ୍ଟ କରିଦେବାର ସମୟ ଆସିଯାଇଛି ଯେ, ଆମେରିକାର ଏପରି ଅଭ୍ୟାସର ସ୍ଥାନ ଅଳିଆ ଗଦାରେ ରହିଛି । ଆରାଘଚି ଆମେରିକାକୁ ସିଧାସଳଖ ପତନମୁଖୀ ସାମ୍ରାଜ୍ୟ ବୋଲି କହିଛନ୍ତି । ବ୍ରିକ୍ସ ଦେଶମାନଙ୍କ ବିଦେଶ ମନ୍ତ୍ରୀଙ୍କ ବୈଠକ ମେ ୧୪ ଓ ୧୫ ତାରିଖରେ ନୂଆଦିଲ୍ଲୀରେ ଚାଲିବ । ଏଥିରେ ବ୍ରାଜିଲ, ରୁଷ୍, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ସମେତ ୧୦ ସଦସ୍ୟ ରାଷ୍ଟ୍ର ଅଛନ୍ତି ।

ପାକିସ୍ତାନକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ କଡ଼ା ଚେତାବନୀ

ଭାରତକୁ ଆଖି ଉଠାଇ ଚାହିଁଲେ ସର୍ବନାଶ ହେବ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରାଜସ୍ଥାନର ନାଗୌର ଅନ୍ତର୍ଗତ ମେର୍ଟା ସହରରେ ରାଜପୁତ ଶାସକ ରାଓ ଡୁଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ଅବସରରେ ପଡ଼ୋଶୀ ପାକିସ୍ତାନକୁ ଅତ୍ୟନ୍ତ କଠୋର ଭାଷାରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ପାକିସ୍ତାନ ପୁଣି ଥରେ ଭାରତ ଉପରେ ଖରାପ ନଜର ପକାଇବାକୁ ସାହସ କରେ, ତେବେ ତାକୁ ଏପରି ପରିଣତି ଭୋଗିବାକୁ ପଡ଼ିବ ଯାହା ପୂର୍ବରୁ କେବେ ଘଟିନାହିଁ। ଭାରତ ଆଉ ନୀରବରେ କଷ୍ଟ ସହିବାକୁ ପ୍ରସ୍ତୁତ ନୁହେଁ। ରାଜନାଥ ସିଂହ ନିଜ ଅଭିଭାଷଣରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ମନେ ପକାଇ କହିଥିଲେ ଯେ, ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ । ମାତ୍ର ଭାରତୀୟ ସଂସ୍କୃତି ଜାତି ବା ଧର୍ମ ଆଧାରରେ ବିଭାଜନ ଶିଖାଏ ନାହିଁ । ଭାରତ ସବୁବେଳେ ନ୍ୟାୟ ଓ ମାନବିକତାରେ ବିଶ୍ୱାସ କରେ, କିନ୍ତୁ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡ ପାଇଁ ଭାରତ ଏପରି ଶକ୍ତିଶାଳୀ ଜବାବ ଦେଇଛି ଯେ ଶତ୍ରୁ ସ୍ତବ୍ଧ ହୋଇଯାଇଛି । ସେ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ଭାରତୀୟ ନାଗରିକଙ୍କ ଉପରେ ଆକ୍ରମଣ କରେ, ତେବେ ସେନା ସେମାନଙ୍କ ଘରେ ପଶି ପ୍ରତିଶୋଧ ନେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ସୁରକ୍ଷା ନୀତିରେ ଐତିହାସିକ ପରିବର୍ତ୍ତନ ହୋଇଛି ଏବଂ ଦେଶ କୌଣସି ପରିସ୍ଥିତିରେ ଆତଙ୍କବାଦକୁ ପ୍ରଶ୍ରୟ ଦେବ ନାହିଁ ।



ଆବଟ୍ ର ଭାରତରେ ଏନ୍‌ସ୍ୟୋର ଷ୍ଟ୍ରେନ୍ଥ ପ୍ରୋ ର ଶୁଭାରମ୍ଭ

ଭୁବନେଶ୍ୱର, ୧୪।୫ (ନି.ପ୍ର) : ଗ୍ଲୋବାଲ ହେଲ୍‌ଥକେୟାର କମ୍ପାନୀ ଆବଟ ପକ୍ଷରୁ ଏନ୍‌ସ୍ୟୋର ଷ୍ଟ୍ରେନ୍ଥ ପ୍ରୋ'ର ଶୁଭାରମ୍ଭ କରାଯାଇଛି । ଏହା ମାଂସପେଶୀ, ହାଡ଼, ହୃଦୟ, ରକ୍ତ କୋଷିକା, ରୋଗ ପ୍ରତିରୋଧକ ପ୍ରଣାଳୀ, ମେଟାବୋଲିଜିମ ଓ ସ୍ନାୟୁ ପ୍ରଣାଳୀ ଭଳି ଶରୀରର ୭ଟି ପ୍ରମୁଖ କ୍ଷେତ୍ରକୁ ପୋଷଣ ପ୍ରଦାନ କରିବାରେ ସାହାଯ୍ୟ କରୁଥିବା ପୋଷକତତ୍ତ୍ୱର ଏକ ମିଶ୍ରଣ । ଭାରତର ବିଭିନ୍ନ ରାଜ୍ୟରେ ଖାଦ୍ୟ ସମ୍ବନ୍ଧିତ ବିବିଧତା କାରଣରୁ ଆହାରଗୁଡିକରେ ପ୍ରାୟ ୧୧ରୁ ୨୫ଟି ଜରୁରୀ ପୋଷକତତ୍ତ୍ୱର ଅଭାବ ଦେଖା ଦେଇଥାଏ । ଶରୀର କିଭଳି ବୟସ ଓ ପୋଷକ ତତ୍ତ୍ୱ ଅଭାବ କାରଣରୁ ପ୍ରଭାବିତ ହୋଇଥାଏ ତାହାକୁ ଭଲ ଭାବରେ ବୁଝି, ଏନ୍‌ସ୍ୟୋର ଷ୍ଟ୍ରେନ୍ଥ ପ୍ରୋ ଏଭଳି ପୋଷକତତ୍ତ୍ୱ ପ୍ରଦାନ କରୁଛି ସାହା ସ୍ୱାସ୍ଥ୍ୟର ପ୍ରମୁଖ ୭ଟି ଦିଗକୁ ପୋଷଣ ଯୋଗାଇଥାଏ ଓ ଲୋକଙ୍କୁ ଶକ୍ତିସମ୍ପନ୍ନ ଅନୁଭବ କରିବାରେ ସାହାଯ୍ୟ କରିଥାଏ । ଏନ୍‌ସ୍ୟୋର ଷ୍ଟ୍ରେନ୍ଥ ପ୍ରୋ ବୟସ୍କ ବ୍ୟକ୍ତିଙ୍କ ବିକଶିତ ପୋଷଣ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିବା ପାଇଁ ୩୦ ଗ୍ରାମର ହାଇକ୍ୱାଲିଟି ପ୍ରୋଟିନ ସହିତ ୩୧ଟି ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ । ଏଥିରେ ହାଡ, ହୃଦୟ, ରକ୍ତ କୋଷିକା, ରୋଗ ପ୍ରତିରୋଧକ ପ୍ରଣାଳୀ, ମେଟାବୋଲିକ ସିଷ୍ଟମ ଓ ସ୍ନାୟୁ ପ୍ରଣାଳୀକୁ ସହଯୋଗ କରିବା ପାଇଁ ଜରୁରୀ ପୋଷକ ତତ୍ତ୍ୱ ରହିଛି । ଭାରତରେ ଆବୋଟର ନ୍ୟୁଟ୍ରିସନ ବିଜନେସ୍‌ର ଜେନେରାଲ ମ୍ୟାନେଜର ଅନିର୍ବାନ ବାସୁ କହିଛନ୍ତି, 'ଆମର ବୈଜ୍ଞାନିକ ରୂପେ ପ୍ରସ୍ତୁତ ଏନ୍‌ସ୍ୟୋର ଷ୍ଟ୍ରେନ୍ଥ ପ୍ରୋ ବୟସ୍କ ବ୍ୟକ୍ତିମାନଙ୍କୁ ନିଜର ବିକଶିତ ପୋଷଣ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ବିଶେଷ କରି ସାଧାରଣ

ପୋଷକତତ୍ତ୍ୱ ଅଭାବ କ୍ଷେତ୍ରରେ, ଯାହାଫଳରେ ସେମାନେ ବୟସ ବଢ଼ିବା ସହିତ ସକ୍ରିୟ, ନିୟୋଜିତ ଓ ଆତ୍ମବିଶ୍ୱାସୀ ରହିପାରିବେ ।' ଆବେଟ୍‌ର ନ୍ୟୁଟ୍ରିସନ ବିଜନେସ୍ ପାଇଁ ମେଡିକାଲ ଓ ସାଇଂଟିଫିକ ଡାଇରେକ୍ଟର ଡକ୍ଟର ପ୍ରୀତି ଠାକୋର କହିଛନ୍ତି, 'ଆମେ ବୟସ୍କ ହେବା ସହିତ ଆମ ଶରୀରରେ ପୋଷଣ ଏକ ବୃହତ ଭୂମିକା ଗ୍ରହଣ କରିଥାଏ, ଯାହାକୁ ଅନେକ ଲୋକ ଅନୁଭବ କରିନଥାନ୍ତି । ଯାହା ଶରୀର ଆବଶ୍ୟକ କରିଥାଏ ତାହା ସମୟକ୍ରମେ ପରିବର୍ତ୍ତନ ହୋଇଥାଏ ଏବଂ ପୋଷଣ ପ୍ରତି ଏକ ସନ୍ତୁଳିତ ଆଭିମୁଖ୍ୟ ସାମଗ୍ରିକ ଶକ୍ତି ଓ ସ୍ଥିରତ ପ୍ରଦାନ କରିପାରିଥାଏ । ' ଉଚ୍ଚ ଗୁଣବତା ଓ ଅଧିକ ପରିମାଣର ପ୍ରୋଟିନ ସହିତ ଏହାର ଫର୍ମୁଲେଶନରେ କ୍ୟାଲସିୟମ, ଭିଟାମିନ ଡି, ଭିଟାମିନ କେ, ଫସ୍‌ଫରସ ଓ ଜିଙ୍କ, ପ୍ରୋଟିନ, ଏଲ-କାର୍ନିଟାଇନ ଏବଂ ଭିଟାମିନ ବି କମ୍ପ୍ଲେକ୍ସ, ଭିଟାମିନ ଡି, ଆଇରନ ରହିଛି ଯାହା ପୋଷକ ତତ୍ତ୍ୱର ଉପଯୋଗ ଓ ଏନର୍ଜି ମେଟାବୋଲିଜିମରେ ସହାଯ୍ୟ କରିଥାଏ । ଏଥିରେ ଥିବା ଆୟୋଡିନ ଓ ସେଲେନିୟମ ସୁସ୍ଥ ଥାଇରଏଡ ଫଙ୍କଶନକୁ ସପୋର୍ଟ କରିଥାଏ । ଏଥିରେ ସୁସ୍ଥ ରୋଗ ପ୍ରତିରୋଧକ ପ୍ରଣାଳୀକୁ ବଜାୟ ରଖିବାରେ ସାହାଯ୍ୟ କରୁଥିବା ୧୦ ପୋଷକତତ୍ତ୍ୱ ଯେପରିକି ଭିଟାମିନ ଏ, ସି, ଡି, ବି୬ ଓ ବି୧୨ ସହ ଜିଙ୍କ, ଆଇରନ, ଫୋଲେଟ, କପର ଓ ସେଲେନିୟମ ରହିଛି ।

କଗ୍ନିଜାଂଟ ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ ସମାପ୍ତ

ଭୁବନେଶ୍ୱର, ୧୪।୫ (ନି.ପ୍ର) : କଗ୍ନିଜାଂଟ ପକ୍ଷରୁ ପୁନେସ୍ଥିତ ଏହାର ଫ୍ୟାସିଲିଟିରେ ଏକ ଗ୍ରାଣ୍ଡ ଫିନାଲେ ସହିତ କଗ୍ନିଜାଂଟ ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ର ସମାପ୍ତ କରାଯାଇଛି । ଏହି ହ୍ୟାକାଥନରେ ଭାରତବ୍ୟାପୀ ୧୬୦ରୁ ଅଧିକ ସହରର ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ସମେତ ୪୫୦ରୁ ଅଧିକ କଲେଜର ୨୨୦୦୦ରୁ ଅଧିକ ପ୍ରି-ଫାଇନାଲ ବର୍ଷ ଇଞ୍ଜିନିୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସେଥିରେ ୬୨% ମହିଳା ସାମିଲ ଥିଲେ । ଏହି ହ୍ୟାକାଥନ ପରବର୍ତ୍ତୀ ପିଢ଼ିର ଏଆଇ-ପ୍ରସ୍ତୁତ ପ୍ରତିଭା ବିକଶିତ କରିବା ଏବଂ ଭାରତର ଭବିଷ୍ୟତର ଏଆଇ ନିର୍ମାତାଙ୍କୁ ସଶକ୍ତ କରିବା ପାଇଁ ଏକ ଏଆଇ ବିଲ୍ଡର ଭାବେ କଗ୍ନିଜାଂଟର ପ୍ରତିବଦ୍ଧତାକୁ ପ୍ରତିଫଳନ କରିଛି ଏହି ହ୍ୟାକାଥନରେ ପ୍ରତି ୪ ଜଣିଆ ସଦସ୍ୟ ବିଶିଷ୍ଟ ଟିମରେ ସର୍ବନିମ୍ନ ଦୁଇ ଜଣ ମହିଳ ସଦସ୍ୟ ରହିବା ଜରୁରୀ ଥିଲା । ଏହାର ଫଳସ୍ୱରୁକ ୬୨%ରୁ ଅଧିକ

ଅଂଶଗ୍ରହଣକାରୀ ମହିଳା ଥିବାବେଳେ ୫୬୦୦ରୁ ଅଧିକ ଟିମ ମଧ୍ୟରୁ ୧୧୦୦ରୁ ଅଧିକ ଟିମ କେବଳ ମହିଳାଙ୍କର ଥିଲା । ଏହି ହ୍ୟାକାଥନରେ ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ, କୋଏମ୍ବାଟୁର ଓ ପୁନେର ସର୍ବାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଏସମ୍ପର୍କରେ କଗ୍ନିଜାଂଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ଗ୍ଲୋବାଲ ଅପରେଶନ୍ସ ବିଭାଗର ଅଧ୍ୟକ୍ଷ ରାଜେଶ ବାରିୟର କହିଛନ୍ତି, 'ଏକ ଏଆଇ ବିଲ୍ଡର ଭାବେ ଆମେ ଜାଣିଛୁ ଯେ, ଏଆଇ ଓ ଉଦ୍ୟୋଗ ମଧ୍ୟରେ ଅନ୍ତରକୁ ଦୂର କରିବା ସେତେବେଳେ ସମ୍ଭବ ହୋଇଥାଏ , ଯେତେବେଳେ ପ୍ରତିଭାମାନେ ଟେକ୍ନୋଲୋଜି ସହ ଆଗକୁ ବଢ଼ିଥାନ୍ତି । କଗ୍ନିଜାଂଟ ହ୍ୟାକାଥନ ୨୦୨୬ ହେଉଛି ସେହି ଆବଶ୍ୟକତା ପ୍ରତି ଆମର ଉତର ଏବଂ ଏହା ଏକ ପ୍ରମାଣ ଭାବେ ଉଭା ହୋଇଛି ଯେ, ଭାରତର ଇଞ୍ଜିନିୟରିଂ ପ୍ରତିଭାମାନେ କେବଳ ବହୁମାତ୍ରାରେ ବିବିଧ ଅଟନ୍ତି ।' ଏହି ହ୍ୟାକାଥନ ଏପ୍ରିଲ ୨୦୨୬ରେ ଆରମ୍ଭ ହୋଇଥିଲା ଏବଂ ଏକ ଏକ୍ସପର୍ଟ ଜୁରୀ ନିକଟରେ ନିଜର ମିନିମମ ଭାୟାବୁଲ ପ୍ରଡକ୍ଟସ (ଏମଭିବି) ନିର୍ମାଣ ଓ ଉପସ୍ଥାପନ କରିବା ପାଇଁ ୨୪ଟି ଟିମ ଏକ ୨୪ ଘଂଟିଆ ଚ୍ୟାଲେରେ ପ୍ରତିଯୋଗିତା କରିଥିଲେ । ଏହି ପର୍ଯ୍ୟାୟ ପାଇଁ କଗ୍ନିଜାଂଟ, ଏଡବ୍ଲ୍ୟୁଏସ ସହ ସହଭାଗିତା କରିଥିଲା । ହ୍ୟାକାଥନର ବିଜେତା ଚେନ୍ନାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଟିମ୍ ଏରୋଫିଟା ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଥିବାବେଳେ କୋଲକାତାର ଟେକ୍ନୋ ମେନ ସଲ୍ଟ ଲେକ୍‌ର ଟିମ୍ ଆଉଲଗୋରିଦିମସ୍. ପ୍ରଥମ ରନର ଅପ୍, କୋଏମ୍ବାଟୁରର କରୁଣ୍ୟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଟିମ୍ ଦେବ୍‌ଟ୍ରୋନିକ୍ସ ୨ୟ ରନର ଅପ୍ ହୋଇଥିଲା ଏବଂ ଉଭୟ ଟିମ୍ ଯଥାକ୍ରମେ ୨ ଲକ୍ଷ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଥିଲେ ।।

ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟା

ଅନୁଗୋଳ, ୧୪।୫ (ନି.ପ୍ର) : ଖୁବ୍ ଶୀଘ୍ର ଆରମ୍ଭ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସ ଆଇ ଆର୍ । ଏହି ପରିପ୍ରେକ୍ଷୀରେ ନିମ୍ନ ଲିଖିତ ଅନୁଯାୟୀ ଏହି ଏସ ଆଇ ଆର୍ ପ୍ରକ୍ରିୟା ଅନୁଷ୍ଠିତ ହେବ । ଯେପରିକି ୨୦ ମଇ ରୁ ୨୯ ମଇ ୨୦୨୬ ମଧ୍ୟରେ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ଅନୁଷ୍ଠିତ ହେବ । ସେହିଭଳି ୩୦ ମଇ ରୁ ୨୮ ଜୁନ୍ ୨୦୨୬ ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀ ବା ବି.ଏଲ.ଓ ମାନେ ଘରକୁ ଘର ପରିଦର୍ଶନ କରିବେ ଏବଂ ଫର୍ମ ବଣ୍ଟନ କରିବେ । ୫ ଜୁଲାଇ ୨୦୨୬ ରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ (Publication of Draft Electrol Roll) । ସେହିଭଳି ଖସଡ଼ା ଭୋଟର ତାଲିକା ପ୍ରକାଶ ପରେ ୫ ଜୁଲାଇ ରୁ ୪ ଅଗଷ୍ଟ ୨୦୨୬ ସମୟସୀମା ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରାଯିବ । ସେହିପରି କରାଯାଇଥିବା ଦାବି କିମ୍ବା ଆପତ୍ତି ନିମନ୍ତେ ୫ ଜୁଲାଇ ରୁ ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ନୋଟିସ ପ୍ରଦାନ ତଥା ଦାବି ଓ ଆପତ୍ତି ଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ ୬ ସେପ୍ଟେମ୍ବର ୨୦୨୬ ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ ।

ବିଜିୟୁ କ୍ୟାମ୍ପସରେ ଅନୁଷ୍ଠିତ ହେବ ଟାଇମ୍ସ ଏଡୁରାଇଜ୍ ଏଆଇ ବୁଟ୍‌କ୍ୟାମ୍ପ ଓ କନକ୍ଲେଭ୍

ଭୁବନେଶ୍ୱର, ୧୪।୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ରିସରରେ ଆସନ୍ତା ମେ' ୧୬ ତାରିଖରେ ଦ ଟାଇମ୍ସ ଅଫ୍ ଇଣ୍ଡିଆର ଅଭିନବ ପଦକ୍ଷେ ଟାଇମ୍ସ ଏଡୁରାଇଜ୍ ଏଆଇ ବୁଟ୍‌କ୍ୟାମ୍ପ ଓ କନକ୍ଲେଭ୍ ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି ।

୧୬ ରୁ ୨୨ ବର୍ଷବୟସ୍କ ଯୁବପିଢ଼ିଙ୍କ ପାଇଁ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଭବିଷ୍ୟତର କ୍ୟାରିୟର, ନବସୃଜନ ଏବଂ ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ପରୀକ୍ଷା ମୂଳକ ଏବଂ ପାରସ୍ପରିକ ଆଲୋଚନା ମାଧ୍ୟମରେ ଶିକ୍ଷାଦାନ କରିବାକୁ ପ୍ରସ୍ତୁତଏହି ଅଭିନବ ପ୍ରୟାସ, ଭାରତର ଯୁବପିଢ଼ିଙ୍କୁ ଏକ ଏଆଇ - ଚାଳିତଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସହ ସାମସ୍ୟ ରଖୁଛି ।

ବର୍ତ୍ତମାନର ଏଆଇ ଯୁଗରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକିପରି ନିଯୁକ୍ତି, ଷ୍ଟାର୍ଟଅପ, ଉଦ୍ୟୋଗୀ କରଣ ଏବଂ ଭବିଷ୍ୟତର ନିଯୁକ୍ତି ସୁଯୋଗ କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି ତାହା ଏହି କନକ୍ଲେଭ୍‌ରେ ସ୍ୱତନ୍ତ୍ର ଏଆଇ ଏକ୍ସପର୍ଟସେସନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବ । ଏହି ଅବସରରେ ଏଆଇହାକାଥନ୍, କୁଇଜ୍ ପ୍ରତିଯୋଗିତା, ଉଦ୍ୟୋଗ ସମ୍ବନ୍ଧୀୟ ଆଲୋଚନା ଏବଂ ଭବିଷ୍ୟତର କୌଶଳ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ କୋଚିଂ ସଂସ୍ଥାର ଛାତ୍ରଛାତ୍ରୀ ମାନେ ସାମିଲ ହେବେ ।

ଏହି ପ୍ରତିଯୋଗିତାରେ ଏଆଇ ହାକାଥନ୍ ପାଇଁ ୩ ରୁ ୫ ଜଣ ସଦସ୍ୟ ଏବଂ କୁଇଜ୍ ପାଇଁ ୩ ଜଣ ସଦସ୍ୟଙ୍କୁ ନେଇ ଦଳ ଗଠନ କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଳିତ ସହଯୋଗ ଓ ସମସ୍ୟା ସମାଧାନର କୌଶଳ ବୃଦ୍ଧି କରିବ ।

ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେବାର ସମ୍ଭାବନା ଥିବାବେଳେ ଏହା ପ୍ରାୟ ୫୦୦୦ରୁ ଅଧିକ ଯୁବପିଢ଼ିଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି । ଟ୍ୱିନ୍‌ସିଟିର ପ୍ରାୟ ୧୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ଏଥିପାଇଁ ଆଗ୍ରହ ପ୍ରକାଶ କରି ସାରିଛନ୍ତି । ଏଥିରେ କୃତି ପ୍ରତିଯୋଗୀଙ୍କ ପାଇଁ ପୁରସ୍କାର ଓ ଅର୍ଥରାଶି ସହ ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା ରହିଛି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରାବିଭିନ୍ନଶିଳ୍ପ ଓ ଭବିଷ୍ୟତର କାର୍ଯ୍ୟଶୈଳୀରେ ଆସୁଥିବା ପରିବର୍ତ୍ତନକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ଅଭିନବ ପରିକଳ୍ପନା କରାଯାଇଛି । ଏହା ଶିଳ୍ପଜଗତର ବିଶେଷଜ୍ଞ, ସଫଳ ଉଦ୍ୟୋଗୀ ଏବଂ ବୃତ୍ତିଧାରୀଙ୍କ ସହମତ ବିନିମୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଏକ ସୁଯୋଗ ଦେବ । ଆସନ୍ତା ମେ' ୧୬, ଶନିବାର ସକାଳ ୯ଟାରୁ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ପଞ୍ଜୀକରଣ ପାଇଁ ଭିଜିଟ୍‌କରନ୍ତୁ:https://linktr.ee/timesedurise

ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିଃ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ୪ର୍ଥ ତ୍ରୈମାସିକ ଫଳାଫଳ ଘୋଷଣା

ଭୁବନେଶ୍ୱର, ୧୪।୫ (ନି.ପ୍ର) : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ପକ୍ଷରୁ ଗତ ମାର୍ଚ୍ଚ ୨୦୨୬ରେ ଶେଷ ହୋଇଥିବା ୪ର୍ଥ ତ୍ରୈମାସିକ ଓ ୨୦୨୫-୨୬ ଆର୍ଥିକ ବର୍ଷର ଫଳାଫଳ ଘୋଷଣା କରାଯାଇଛି । ଏହି ଆର୍ଥିକ ବର୍ଷରେ ବ୍ୟାଙ୍କର ଜମା ପରିମାଣ ବାର୍ଷିକ ଆଧାରରେ ୨୧.୪% ଓ ତ୍ରୈମାସିକ ଆଧାରରେ ୮.୨% ବୃଦ୍ଧି ହୋଇ ୪୫,୬୬୮ କୋଟି ଟଙ୍କା ରହିଛି । ସେହିପରି ସିଏଏସଏ ବାର୍ଷିକ ୩୫.୯% ବୃଦ୍ଧି ହୋଇ ୧୩୦୬୨ କୋଟି ଟଙ୍କା ରହିଥିବା ବେଳେ କାସା ଅନୁପାତ ୨୮.୬% ରହିଛି । ୨୦୨୫-୨୬ରେ ଗ୍ରସ ଲୋନ ବୁକ୍ (ଜିଏଲବି) ବାର୍ଷିକ ୨୬.୬%/ ତ୍ରୈମାସିକ ୯.୭% ବୃଦ୍ଧି ହୋଇ ୪୦,୬୫୫ କୋଟି ଟଙ୍କା ରହିଛି

UJJIVAN SMALL FINANCE BANK
Build a Better Life

ଯାହା ୯୮୧୧ କୋଟି ଟଙ୍କାର ସର୍ବୋଚ୍ଚ ଋଣ ବିତରଣ ଦ୍ୱାରା ପରିଚାଳିତ । ଋଣ ପୁସ୍ତକରେ ବାର୍ଷିକ ଆଧାରରେ ୨୬.୬% ବୃଦ୍ଧି ହୋଇଛି । ଅନ୍ୟପକ୍ଷରେ ୪ର୍ଥ ତ୍ରୈମାସିକରେ ବ୍ୟାଙ୍କର ଲାଭ ବାର୍ଷିକ ଆଧାରରେ ୨୩୮.୨% ବୃଦ୍ଧି ହୋଇ ୨୮୨ କୋଟି ଟଙ୍କା ରହିଥିବା ବେଳେ ସୁଧ ମାର୍ଜିନ ବାର୍ଷିକ ୨୦ ବେସିସ ପଏଂଟ ବୃଦ୍ଧି ହୋଇ ୮.୫% ରହିଛି । ସୁରକ୍ଷିତ ଋଣ ପୋର୍ଟଫୋଲିଓ ୪୩.୫% ବୃଦ୍ଧି ପାଇ ୨୦,୦୭୯ କୋଟିକୁ ପହଂଚିଛି ।

ଏହି ଫଳାଫଳ ସମ୍ପର୍କରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଏମ୍‌ଡି ଓ ସିଇଓ, ଶ୍ରୀ ସୀବ ନୌଟିୟାଲ କହିଛନ୍ତି, 'ଭାରତୀୟ ଅର୍ଥନୀତି ଏପର୍ଯ୍ୟନ୍ତ ମଜବୁତ ସ୍ଥିତିରେ ରହିଛି ଏବଂ ଆର୍‌ବିଆଇ ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷରେ ଏହା ୬.୯% ବୃଦ୍ଧି ହେବାର ସମ୍ଭାବନା ରହିଛି । ଏହା ମଜବୁତ ଘରୋଇ ଆଧାର, ସରକାରୀ ପଦକ୍ଷେପ ଓ ହସ୍ତକ୍ଷେପ ଓ ପର୍ଯ୍ୟାପ୍ତ ଲିକ୍ୟୁଡ଼ିଟି ଦ୍ୱାରା ସମର୍ଥିତ । ତେବେ ପଶ୍ଚିମ ଏସିଆ ଯୁଦ୍ଧ, ତେଲ ଦରର ଅସ୍ଥିରତା, ଯୋଗାଣ ଶୃଙ୍ଖଳା ଅସ୍ଥିରତା ଓ ସୁପର ଏଲ୍ ନିନୋ ପରି ପରିବେଶ ବିପର୍ଯ୍ୟୟ ମୁଦ୍ରାସ୍ଫୀତିକୁ ବହୁମାତ୍ରାରେ ପ୍ରଭାବିତ କରୁଛି । ଗତ ଏପ୍ରିଲ ୧୩ ତାରିଖରେ ଆରବିଆଇ ଆମର 'ୟୁନିଭର୍ସାଲ ବ୍ୟାଙ୍କ'କୁ ସ୍ୱେଚ୍ଛାକୃତ ରୂପା'ରଣ ପାଇଁ ଆବେଦନକୁ ଫେରାଇ ଦେଇଥିଲା । କିନ୍ତୁ ଆମର ଋଣ ପୋର୍ଟଫୋଲିଓରେ ବିବିଧକରଣ ପ୍ରୟାସକୁ ଆରବିଆଇ ସ୍ୱୀକାର କରିଛି ଏବଂ ଆମେ ଅଧିକ ସୁସମନ୍ୱିତ ଋଣ ପୁସ୍ତକ ପ୍ରଦର୍ଶନ କରିବା ପରେ ପୁନର୍ବାର ଆବେଦନ ଦାଖଲ କରିବୁ । ଆମେ ୟୁନିଭର୍ସାଲ ବ୍ୟାଙ୍କ ହେବାର ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଛୁ । ଏଥିପାଇଁ ଆମେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଆମର ବୋର୍ଡ ଓ ପରିଚାଳନାକୁ ଆହୁରି ସୁଦୃଢ଼ କରିଛୁ । ୨୦୨୬-୨୭ରେ ଆମର ଅଭିବୃଦ୍ଧି ଜାରି ରହିବ ବୋଲି ଆମେ ଆଶା ରଖିଛୁ, ପ୍ରାୟ ୨୫% ଜିଏଲବି ବୃଦ୍ଧି ଓ ସମ୍ପତି ଗୁଣବତାରେ ସୁଧାର ହେବା ସହ କ୍ରେଡିଟ୍ କଷ୍ଟ୍ , ହାରାହାରି ଜିଏଲବିର ୧.୪%ରୁ ୧.୫% ମଧ୍ୟରେ ରହିବାର ଆଶା ରହିଛି । ଅଭିବୃଦ୍ଧି ଯାତ୍ରାକୁ ବଜାୟ ରଖିବା ପାଇଁ ବୋର୍ଡ ପକ୍ଷରୁ ୨୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ପୁଂଜି ସଂଗ୍ରହକୁ ଅନୁମୋଦନ କରାଯାଇଛି ।

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ସୁନା ଉପରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମର୍ଥନ

ଭୁବନେଶ୍ୱର, ୧୪।୫ (ନି.ପ୍ର): ଦାୟିତ୍ୱବାନ ସୁନା ଉପଯୋଗିତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଆହ୍ୱାନ ପ୍ରତି ହାର୍ଦ୍ଦିକ ସମର୍ଥନ ଜଣାଇ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଗୋଲ୍ଡ ମନିଟାଇଜେସନ ସ୍କିମ (ଜିଏମଏସ)କୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କୁ ବ୍ୟାପକ ପ୍ରସ୍ତାବ ପ୍ରଦାନ କରାଯାଇଛି । ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଓ ମାନ୍ୟବର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଶ୍ରୀ ପୀୟୂଷ ଗୋୟଲଙ୍କୁ ମାଲାବାର ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଏମ ପି ଅହମ୍ମଦ ଏହି ପ୍ରସ୍ତାବ ଦାଖଲ କରିଛନ୍ତି । ଜିଏମଏସରେ ଲୋକ ମାନଙ୍କ ଅଂଶଗ୍ରହଣ ବଢ଼ାଇବା, ପଡ଼ି ରହିଥିବା ସୁନା ଗୁଡ଼ିକୁ ସଂଗଠିତ ଅର୍ଥନୀତି ପର୍ଯ୍ୟନ୍ତ ଆଣିବା ଏବଂ ଭାରତରେ ପୂର୍ବରୁ ଥିବା ସୁନାର ବ୍ୟାପକ ରିସାଇକଲ, ପୁନଃବ୍ୟବହାର ଓ ପ୍ରସାରଣ କରିବାକୁ ଲକ୍ଷ୍ୟରେ ରଖି ସେଥିରେ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି । ଭାରତ ବର୍ଷକୁ ପ୍ରାୟ ୭୦୦-୯୦୦ ଟନ ସୁନା ଆମଦାନି କରୁଛି ଯେଉଁଥିରେ ବିପୁଳ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ ହେଉଛି ଓ ତାହାଚଳନ୍ତୀ ଖାତା ନିଅଂଟ ଉପରେ ଚାପ ସୃଷ୍ଟିକରୁଛି । ସେହି ସମୟରେ ଭାରତୀୟ ପରିବାର ଓ ଅନୁଷ୍ଠାନ ଗୁଡ଼ିକ ପାଖରେ ଗହଣା, କଏନ ଓ ବାର ଆକାରରେ ପ୍ରାୟ ୨୫୦୦୦-୩୫୦୦୦ ଟନ ସୁନାବ୍ୟବହୃତ ନ ହୋଇ ପଡ଼ିରହିଥିବା ଆକଳନ କରାଯାଇଛି । ଆମଦାନି ନିର୍ଭରଶୀଳତା କମ କରିବା, ବାହାରକୁ ଡଲାର ଚାଲିଯିବାକୁ ରୋକିବା ଏବଂ ଦୀର୍ଘକାଳୀନ ଭିତ୍ତିରେ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ରିସାଇକଲିଂ, ପୁନଃବ୍ୟବହାର, ସୁନା ବଦଳ ଓ ପୁରୁଣା ଘରୋଇ ସୁନାର ମନିଟାଇଜେସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପ୍ରକାଶ କରାଯାଇଛି । ଏହି ପ୍ରସ୍ତାବ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଏମ ପି ଅହମ୍ମଦ କହିଛନ୍ତି ଯେ, 'ବ୍ୟକ୍ତିଗତ ଭାବେ ରଖାଯାଇଥିବା ସୁନାର ଅନ୍ୟତମ ସର୍ବବୃହତ ଭଣ୍ଡାର ଭାରତରେ ଥିବା ସତ୍ତ୍ୱେ ଘରୋଇ ଚାହିଦା ପୂରଣ କରିବାକୁ ଏହା ଆମଦାନି ଉପରେ ପ୍ରାୟତଃ ନିର୍ଭର ଶୀଳ ରହିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅପିଲକୁ ଆମେ ହାର୍ଦ୍ଦିକ ସ୍ୱାଗତ କରୁଛୁ ଏବଂ ଆମର ବିଶ୍ୱାସ ରହିଛି ଯେ ଦାୟିତ୍ୱବାନ ଉପଯୋଗିତା, ଦେଶ ଭିତରେ ପୁରୁଣା ସୁନାର ରିସାଇକ୍ଲିଂ ଓ ପ୍ରସାରଣ ହେଉଛି ଏକ ଜାତୀୟ ପ୍ରାଥମିକତା । ଉପଯୁକ୍ତ ନୀତି ସମର୍ଥନ ଓ ସଂଗଠିତ ଗହଣା କ୍ଷେତ୍ରର ପ୍ରତ୍ୟକ୍ଷ ସମ୍ପୃକ୍ତ ସହ ପଡ଼ିରହିଥିବା ସୁନାକୁ ସଂଗଠିତ ଅର୍ଥନୀତି ପର୍ଯ୍ୟନ୍ତ ଆଣିବା ପାଇଁ ଗୋଲଡ ମନେଟାଇଜେସନ ସ୍କିମ ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିବ । ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ ଲମ୍ବାଳକ ଇନ ଅବଧି, ସ୍ୱଚ୍ଛ ରିଟର୍ଣ୍ଣ, ସୀମିତରିଡିମ ନମନୀୟତା ଓ ଅନ୍ୟାନ୍ୟ ପ୍ରକ୍ରିୟାଗତ ଅସୁବିଧା ପାଇଁ ଗୋଲ୍ଡ ମନେଟାଇଜେସନ ସ୍କିମରେ ଲୋକଙ୍କ ଅଂଶଗ୍ରହଣ କମ ରହିଛି । ଏହି ସ୍କିମକୁ ସରକାର ଆମଦାନି ନିର୍ଭରଶୀଳତା କମ କରିବା ଓ ଲୋକଙ୍କ ପାଖରେ ଥିବା ସୁନାକୁ ମନିଟାଇଜ କରିବାକୁ ଆଣିଥିଲେ । ଏହିସ୍କିମକୁ ପ୍ରଭାବଶାଳୀ କରିବା ପାଇଁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସଏହି ପ୍ରସ୍ତାବଗୁଡ଼ିକ ପ୍ରଦାନ କରିଛି ।

ଆରଏସପି ପକ୍ଷରୁ ପାର୍ଶ୍ୱାଞ୍ଚଳ ଗ୍ରାମର ୬୫୭ ଜଣ ଛାତ୍ରଛାତ୍ରୀଙ୍କୁ ୧୩.୧୩ ଲକ୍ଷ ଟଙ୍କାର ଶିକ୍ଷା ଯୋଗ୍ୟତାଭିତ୍ତିକ ପୁରସ୍କାର ପ୍ରଦାନ

ରାଉରକେଲା, ୧୪।୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ପଦକ୍ଷେପ ଅଧୀନରେ ନୂଆଗାଁ, ବିସ୍ରା, କୁଆରମୁଣ୍ଡା ଏବଂ ଲାଠିକଟା ରାଜସ୍ୱ ବ୍ଲକ, ଇସ୍ପାତ ଆଦର୍ଶ ଗ୍ରାମ, ପୁନଃବସତି କଲୋନୀ/କ୍ୟାମ୍ପର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ୟୁପି ସ୍କୁଲ ଏବଂ ଉଚ୍ଚ ବିଦ୍ୟାଳୟର ସପ୍ତମ ଏବଂ ଦଶମ ଶ୍ରେଣୀର ମୋଟ ୬୫୭ ଜଣ ମେଧାବୀ ପାସ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଯୋଗ୍ୟତାଭିତ୍ତିରେ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗତ ମଇ ୮ ତାରିଖ ଦିନ ସିଏସଆର ବିଭାଗର ଇନଷ୍ଟିଚ୍ୟୁଟ୍ ଫର୍ ପେରିଫେରାଲ୍ ଡେଭଲପମେଣ୍ଟ (ଆଇପିଡି) ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଏସଏମଏସ-୧ ବିଭାଗ ର ସିଜିଏମ ଶ୍ରୀ ବି ସୁନୀଲ କାର୍ଥା, କେତେକ ଛାତ୍ରଛାତ୍ରୀଙ୍କୁ ଡମି ଚେକ୍ ପ୍ରଦାନ କରିବା ସହିତ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଅନଲାଇନ ଜରିଆରେ ଟଙ୍କା ପଠା ଯାଇଥିଲା । ଏହି ଅବସରରେ ସିଏସଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ୍ ମିତ୍ର, ଡି ଜି ଏମ, ଶ୍ରୀ ଆର.ଏସ୍. ବାରା ଙ୍କ ସମେତ ଆରଏସପି ର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହି କ୍ରମରେ ଗତ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପରୀକ୍ଷାର ଫଳାଫଳ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି । ଏହି ଚୟନ ତାଲିକାରେ ମୋଟ ୬୬ଟି ହାଇସ୍କୁଲରୁ ମୋଟ ୨୦୩ ଜଣ ଛାତ୍ରଛାତ୍ରୀ ଏବଂ ୧୫୦ଟି ୟୁପି ସ୍କୁଲରୁ ୪୫୪ ଜଣ ଛାତ୍ରଛାତ୍ରୀ ଥିଲେ । ପ୍ରତ୍ୟେକ ସ୍କୁଲର ପୁଅ ଏବଂ ଝିଅଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୩୦୦୦/- ଟଙ୍କା, ୨୦୦୦/- ଟଙ୍କା ଏବଂ ୧୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ଛାତ୍ରବୃତ୍ତି ପାଇଁ ମୋଟ ୧୩.୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

ୟୁଡ଼ବ୍ଲୁଏ ଇଣ୍ଡିଆ ପକ୍ଷରୁ ବାର୍ଷିକ ଛାତ୍ରବୃତ୍ତି ଘୋଷଣା

ଭୁବନେଶ୍ୱର, ୧୪।୫ (ନି.ପ୍ର) : ଦି ୟୁନିଭର୍ସିଟି ଅଫ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ (ୟୁଡ଼ବ୍ଲୁଏ) ତାହାର ୟୁଡ଼ବ୍ଲୁଏ ଇଣ୍ଡିଆ ମାଧ୍ୟମରେ ଏକ ଐତିହାସିକ ଛାତ୍ରବୃତ୍ତି ଘୋଷଣା କରିଛି । ଏହି ପଦକ୍ଷେପ ୟୁଡ଼ବ୍ଲୁଏର ଦୀର୍ଘମିଆଦି ପ୍ରତିବଦ୍ଧତାକୁ ଦୋହୋରାଇ, ଉଚ୍ଚ କ୍ଷମତାସମ୍ପନ୍ନ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷାଗତ, ସାମାଜିକ-ଆର୍ଥିକ ଓ ଆଂଚଳିକ ପୃଷ୍ଠଭୂମିରୁ ଗ୍ଲୋବାଲ୍ ଭାବେ ସ୍ୱୀକୃତ ଶିକ୍ଷାକୁ ସହଜ ଉପଲବ୍ଧ କରାଇବାକୁ ଉଦ୍ଦିଷ୍ଟ । ଏହି ଛାତ୍ରବୃତ୍ତି କାର୍ଯ୍ୟକ୍ରମ ୟୁଡ଼ବ୍ଲୁଏ ଇଣ୍ଡିଆ ର ଆଡ଼ମିଶନ ପ୍ରକ୍ରିୟା ସହିତ ଆରମ୍ଭ ହେବ ଏବଂ ପ୍ରଥମ ଆଡ଼ମିଶନଠାରୁ ଅଫରରେ ଅନ୍ତର୍ଭୁକ୍ତ ହେବ । ପ୍ରଥମ ବର୍ଷ ପରେ ଚାହିଦା, ପରିଣାମ ଏବଂ ବିସ୍ତାର ସୁଯୋଗ ଆଲୋଚନା ପାଇଁ ଏହାର ଔପଚାରିକ ସମୀକ୍ଷା କରାଯିବ । ପ୍ରଫେସର ଅମିତ ଚକମା, ଭାଇସ୍-ଚାନସେଲର, ୟୁନିଭର୍ସିଟି ଅଫ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆ କହିଛନ୍ତିଯେ, 'ଏହି ଐତିହାସିକ ଛାତ୍ରବୃତ୍ତି ପ୍ରତିବଦ୍ଧତା ୟୁଡ଼ବ୍ଲୁଏର ଭାରତ ପ୍ରତି ଗଭୀର ଏବଂ ଦୀର୍ଘସ୍ଥାୟୀ ସମର୍ପଣକୁ ପ୍ରତିଫଳିତ କରେ । ଆମର ଲକ୍ଷ୍ୟ ହେଉଛି ସମଗ୍ର ଭାରତର ପ୍ରତିଭାଶାଳୀ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରି ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାକୁ ପ୍ରକାଶ କରାଇବା ଏବଂ ବିଶ୍ୱସ୍ତରୀୟ କ୍ୟାରିଅର ପାଇଁ ପ୍ରସ୍ତୁତ କରିବା ।'

THE UNIVERSITY OF WESTERN AUSTRALIA

ୟୁଡ଼ବ୍ଲୁଏ ଇଣ୍ଡିଆ ପାଇଁ ଆବେଦନ ଏବେ ଖୋଲା ଅଛି । ମୁମ୍ବାଇ ଏବଂ ଚେନ୍ନାଇରେ କ୍ୟାମ୍ପସ ସହ ୟୁଡ଼ବ୍ଲୁଏ ଇଣ୍ଡିଆ, ଏସଟିଇଏମ, ବ୍ୟବସାୟ ଏବଂ ପ୍ରଯୁକ୍ତି ବିଷୟରେ ସ୍ନାତକ ଏବଂ ସ୍ନାତକୋତର କାର୍ଯ୍ୟକ୍ରମର ଏକ ପୋର୍ଟଫୋଲିଓ ପ୍ରଦାନ କରିବ, ଯାହା ବିଶ୍ୱ ଶିଳ୍ପ ଆବଶ୍ୟକତା ଏବଂ ଭାରତର ବିକାଶଶୀଳ କାର୍ଯ୍ୟଶକ୍ତି ଆବଶ୍ୟକତା ସହ ସମନ୍ୱିତ । ଛାତ୍ରଛାତ୍ରୀମାନେ ଅଧିକୃତ ୱେବସାଇଟ: https://www.uwa.edu.au/india ମାଧ୍ୟମରେ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ନେଇ ଆବେଦନ କରିପାରିବେ ।

ଆଇବିଏମ୍-ଇଣ୍ଡିଆ ଏଆଇ ଅଧ୍ୟୟନ ଅନୁଯାୟୀ ୨୦୩୦ ସୁଦ୍ଧା ଭାରତୀୟ ଅର୍ଥନୀତିରେ ଏଆଇ ୫୦୦ ବିଲିୟନ ଡଲାରରୁ ଅଧିକ ଯୋଗ କରିବ

ନୂଆଦିଲ୍ଲୀ, ୧୪।୫ (ନି.ପ୍ର): ଆଇବିଏମ୍ ଇନଷ୍ଟିଚ୍ୟୁଟ୍ ଫର୍ ବିଜନେସ ଭାଲ୍ୟୁ ଓ ଇଣ୍ଡିଆ ଏଆଇର ଏକ ନୂତନ ଅଧ୍ୟୟନ ଅନୁଯାୟୀ ଭାରତ ତା'ର ଅର୍ଥନୈତିକ ରୂପା'ରଣର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପ୍ରବେଶ କରୁଛି, କାରଣ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ) ପରୀକ୍ଷଣରୁ ଊର୍ଦ୍ଧ୍ୱକୁ ଯାଇ ଜାତୀୟ ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରୁଥିବା ଏକ ମୂଳଦୁଆ ଶକ୍ତି ହେବାକୁ ପ୍ରସ୍ତୁତ । ଅନୁସନ୍ଧାନରୁ ଜଣାପଡିଛି ଯେ ଏଆଇ ୨୦୩୦ ସୁଦ୍ଧା ଭାରତର ଅର୍ଥନୀତିରେ ୫୦୦ ବିଲିୟନ ଡଲାରରୁ ଅଧିକ ଅବଦାନ ଦେଇପାରେ ଯାହା ଦେଶକୁ ବିଶ୍ୱର ସବୁଠାରୁ ଗତିଶୀଳ ଏଆଇ ଚାଳିତ ଅର୍ଥନୀତି ମଧ୍ୟରେ ସ୍ଥାନିତ କରିବ ।

'ପ୍ରତିଶ୍ରୁତିରୁ ଶକ୍ତି: କିପରି ଏଆଇ ଭାରତର ଅର୍ଥନୈତିକ ଭବିଷ୍ୟତକୁ ପୁନଃ ନିର୍ଦ୍ଧାରିତ କରୁଛି' ଶୀର୍ଷକ ଏହି ଅଧ୍ୟୟନ ମହତ୍ୱାକାଂକ୍ଷା ଓ ଜରୁରୀକାଳୀନ ପରିସ୍ଥିତିର ଏକ ଶକ୍ତିଶାଳୀ ସଙ୍ଗମକୁ ଗୁରୁତ୍ୱ ଦେଇଛି । ପାଂଚଜଣଙ୍କ ମଧ୍ୟରୁ ଚାରିଜଣ ବ୍ୟବସାୟିକ ମୁଖ୍ୟ ବିଶ୍ୱାସ କର'ି ଯେ ଏଆଇ ନିବେଶ ଭାରତର ଜିଡିପି ଅଭିବୃଦ୍ଧିକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିବ ଏବଂ ୭୩% ଆଶା କରନ୍ତି ଯେ ୨୦୩୦ ସୁଦ୍ଧା ଭାରତ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ଏଆଇ ରାଷ୍ଟ୍ର ଭାବରେ ଉଭା ହେବ । ଆଗକୁ ଚାହିଁଲେ, ଅନୁସନ୍ଧାନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ବ୍ୟବଧାନ ମଧ୍ୟ ପ୍ରକାଶ କରିଛି, କାରଣ ୭୨% ସର୍ଭେ ହୋଇଥିବା ସଂସ୍ଥା ସ୍ୱୀକାର କରିଛନ୍ତି ଯେ ସେମାନେ ଏଆଇ ଗ୍ରହଣ କରିବାରେ ବିଶ୍ୱସ୍ତରୀୟ ସମକକ୍ଷଙ୍କ ତୁଳନାରେ ପଛରେ ଅଛନ୍ତି । ମହତ୍ୱାକାଂକ୍ଷା ଓ କାର୍ଯ୍ୟକାରିତା ମଧ୍ୟରେ ଏହି ଦୂରତାକୁ ଦୂର କରିବା ବିଶ୍ୱସ୍ତରୀୟ ଏଆଇ ଅର୍ଥନୀତିରେ ଭାରତର ନେତୃତ୍ୱ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ ।

ରିପୋର୍ଟ ର ଶୁଭାରମ୍ଭ ସମୟରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ସଚିବ ଶ୍ରୀ ଏସ୍ କ୍ରିଷ୍ଣନ୍ କହିଥିଲେ ଯେ, 'ଭାରତ ଆଉ କେବଳ ବିଶ୍ୱସ୍ତରୀୟ ଏଆଇ ଆଲୋଚନାରେ ଅଂଶଗ୍ରହଣ କରୁନାହିଁ, ଆମେ ଏହାକୁ ଗଢ଼ିବାରେ ସାହାଯ୍ୟ କରୁଛୁ । ଆମର ଦୃଷ୍ଟିକୋଣ ସ୍ପଷ୍ଟ । ଏଆଇ ଆମ ଲୋକଙ୍କ ଆକାଂକ୍ଷାର ଏକ ବିସ୍ତାର ଭାବରେ ବିକଶିତ ହେବା ଜରୁରୀ, ଯାହା ସମାବେଶୀ ଅଭିବୃଦ୍ଧି ଓ ଜାତୀୟ ପ୍ରଗତିକୁ ଆଗକୁ ବଢ଼ାଇବ । ବିକଶିତ ଭାରତର ସଙ୍କଳ୍ପ ଦ୍ୱାରା ପରିଚାଳିତ ହୋଇ ଆମେ ବିଶ୍ୱାସ, ନୈତିକତା ଓ ଜାତୀୟ ସାର୍ବଭୌମତ୍ୱ ଉପରେ ଆଧାରିତ ଏଆଇ ପାଇଁ ଏକ ମାନବ-କେନ୍ଦ୍ରିକ ଆଭିମୁଖ୍ୟକୁ ଆଗକୁ ବଢ଼ାଉଛୁ । ଏହି ଯୁଗ୍ମ ଇଣ୍ଡିଆଏଆଇ ଓ ଆଇବିଏମ୍ ଅଧ୍ୟୟନ ଏକ ସମୟୋଚିତ ଅବଦାନ ଯାହା ଭାରତର ଅର୍ଥନୈତିକ ଭବିଷ୍ୟତ ପାଇଁ ଏଆଇର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ନୀତି, ଶିଳ୍ପ ଓ ନବସୃଜନକୁ ଏକତ୍ରିତ କରିବାରେ ସାହାଯ୍ୟ କରିବ । ଆଇବିଏମ୍ ଭାରତ ଓ ଦକ୍ଷିଣ ଏସିଆର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ପଟେଲ କହିଛନ୍ତି ଯେ, 'ଭାରତର ଅର୍ଥନୀତି ପାଇଁ ଏଆଇ ସବୁଠାରୁ ଶକ୍ତିଶାଳୀ ଅଭିବୃଦ୍ଧି ଇଞ୍ଜିନ ହେବାର ସମ୍ଭାବନା ରଖିଛି । ଯେଉଁ କଥାଟି ଭାରତକୁ ପୃଥକ କରିବ ତାହା କେବଳ



ବ୍ୟବହାରର ମାତ୍ରା ନୁହେଁ, ବରଂ କିପରି ସଂସ୍ଥାଗୁଡ଼ିକ ଶକ୍ତିଶାଳୀ ଡାଟା ମୂଳଦୁଆ, ହାଇବ୍ରିଡ୍ ଢାଂଚା ଓ ଏଆଇ ସହିତ କାମ କରିବାକୁ ସକ୍ଷମ କର୍ମଚାରୀଙ୍କ ଉପରେ ବିଶ୍ୱସ୍ତ ଏଆଇ ଏଜେଂଟ୍ ଓ ସିଷ୍ଟମ ନିର୍ମାଣ କରୁଛନ୍ତି ତାହା ଉପରେ ନିର୍ଭର କରୁଛି । ଦକ୍ଷତା, ଶାସନ ଏବଂ ଭିତିଭୂମିରେ ସଠିକ୍ ନିବେଶ ସହିତ ଭାରତ ଏଆଇ ମହତ୍ୱାକାଂକ୍ଷାକୁ ନିରନ୍ତର ଅର୍ଥନୈତିକ ପ୍ରଭାବରେ ପରିଣତ କରିପାରିବ ।'

ନିୟନ୍ତ୍ରିତ କ୍ଷେତ୍ର ଓ ସାର୍ବଜନୀନ ପ୍ରଣାଳୀ ପାଇଁ ଏକ ସାର୍ବଭୌମ ଏଆଇ ଭିତିଭୂମି ଦ୍ରୁତ ଗତିରେ ଏକ ରଣନୈତିକ ଆବଶ୍ୟକତା ହୋଇପାରୁଛି । ୭୪% ସର୍ଭେ ହୋଇଥିବା କାର୍ଯ୍ୟନିର୍ବାହୀ କୁହନ୍ତି ଯେ ଡାଟା କେଉଁଠାରେ ରହୁଛି ତାହା ଉପରେ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ । ଏହା ଏକ ବଢୁଥିବା ସାର୍ବଭୌମ, ହାଇବ୍ରିଡ୍-ବାଏ-ଡିଜାଇନ୍ ଢାଂଚା ଆଡକୁ ସମନ୍ୱୟକୁ ସୂଚାଉଛି । ଏହାର ଅର୍ଥ ପୃଥକ ହେବା ନୁହେଁ, ବରଂ ଯେତେବେଳେ ଏହା ଖୋଲା ମାନକ ସହିତ ମିଳିତ ହୁଏ ଏହା ସଂସ୍ଥାଗୁଡ଼ିକୁ ସମ୍ବେଦନଶୀଳ କାର୍ଯ୍ୟଭାର ଉପରେ ନିୟନ୍ତ୍ରଣ ବଜାୟ ରଖିବା ସହିତ ବିଶ୍ୱସ୍ତରୀୟ ନବସୃଜନକୁ ପ୍ରବେଶ କରିବାକୁ ସକ୍ଷମ କରିଥାଏ । ଏହି ମଡେଲଟି ବିଶ୍ୱାସର ସ୍ତର ଭାବରେ ଉଭା ହେଉଛି ଯାହା ଭାରତକୁ ଆତ୍ମବିଶ୍ୱାସର ସହିତ ଏବଂ ନିଜ ସର୍ତ୍ତରେ ଏଆଇକୁ ବିସ୍ତାର କରିବାକୁ ଅନୁମତି ଦେବ । ସଂସ୍ଥାଗୁଡ଼ିକ କାର୍ଯ୍ୟଦକ୍ଷତା, ମୂଲ୍ୟ ଓ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ହାଇବ୍ରିଡ୍ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ଯେଉଁଠାରେ ସର୍ଭେ ହୋଇଥିବା ପ୍ରତି ୧୦ ଜଣ କାର୍ଯ୍ୟନିର୍ବାହୀଙ୍କ ମଧ୍ୟରୁ ୭ ଜଣ କହୁଛନ୍ତି ଯେ ଏହା ଖର୍ଚ୍ଚ ନ ବଢ଼ାଇ ଡାଟା ସ୍ଥାନ ଉପରେ ନିୟନ୍ତ୍ରଣରେ ସୁଧାର ଆଣୁଛି ।

ଭାରତ ଏକ ଏଆଇ ଚାଳିତ ଭବିଷ୍ୟତ ଆଡକୁ ବଢୁଛି, କିନ୍ତୁ ତଥ୍ୟ ଏକ ଜଟିଳ କାହାଣୀ ପ୍ରକାଶ କରୁଛି । ୫୭% ଉତରଦାତା ଅସମାନ ଡାଟା ଗୁଣବତା ଓ ୭୭% ସୁଗମ, ଶସ୍ତା ଓ ସୁରକ୍ଷିତ କ୍ଲାଉଡ୍ ଭିତିଭୂମିର ଅଭାବକୁ ଏଆଇ ପ୍ରସ୍ତୁତି ପାଇଁ ପ୍ରମୁଖ ପ୍ରତିବନ୍ଧକ ଭାବରେ ଦର୍ଶାଇଛନ୍ତି । ଉନ୍ନତ ଏଆଇକୁ ନେଇ ଉତ୍ସାହ ସତ୍ତ୍ୱେ ଅନୁସନ୍ଧାନରୁ ଜଣାପଡିଛି ଯେ ଭାରତୀୟ ଏଂଟରପ୍ରାଇଜଗୁଡ଼ିକର ଏଆଇ ବ୍ୟାପକ କରିବାର କ୍ଷମତା ମଡେଲଗୁଡ଼ିକର ଅତ୍ୟାଧୁନିକତା ଦ୍ୱାରା ନୁହେଁ, ବରଂ ଏଂଟରପ୍ରାଇଜ୍ ଡାଟା ଓ ଭିତିଭୂମିର ପ୍ରସ୍ତୁତି ଦ୍ୱାରା ନିର୍ଦ୍ଧାରିତ ହେଉଛି । ଏହି ମୌଳିକ ବୈଷୟିକ ପସନ୍ଦଗୁଡ଼ିକ ଏଆଇକୁ ପରୀକ୍ଷଣରୁ ଏକ କାର୍ଯ୍ୟକ୍ଷମ ଇଞ୍ଜିନରେ ପରିଣତ କରିବାରେ ଏକ ପ୍ରମୁଖ କାରକ ଭାବରେ ଉଭା ହୋଇଛି ।

ଭାରତ ଏକ ଏଆଇ ପ୍ରତିଭା ପୁଲ୍ ନିର୍ମାଣରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, କିନ୍ତୁ ଅଧ୍ୟୟନଟି ଏକ ବଢୁଥିବା ଦକ୍ଷତା ବ୍ୟବଧାନକୁ ସୂଚାଉଛି । ବର୍ତ୍ତମାନ କେବଳ ପ୍ରାୟ ୩୦% କର୍ମଚାରୀଙ୍କ ପାଖରେ ଏଆଇ ସାକ୍ଷରତାର ସେହି ସ୍ତର ଅଛି ଯାହା ବ୍ୟବସାୟଗୁଡ଼ିକ ଆବଶ୍ୟକ କରୁଥିବା କୁହନ୍ତି । ୨୦୩୦ ସୁଦ୍ଧା ଉତରଦାତାମାନେ ସୂଚାଇଛନ୍ତି ଯେ ସେହି ସଂଖ୍ୟା ପ୍ରାୟ ୫୭%କୁ ବୃଦ୍ଧି ପାଇବା ଜରୁରୀ । ଏହା ସୂଚାଉଛି ଯେ ୨୦୩୦ ସୁଦ୍ଧା ଭାରତରେ ଆବଶ୍ୟକ ମୋଟ ଏଆଇ ପ୍ରତିଭା ୩୫୦ ନିୟୁତରୁ ଅଧିକ ହେବ । ଏହି ଅନୁସନ୍ଧାନଗୁଡ଼ିକ ଭାରତ କିପରି ଶିଖୁଛି ଓ କାର୍ଯ୍ୟ କରୁଛି ତାହା ପୁନର୍ବାର ଚିଂ। କରିବାକୁ ଚାପ ସୃଷ୍ଟି କରୁଛି । ନୂତନ ଶିକ୍ଷା ମଡେଲ, ପୁନଃ ନିର୍ଦ୍ଧାରିତ କ୍ୟାରିୟର ପଥ ଏବଂ ଏକ ଏଆଇ-ଚାଳିତ ଅର୍ଥନୀତିରେ କେଉଁ ଦକ୍ଷତାଗୁଡ଼ିକ ଅଧିକ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ସ୍ପଷ୍ଟ ମାର୍ଗଦର୍ଶନ ଆବଶ୍ୟକ କରୁଛି ।

ପାରାଦୀପ ଲକ୍ ପୋଲିସ୍‌ର ସଫଳତା

ବ୍ରାଉନ୍ ସୁଗାର ଜବତ : ଅଭିଯୁକ୍ତ ଗିରଫ

ପାରାଦୀପ, ୧୪/୦୫ (ନି.ପ୍ର): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ସିକୁ ରେଳ ଷ୍ଟେସନ୍ ନିକଟରେ ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍)ବିକ୍ରି କରୁଥିବା ଅଭିଯୋଗରେ ଜଣେ ବ୍ରାଉନ୍ ସୁଗାର ବିକ୍ରେତାକୁ ଗିରଫ କରିବା ସହିତ ତା ନିକଟରୁ ୦୯.୮୫ ଗ୍ରାମ୍‌ର ବ୍ରାଉନ୍ ସୁଗାର (ମରଫିନ୍) ଜବତ ହୋଇଥିବା ନେଇ ଥାନା ଅଧିକାରୀ ରଶ୍ମିରଂଜନ ଦାଶ ସୂଚନା ଦେଇଛନ୍ତି । ଜିଲ୍ଲାରୁ ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍) ବ୍ୟବସାୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଛନ୍ତି । ଏହିକ୍ରମରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାଣେ ଆଜିଙ୍କ୍ୟ ବାବୁରାଓ ପାରାଦୀପ ଅଂଚଳର ସମସ୍ତ ଥାନାକୁ ସୂଚନା ଦେଇଛନ୍ତି ।

ତଦନୁଯାୟୀ ପାରାଦୀପ ଲକ୍ ପୋଲିସ୍ ଆକ୍ସନ ମୋଡ୍‌କୁ ଆସି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରୁଥିବା ବେଳେ ଲକ୍ ଥାନା ଏସଆଇ ସ୍ୱେତା ବେକ୍ ଜଣେ ବ୍ୟକ୍ତି ସିକୁ ରେଳ ଷ୍ଟେସନ୍ ନିକଟରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ନେଇ ସୂଚନା ପାଇଥିଲେ । ଥାନା ଅଧିକାରୀଙ୍କ ପରାମର୍ଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ସହିତ ସେଠାରରେ ପହଂଚିଥିଲେ । ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନୁଣୁକୁଆ ଗ୍ରାମର ନାରାୟଣ ଲେଙ୍କାଙ୍କ ପୁଅ ଜଗବନ୍ଧୁ ଲେଙ୍କା(୨୮) ସେଠାରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବେଳେ ପୋଲିସ୍ ଟିମ୍ ହାତରେ ଧରା ପଡିଥିଲେ । ଅବିଯୁକ୍ତ ନିକଟରୁ ୦୯.୮୫ ଗ୍ରାମ୍‌ର ନିଷିଦ୍ଧ ବ୍ରାଉନ୍ ସୁଗାର (ମରଫିନ୍) ଜବତ ହେବା ସହିତ ମୋଟର ସାଇକେଲ୍, ମୋବାଇଲ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଲକ୍ ଥାନା ପୋଲିସ୍ ସୂଚନା ଦେଇଛି । ଏହି ବ୍ୟବସାୟ ପଛରେ ଥିବା ମୁଖ୍ୟ ଅଭିଯୁକ୍ତକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

ଜିଲ୍ଲା ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ନବରଙ୍ଗପୁର, ୧୪।୫ (ନି.ପ୍ର) : ନବରଙ୍ଗପୁର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଜିଲ୍ଲା ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଡ.ମହେଶ୍ୱର ସ୍ୱାଇଁ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରେ ତଥା ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଆବାହକ ରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ନବରଙ୍ଗପୁର ଜିଲ୍ଲାର ଏହି ମେଧାବୀ ଛାତ୍ର ଛାତ୍ରୀ ମାନେ ନବରଙ୍ଗପୁର ମାଟି ର ଗର୍ବ ଓ ଗୌରବ ଏବଂ ଆଗକୁ ଆହୁରି ପରିଶ୍ରମ କରି ନିଜ ନିଜ କ୍ଷେତ୍ରରେ ସୁନାମ ଆଣିବା ସହ ସମାଜ ମଙ୍ଗଳରେ ନିଜକୁ ନାମ ସାର୍ଥକ କରିବାକୁ ଆହ୍ୱାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ କୃତୀ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସାଧୁବାଦ ଜଣାଇଥିଲେ ଓ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଏବଂ ଜିଲ୍ଲା ଦଶମ ବୋର୍ଡ ପରୀକ୍ଷା ପାସ ହାରରେ ବର୍ତ୍ତମାନ ୧୨ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଛି ଯାହାକି ଏକ ଶୁଭ ସୂଚନା ବୋଲି କହିଥିଲେ ।ଅନ୍ୟ ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଡ଼ ଓଁକାର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ,ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ପଦାଧିକାରୀ ଯୋଗ ଦେଇଥିଲେ।ଚଳିତ ବର୍ଷ ଦଶମ ଶ୍ରେଣୀ (BSE, CBSE, ICSE) ପରୀକ୍ଷାରେ ଇ୧ ଗ୍ରେଡ଼ ଅର୍ଥାତ୍ ୯୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜିଲ୍ଲାର ୮୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ସୂଚନା ଅନୁସାରେ ଚଳିତ ବୋର୍ଡ ପରୀକ୍ଷା ପାସହାର ରେ ଜିଲ୍ଲାରେ ୮୫ ଟି ବିଦ୍ୟାଳୟ ୧୦୦ ପ୍ରତିଶତ ସଫଳତା ହାସଲ କରିଛନ୍ତି।୯ ଜଣ ବିଦ୍ୟାର୍ଥୀ ଇ୧ ଏବଂ୧୭୨ ଜଣ ଇ୨ ହାସଲ କରିଛନ୍ତି।ମୋଟ ୧୭୩୦୨ ଜଣ ପାସ୍ କରିଛନ୍ତି। ପାସହାର ଗତବର୍ଷ ୯୫.୩ ପ୍ରତିଶତ ଏବଂ ଚଳିତ ବର୍ଷ ୯୭.୪ ପ୍ରତିଶତ ରହିଛି। ଏଠାରେ ଉଲ୍ଲେଖନୀୟ ଯେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (CBSE) ଏବଂ ଓଉଟର ଦ୍ୱାରା ପରିଚାଳିତ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟର ଶାଶ୍ୱତ ପଟ୍ଟନାୟକ ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (BSE) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସଂଯୁକ୍ତା ଉଚ୍ଚ ବିଦ୍ୟାଳୟ, ଯୋଡିଙ୍ଗାର ମେଧାବୀ ଛାତ୍ରୀ ଦେବୀପ୍ରିୟା ବାରିକ ସର୍ବୋଚ୍ଚ ନମ୍ବର ରଖିଛନ୍ତି।

ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମକୁ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ।

ଗ୍ରୀଷ୍ମ ତାତି ଠାରୁ ବଳିଗଲାଣି ଜଗନ୍ନାଥ ଟ୍ରକ ମାଲିକସଙ୍ଘ ନିର୍ବାଚନ

ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବିରୋଧୀ

ପାରାଦୀପ, ୧୪।୫ (ନି.ପ୍ର): ପଣ୍ୟ ପରିବହନ ରେ ବେସ୍ ନାଁ କମେଇ ଥିବା ଜଗନ୍ନାଥ ଟ୍ରକ ମାଲିକ ସଂଘ ପାରାଦୀପ ରେ ସ୍ୱତନ୍ତତା ବଜାଇ ରଖି ଥିଲାବେଳେ ଦୁର୍ନୀତି ଖୋରଂପାଇଁ ଅନେକ ବଦନାମ ମୁଣ୍ଡେଇବାକୁ ପଡୁଛି । ମାୟାରୂପ ଧାରଣ କରି ସିଂହାସନ ମାଡ଼ିବସିଥିବା ଦୁର୍ନୀତିଖୋର ଙ୍କ ଅସଲି ଭାନୁମତି ପେଡି ଗୌତମ ଖୋଲି ଦେଲାପରେ ଦୁର୍ନୀତିର ଗନ୍ଧ ଚତୁଃଉଦ୍‌ଗକୁ ବ୍ୟାପି ଗଲାପରେ ବିରୋଧୀ ଗୌତମ ନାଁରେ ଅପନିନ୍ଦା କରିବା ମାଲିକମାନେ ସହଜରେ ହଜମ କରିପାରୁନାହାନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚଳିତ ନିର୍ବାଚନରେ। ମାଲିକ ମାନେ ସଚେତନ ହେବାସହ ବିରୋଧୀଙ୍କ ପାଖରୁ ମୁହଁ ଫେରାଇ ଗୌତମ ହିଁ ଆମର ରକ୍ଷା କବଚ ବୋଲି ନାମ ଗୋପନରଖି କହିଛନ୍ତି ଜନୈକ ମାଲିକ। ମନ୍ଦ ଉଦ୍ଦେଶ୍ୟ ରଖି ମାଲିକ ମାନଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ସିଂହାସନ ଆହୋରଣ କଲାପରେ ଏକଛତ୍ରବାଦ ଶାସନ କୁ ମାଲିକ ମାନେ ଘୃଣା ଚକ୍ଷୁରେ ଦେଖିବାସହ ଅତିଷ୍ଠ ହୋଇପଡିବା ଘଟଣା ଏବ ? ଦଣ୍ଡରେ ପଡି ହାତରେ ଗଡୁଛି। ଚଳିତ ନିର୍ବାଚନର ଡାଟି ଗ୍ରୀଷ୍ମତାତିକୁ ପଛରେ ପକାଇ ଦେଇଛି । ସଂଗଠନ ରେ ହୋଇଥିବା ଦୁର୍ନୀତି ବିରୁଦ୍ଧରେ ସିଧାସଳଖ ସ୍ୱର ଉଠାଉଥିବା ଏବଂ ମାଲିକ ମାନଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଗୌତମ ନାୟକ ଯୋଉ କରିସ୍ମା ଦେଖାଇଥିଲେ ଚଳିତ ନିର୍ବାଚନ ରେ ଦୃଢସ୍ଥିତି ବଜାଇ ରଖିଥିଲାବେଳେ ବିରୋଧୀ ମାନେ ଔଷଧ ବିକଳରେ ତାଟିଆ କାମୁଡିବା କିଛି ବିଚିତ୍ର କଥାନୁହଁ।

ଅପରପକ୍ଷେ ପାରାଦୀପ ମାଟିରେ ଜନ୍ମ ହେଇଥିବା ଗୌତମ ଛାତ୍ର ରାଜନୀତିରେ ସକ୍ରିୟ ଭାବେ ଗ୍ରହଣ କରି ପାରାଦୀପ ମିହାବିଦ୍ୟାଳୟ ରେ ଯେତିକି ନାଁ କମେଇ ଥିଲେ ସଭ୍ୟ ସମାଜରେ ଅନେକବାଟ ଅତିକ୍ରମ କରିସାରିଛନ୍ତି । ଅଜି ପର୍ଯ୍ୟନ୍ତ ତାଙ୍କ ଦେହରେ କଳାର ଦାଗ ଟିକେ ଲାଗିନଥିବାରୁ ତାଙ୍କର ଦିନକୁ ଦିନ ଲୋକପ୍ରିୟତା ବଢିବା ଦେଖି ବିରୋଧୀ ସଜମାଛ ରେ ପୋକ ପକେଇଲା ଭଳି କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି ଗୌତମ । ଶାନ୍ତ ସରଳ ସ୍ୱଭାବ ଜୀବନ ଯାପନ କରି ଚାଲୁଥିବା ଗୌତମ ସଂଘରେ ଶୃଙ୍ଖଳା ବଜାଇରଖି ଦୁର୍ନୀତି ଖୋର ଙ୍କ ଅସଲି ଭାନୁମତି ପେଡି ଖୋଲି ଥିବାରୁ ମାନଙ୍କ ଠାରୁ ଅଭୟବର ପାଇ ଅତିକ୍ରମ କରିସାରିଲେଣି ଅନେକବାଟ। ଯାହାକି ବିରୋଧୀଙ୍କ ଶିବିରରେ ଛନକା ପଶିବା କିଛି ବିଚିତ୍ର କଥା ନୁହଁ ବୋଲି ସବୁଠି ଚାଲିଛି ଚର୍ଚ୍ଚା । ଏପରିକି ବିରୋଧୀ ଗୌତମଙ୍କ ନାଁରେ ଯୋଉ ଅପନିନ୍ଦା କରୁଛନ୍ତି ମାଲିକ ମାନେ ସହଜରେ ହଜମ କରି ପାରୁନଥିଲାବେଳେ ଗୌତମଙ୍କ ମୁଣ୍ଡରେ ବିଜୟର ଟୀକା ଲଗାଇବାକୁ ସଜବାଜ ହେଲେଣି ବୋଲି ନାମ ଗୋପନ ରଖି କହିଛନ୍ତି ଗାଡି ମାଲିକ। ମିଳିଭାଟ ଭାବେ ଚାଟିଚୁଟି ସଂଘରେ କଜଳପାଟିଆ ଭଦ୍ରଲୋକ ଦେଖାଉଥିବା ଙ୍କ କଳା ତାଲିକାର ଲମ୍ବା ପୃଷ୍ଠା ଲାଗିଛି ଗୌତମ ଙ୍କ ହାତରେ। ଏହାକୁ ପୁଞ୍ଜି କରି ନିର୍ବାଚନ ରାଣାଙ୍ଗନ ରେ ଗୌତମ ତାଙ୍କ ପ୍ୟାନେଲର କର୍ମକର୍ତ୍ତା ମାନଙ୍କୁ ନେଇ ମାଲିକ ଗଣମାଧ୍ୟମ ଆଗରେ ବିରୋଧୀ ଯେତେ ପ୍ରକାର ବିବୃତି ଦେଲେବି ଦୁର୍ନୀତି ଖୋରଙ୍କୁ ଗୌତମ ହିଁ ସବାଡ଼ କରିପାରିବେ ବୋଲି ହେଉଥିବା ଆଲୋଚନା କୁ ଏଡାଇ ଦିଆଯାଇ ନପାରେ।

ଅଲ୍ ଓଡିଶା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିଅନସିପ୍

୧୫ ବର୍ଷରୁ କମ୍ ଡବଲସ୍ ବର୍ଗ ରେ ରାଜକମଲ ରଣଜିତ ସିଂ ଏବଂ ଅମ୍ଲାନଜ୍ୟୋତି ପରିଚ୍ଛା ଚମ୍ପିଆନ୍

ନବରଙ୍ଗପୁର, ୧୪।୫ (ନି.ପ୍ର): କୋରାପୁଟ ଇଣ୍ଡୋର ଷ୍ଟାଡିୟମରେ ସମାପ୍ତ ହୋଇଥିବା କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଦ୍ୱାରା ଆୟୋଜିତ ଯୋନେକ୍ସ ସନରାଇଜ୍ ଓ ଏସ ବିଏ ଅଲ୍ ଓଡିଶା ରାଜ୍ୟସ୍ତରୀୟ ଚମ୍ପିଅନସିପ ର ୧୫ ବର୍ଷରୁ କମ୍ ଡବଲସ୍ ବର୍ଗରେ ନବରଙ୍ଗପୁର ସହରର ରାଜକମଲ ରଣଜିତ ସିଂ ଏବଂ ଅମ୍ଲାନଜ୍ୟୋତି ପରିଚ୍ଛା ଚମ୍ପିଆନ୍ ଆଖ୍ୟା ଲାଭ କରିଛନ୍ତି । ରାଜକମଲ ଓ ଅମ୍ଲାନଜ୍ୟୋତି ସ୍ଥାନୀୟ ବାପୁଜୀ ପବ୍ଲିକ୍ ସ୍କୁଲରେ ନବମ ରେ ପଢୁଛନ୍ତି । ସେହିପରି ୧୩ ବର୍ଷରୁ କମ୍ ଡବଲସ୍ ବର୍ଗରେ ସାଇସାନ୍ ଦଳବେହେରା ଓ ରାୟଗଡ଼ାର ଶୁଭମ୍ ଦାସ ଉପଜିତ୍ତା ଆଖ୍ୟା ଅର୍ଜନ କରିଛନ୍ତି । ସାଇସାନ୍ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ମରେ ପଢୁଛନ୍ତି। ଏମାନେ ସ୍ଥାନୀୟ ଆରୋ ରୋଡ଼ ସ୍ଥିତ ଟାଙ୍ଗର କ୍ଲବରେ ଅଭ୍ୟାସ କରି ଆସୁଛନ୍ତି। ବିଜେତା ଓ ଉପବିଜେତା ହୋଇଥିବାରୁ ଟାଙ୍ଗରକ୍ଲବର ସଭାପତି କହ ରାଓ , ଟିଙ୍କୁ ଜେନ, ତେଜୁ ରାଓ, ସନ୍ତୋଷ ସିଂ ଏବଂ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶୁଭକାମନା ସହ ଶୁଭେଚ୍ଛା ଜଣାଇଛନ୍ତି।

ବିଜେପିରେ ଯୋଗ ଦେଲେ ବିଜେଡିର ଜିଲ୍ଲା ଉପସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ

ଅନୁଗୋଳ, ୧୪।୫ (ନି.ପ୍ର) : ଭାରତ ସରକାରଙ୍କର ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନ ଠାରେ ଅନୁଗୋଳ ବିଜେଡି ର ଜିଲ୍ଲା ଉପସଭାପତି, ୨୫ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ୩୩ ନଂ ଜୋନର ପର୍ଯ୍ୟବେକ୍ଷକ ଧରଣୀଧର ସାହୁ(ଧନୀଭାଇ) ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଜି ଓ ଭାରତ ସରକାରଙ୍କର ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝିଙ୍କ ନୀତି ଆଦର୍ଶ ଆ ଓ ବି କ। ଶ ମୂ ଳ କ କ। ର୍ଯ ୟ େର ଅନୁପ୍ରାଣିତ ହୋଇ ମ। ନ ୟ ବ ର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଉ ପ ସ୍ଥି ର୍ତ୍ତି ରେ ବିଜେଡି ଛାଡି ଭାରତୀୟ ଜନତା ପାର୍ଟୀ(ବିଜେପି) ରେ ଯୋଗୋଦାନ କଲେ । ଅନୁଗୋଳର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଶ୍ରୀଯୁକ୍ତ ଅଗସ୍ତି ବେହେରା ଉପସ୍ଥିତ ରହି ଶ୍ରୀ ଧରଣୀଧର ସାହୁଙ୍କ ଦଳକୁ ସ୍ୱାଗତ କରିଥିଲେ । ଶ୍ରୀ ସାହୁଙ୍କ ଯୋଗୋଦାନ ଫଳରେ ଦଳ ଅନୁଗୋଳ, ଛେଣ୍ଡିପଦା ଓ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଦଳର ସଂଗଠନ ଆହୁରି ସୁଦୃଢ ହେବା ସଙ୍ଗେ ସଙ୍ଗେ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟ ଆହୁରି ଆଗେଇଯିବ ବୋଲି ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଆଶା ପ୍ରକଟ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଶ୍ରୀ ଦିଲୀପ ପ୍ରଧାନ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପ୍ରଭାତ ପ୍ରଧାନ, ବିଜେପି ନେତା ପ୍ରଶାନ୍ତ ପୃଷ୍ଟି, ବିଜେପି ଯୁବନେତା କମଳାକାନ୍ତ ସାହୁ ମଧ୍ୟ ଉପସ୍ଥିତ ରହି ତାଙ୍କୁ ଦଳ କୁ ସ୍ୱାଗତ୍ ଜଣାଇଥିଲେ।

ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମ୍ମିଳନୀ

କଟକ, ୧୪।୫ (ନି.ପ୍ର) : ରାଜ୍ୟର ସର୍ବବୃହତ ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ କର୍ମଚାରୀ ସମ୍ମିଳନୀ ଏସସିବି ମେଡିକାଲ ପରିସରରେ ରାଜ୍ୟ ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀରେ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ଡଃ ପ୍ରଭାତ ରନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟରୁ ଆସୁଥିବା ହଜାର ହଜାର ସଂଖ୍ୟାରେ ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଏହି କର୍ମଚାରୀମାନଙ୍କ ପ୍ରମୁଖ ଭୂମିକା ରହିଛି । ଆଗାମୀ ଦିନରେ କର୍ମଚାରୀମାନଙ୍କୁ ସରକାରୀ ବାସଗୃହ ଖୁବଶୀଘ୍ର ସରକାର ମେଡିକାଲ ପରିସରରେ ଯୋଗାଇ ଦେବା ସହ ସଂଘର ନୂତନ କାର୍ଯ୍ୟାଳୟ ପାଇଁ ବିଧାୟକଙ୍କ ପାଣ୍ଠିରୁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱାଳ କହିଥିଲେ । ଏଥିସହିତ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏସସିବି ସଂଘର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ । ସଂଘର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ସମସ୍ତ କର୍ମଚାରୀଙ୍କ ସର୍ବସମ୍ମତି କ୍ରମେ ପୁନର୍ବାର ରାମଚନ୍ଦ୍ର ପ୍ରଧାନଙ୍କୁ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ଭାବେ ମନୋନୀତ କରାଗଲା ବୋଲି ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱାଳ ଘୋଷଣା କରିଥିଲେ। ଏଥିସହିତ ସଭାପତି ଭାବେ ପୂର୍ଣ୍ଣ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ଦେହୁରୀ, ଯୁଗ୍ମ ସମ୍ପାଦିକା ଯଜ୍ଞ ଦେଇ, କୋଷାଧ୍ୟକ୍ଷ ଭାବେ ଚନ୍ଦନ ପ୍ରଧାନଙ୍କୁ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ହୃଷିକେଶ ସାହୁ, ଯଯାତି କିଶୋର ସ୍ୱାଇଁ, ସୁବାଷ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ପଟ୍ଟନାୟକ, ଜୟଦେବ ଦାସ, ଧନେଶ୍ୱର ବାରିକ, ବସନ୍ତ ବାରିକ, ମାଧବ ଚନ୍ଦ୍ର ସାହୁ, ରନ ନାଏକ, ନୃସିଂହ ମାହାରଣ, ଅନୁପମା ସାହୁ, ଶକୁନ୍ତଳା ଭୋଇଙ୍କୁ ଆଗାମୀ ୨ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଶେଷରେ ଚନ୍ଦନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଆଦାନୀ ଡିଏଭି ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

ଧାମରା,୧୪।୫ (ନି.ପ୍ର) : ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଧାମରାସ୍ଥିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତ ପ୍ରତି

ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଉନ୍ନତିକରଣକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀର,୧୪ା୫(ପିଆଇବି); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆଜି କେନ୍ଦ୍ର କ୍ୟାବିନେଟ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଦ୍ୱାରା ଏମଆଇଏଲ୍ (ଏମଆଇଏଚଏଏନ୍ ଇଣ୍ଡିଆ ଲିମିଟେଡ)କୁ ଲିଜ୍ ଦିଆଯାଇଥିବା ଜମିର ଲିଜ୍ ଅବଧି ୦୬.୦୮.୨୦୩୯ ପରେ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି । ଏହା ଦ୍ୱାରା ଏମଆଇଏଲ୍ ନାଗପୁର ବିମାନବନ୍ଦରକୁ ବାଣିଜ୍ୟିକ ପରିଚାଳନା ତାରିଖ (ସିଓଡି) ଠାରୁ ୩୦ ବର୍ଷ ପାଇଁ ରିହାତିଦାତା, ଅର୍ଥାତ୍ ଜିଏମଆର୍ ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଲିମିଟେଡ (ଜିଏନଆଇଏଏଲ୍)କୁ ଲାଇସେନ୍ସ ଦେଇପାରିବ ।ଏହା ନାଗପୁରର ମଲ୍ଟି-ମୋଡାଲ ଇଣ୍ଟରନ୍ୟାସନାଲ କାର୍ଗୋ ? ହବ୍ ଆଣ୍ଡ ଏୟାରପୋର୍ଟ ଆଟ୍ ନାଗପୁର (ଏମଆଇଏଚଏଏନ୍) ପ୍ରକଳ୍ପ ଅଧୀନରେ ନାଗପୁର ବିମାନବନ୍ଦରର ଏକ ଆଞ୍ଚଳିକ ବିମାନ ଚଳାଚଳ କେନ୍ଦ୍ର ହେବା ମାର୍ଗରେ ଏକ ପ୍ରମୁଖ ମାଇଲଖୁଣ୍ଟ ।୨୦୦୯ ମସିହାରେ, ଏଏଆଇ ଏବଂ ମହାରାଷ୍ଟ୍ର ବିମାନବନ୍ଦର ଉନ୍ନୟନ କମ୍ପାନୀ ଲିମିଟେଡ୍ (ଏମଏଡିସି) ଦ୍ୱାରା ଯଥାକ୍ରମେ ୪୯:୫୧ ଇକ୍ୱିଟି ଗଠନ ସହିତ ଏକ ଯୌଥ ଉଦ୍ୟୋଗ କମ୍ପାନୀ (ଜେଭିସି)- ଏମଆଇଏଲ୍ ଗଠନ କରାଯାଇଥିଲା । ଯଦିଓ ଏଏଆଇର ବିମାନବନ୍ଦର ସମ୍ପତ୍ତି ୨୦୦୯ ମସିହାରେ ବିମାନବନ୍ଦର ପରିଚାଳନା ପାଇଁ ଏମଆଇଏଲ୍ କୁ ହସ୍ତାନ୍ତର କରାଯାଇଥିଲା, କିନ୍ତୁ ଜମି ସୀମା ନିର୍ଦ୍ଧାରଣ ସମସ୍ୟା ଯୋଗୁଁ ଲିଜ୍ ଡିଡ୍ ବିଳମ୍ବିତ ହୋଇଥିଲା । ପରବର୍ତ୍ତୀ ସମୟରେ, ଏଏଆଇର ଜମି ୦୬.୦୮.୨୦୩୯ ପର୍ଯ୍ୟନ୍ତ ଏମଆଇଏଲ୍ କୁ ଲିଜ୍ ଦିଆଯାଇଛି ।୨୦୧୬ ମସିହାରେ, ଏମଆଇଏଲ୍ ସରକାରୀ ଘରୋଇ ସହଭାଗୀତା (ପିପିପି) ମଡେଲ୍ ଅନୁଯାୟୀ ବିମାନବନ୍ଦର ପରିଚାଳନା ପାଇଁ ଏକ ଅଂଶୀଦାର ଚିହ୍ନଟ କରିବା ପାଇଁ ଏକ ବିଶ୍ୱସ୍ତରୀୟ ଟେଣ୍ଡର ପ୍ରକାଶ କରିଥିଲା । ଜିଏମଆର୍ ଏୟାରପୋର୍ଟସ୍ ଲିମିଟେଡ୍ (ଜିଏଏଲ୍) ସର୍ବୋଚ୍ଚ ନିଲାମକାରୀ ଭାବରେ ନିଲାମ ଡାକିଥିଲା, ଯାହାର ରାଜସ୍ୱ ଅଂଶ ୫.୭୬% ଥିଲା । ଏହାକୁ ପରେ ମୋଟ ରାଜସ୍ୱର ୧୪.୪୯%କୁ ସଂଶୋଧିତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଏମଆଇଏଲ୍ ମାର୍ଚ୍ଚ, ୨୦୨୦ରେ ବିଡ୍ ପ୍ରକ୍ରିୟାକୁ ବାତିଲ କରିଥିଲା । ଏହି ବାତିଲକୁ ଜିଏଏଲ୍ ପକ୍ଷରୁ ମାନ୍ୟବର ବମ୍ବେ ହାଇକୋର୍ଟରେ ସଫଳତାର ସହ ଚ୍ୟାଲେଞ୍ଜ କରାଯାଇଥିଲା । ଏହା ପରେ, ମାନ୍ୟବର ସୁପ୍ରିମକୋର୍ଟ ମଧ ଜିଏଏଲ୍ ସପକ୍ଷରେ ରାୟ ଦେଇଥିଲେ । ୨୭ ସେପ୍ଟେମ୍ବର, ୨୦୨୪ ତାରିଖରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଏମଆଇଏଲ୍ ୮ ଅକ୍ଟୋବର, ୨୦୨୪ ରେ ଦ୍ୱିତୀୟ ଜେଭିସି, ଅର୍ଥାତ୍ ଜିଏମଆର୍ ନାଗପୁର ଅନ୍ତର୍ଜାତୀୟ ବିମାନବନ୍ଦର ଲିମିଟେଡ୍ (ଜିଏନଆଇଏଏଲ) ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିଥିଲା ।

କଟକ ଡିଇଓ ଅଫିସର କର୍ମଚାରୀଙ୍କୁ ଗିରଫ

କଟକ,୧୪ା୫: କଟକ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ବଡ଼ ଧରଣର ଆର୍ଥିକ ଘୋଟାଲାର ପର୍ଦ୍ଦାଫାଶ ହୋଇଛି । ସରକାରୀ ଟଙ୍କା ହଡପ ଅଭିଯୋଗରେ ଜଣେ କର୍ମଚାରୀଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ । ଗିରଫ ଅଭିଯୁକ୍ତ ହେଲେ ସୁଭାଷ ଚନ୍ଦ୍ର ସାହୁ, ଯିଏ କଟକ ଡିଓ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନରେ କାମ କରୁଥିଲେ । ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ସେ ପ୍ରାୟ ୫୧ ଲକ୍ଷ ୫୩ ହଜାର ୬୪୦ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ କରିଥିଲେ ।

NAME AND GENDER CHANGE DECLARATION

By virtue of an Affidavit sworn before the Executive Magistrate, Bhubaneswar, on dated 26-11-2024, I, **Manasmit Biswal** (new name), residing at At–Tumba Andhei Sahi, P.O.–Ashram Patana, P.S.–Jagatsinghpur, Dist.–Jagatsinghpur, Odisha – 754109, do hereby declare that I have changed my name from **Mousumi Biswal** (old name) to **Manasmit Biswal** (new name) and my gender from **Female** to **Male**.

Henceforth, I shall be known as **Manasmit Biswal** and my gender shall be recorded as **Male** for all official, educational, academic, and other purposes.

ପୁରୀ ରେଳଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାଗୁଡ଼ିକର ସାମୟିକ ପରିବର୍ତ୍ତନ ଅବଧି ବୃଦ୍ଧି

ଭୁବନେଶ୍ୱର,୧୪ା୫(ନି.ପ୍ର.): ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଅଧୀନରେ ଥିବା ପୁରୀ ରେଳଷ୍ଟେସନର ଭିତିଭୂମି ଉନ୍ନୟନ କାର୍ଯ୍ୟ ଜାରି ରହିଥିବାରୁ, ପୂର୍ବତଟ ରେଳପଥ ପକ୍ଷରୁ ମଇ ୨୦୨୬ ମାସରେ କେତେକ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ୍ ସେବାଗୁଡ଼ିକର ସଂକ୍ଷିପ୍ତ-ଅବଧି ଏବଂ ସଂକ୍ଷିପ୍ତ-ଉତ୍ପତି ସମ୍ପର୍କିତ ବ୍ୟବସ୍ଥାର ଅବଧିକୁ ବୃଦ୍ଧି କରାଯାଇଛି ।

ପୁରୀ ରେଳଷ୍ଟେସନରେ ପ୍ଲାଟଫର୍ମର ନବୀକରଣ ଏବଂ ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟ ସଂଯୋଗରେ ଏହି ସାମୟିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି । ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥଳୀରେ ଯାତ୍ରୀ ସୁବିଧା, କାର୍ଯ୍ୟଦକ୍ଷତା ଏବଂ ଟ୍ରେନ୍ ଚଳାଚଳ କ୍ଷମତାକୁ ଅଧିକ ବୃଦ୍ଧି କରିବା ।

୧୨୧୪୬ ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ ଏକ୍ସପ୍ରେସ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ ।୧୨୧୪୫ ଲୋକମାନ୍ୟ ତିଲକ ଟର୍ମିନସ-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୧୨୯୯୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୧୫, ୨୨ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ ।

୧୨୯୯୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୧୮ ଏବଂ ୨୫ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୧୫୬୪୩ ପୁରୀ-କାମାକ୍ଷା ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୧୫୬୪୪ କାମାକ୍ଷା-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୨୨୯୭୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ୨୦ ଏବଂ ୨୭ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ ।୨୨୯୭୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ୨୩ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ ।

୧୭୪୮୦ ତିରୁପତି-ପୁରୀ ଏକ୍ସପ୍ରେସ୍ ୧୫, ୧୬, ୧୮, ୧୯, ୨୦, ୨୨, ୨୩, ୨୫, ୨୬, ୨୭, ୨୯ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ ।୧୭୪୭୯ ପୁରୀ-ତିରୁପତି ଏକ୍ସପ୍ରେସ୍ ୧୭, ୧୮, ୨୦, ୨୧, ୨୨, ୨୪, ୨୫, ୨୭, ୨୮, ୨୯ ଏବଂ ୩୧ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୨୨୨୦୧ ସିଆଲଦା-ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୧୮, ୨୦, ୨୨, ୨୫, ୨୭ ଏବଂ ୨୯ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୨୨୨୦୨ ପୁରୀ-ସିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୧୬, ୧୯, ୨୧, ୨୩, ୨୬, ୨୮ ଏବଂ ୩୦ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୨୨୯୦୯ ଭାଲସାଡ-ପୁରୀ ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ ।୨୨୯୧୦ ପୁରୀ-ଭାଲସାଡ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୨୦୯୧୭ ଇନ୍ଦୋର-ପୁରୀ ହମସଫର ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୨୦୯୧୮ ପୁରୀ-ଇନ୍ଦୋର ହମସଫର ଏକ୍ସପ୍ରେସ୍ ୨୧ ଏବଂ ୨୮ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ ।

୨୦୪୭୨ ପୁରୀ-ଶ୍ରୀ ଗଙ୍ଗାନଗର ଏକ୍ସପ୍ରେସ୍ ୨୦ ଏବଂ ୨୭ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ । ୨୦୪୭୧ ଶ୍ରୀ ଗଙ୍ଗାନଗର-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୧୫୬୪୦ କାମାକ୍ଷା-ପୁରୀ ଏକ୍ସପ୍ରେସ୍ ୧୭ ଏବଂ ୨୪ ମଇ ୨୦୨୬ ରିଖରେ ମାଳତୀପାଟପୁରରେ ଯାତ୍ରା ଶେଷ କରିବ । ୧୫୬୩୯ ପୁରୀ-କାମାକ୍ଷା ଏକ୍ସପ୍ରେସ୍ ୧୯ ଏବଂ ୨୬ ମଇ ୨୦୨୬ ରିଖରେ ମାଳତୀପାଟପୁରରୁ ଯାତ୍ରା ଆରମ୍ଭ କରିବ ।ସେହିପରି ୧୬ ରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ୧୮୩୦୩ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ସାକ୍ଷୀଗୋପାଳରେ ଯାତ୍ରା ଶେଷ କରିବ । ୧୮୩୦୪ ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ସାକ୍ଷୀଗୋପାଳରୁ ଯାତ୍ରା ଆରମ୍ଭ କରିବ ।

୧୬ ରୁ ୩୧ ମଇ ୨୦୨୬ ପର୍ଯ୍ୟନ୍ତ ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ । ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ । ୬୮୪୧୩ ତାଳଚେର-ପୁରୀ ମେମୁ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ । ୬୮୪୧୪ ପୁରୀ-ତାଳଚେର ମେମୁ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ । ୬୮୪୪୧ ଜଳେଶ୍ୱର-ପୁରୀ ମେମୁ ଖୋର୍ଦ୍ଧା ରୋଡ଼ରେ ଯାତ୍ରା ଶେଷ କରିବ । ୬୮୪୪୨ ପୁରୀ-ଜଳେଶ୍ୱର ମେମୁ ଖୋର୍ଦ୍ଧା ରୋଡ଼ରୁ ଯାତ୍ରା ଆରମ୍ଭ କରିବ । ଏହି ସାମୟିକ ନିୟନ୍ତ୍ରଣ ସମୟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ପ୍ରଭାବିତ ଷ୍ଟେସନ ଏବଂ ପୁରୀ ମଧ୍ୟରେ ବୈଧ ଯାତ୍ରୀଙ୍କ ନିମନ୍ତେ ମାଗଣା ବସ୍ ସେବା ଜାରି ରହିବ ।ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏନଟିଇଏସ ଏବଂ ରେଳବାଇର ସରକାରୀ ସୂଚନା ସେବା ମାଧ୍ୟମରେ ଟ୍ରେନ୍ ଚଳାଚଳର ସଦ୍ୟତମ ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

୧୯ରେ ୫ଟି ନୂଆ କୋର୍ଟର ଉଦଘାଟନ

ଭୁବନେଶ୍ୱର,୧୪ା୫(ନି.ପ୍ର.): ଆସନ୍ତା ୧୯ ତାରିଖରେ ରାଜ୍ୟର ୫ଟି ସ୍ଥାନରେ ନୂଆ କୋର୍ଟ ଉଦଘାଟନ ହେବ । ବାଲେଶ୍ୱର ଜିଲ୍ଲା ସୋର ଠାରେ ଅତିରିକ୍ତ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ,ଖଇରା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ, ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ,ବୌଦ୍ଧ ଜିଲ୍ଲା ଚ୍ୱାରିଛକ ନିକଟ ହରଭଙ୍ଗା ଠାରେ ଗ୍ରାମ୍ୟ ନ୍ୟାୟାଳୟ,କଟକ ଜିଲ୍ଲା ଟାଙ୍ଗୀ- ଚୌଦ୍ୱାର ଠାରେ ସିଭିଲ୍ ଜଜ୍(ଜୁନିୟର ଡ଼ିଭିଜନ) ତଥା ଜେଏମଏଫସି କୋର୍ଟ ଉଦଘାଟନ ହେବାକୁ ଯାଉଛି । ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି ନୂତନ ନ୍ୟାୟାଳୟ କେବଳ ଏକ ଭବନ ନୁହେଁ, ଏହା ଜନସାଧାରଣଙ୍କ ନ୍ୟାୟ ପ୍ରତି ଆସ୍ଥାର ପ୍ରତୀକ ।ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକୁ ଆମ ସରକାର ଗୁରୁତ୍ୱଦେଉଛନ୍ତି । ନୂତନ ନ୍ୟାୟାଳୟର ଉଦଘାଟନ ହେଉଛି ଜନସାଧାରଣଙ୍କ ନ୍ୟାୟିକ ଅଧିକାରକୁ ଆହୁରି ସୁଦୃଢ଼ କରିବାର ଏକ ଐତିହାସିକ ପଦକ୍ଷେପ ।ଏହା ନ୍ୟାୟ, ସତ୍ୟ ଓ ଆଇନର ପ୍ରତିଷ୍ଠାକୁ ନୂତନ ଗତି ପ୍ରଦାନ କରିବାରେ ବିଶେଷ ଭାବେ ସହାୟକ ହେବ ।

ଅଚ୍ୟୁତ ସାମନ୍ତ ଆମେରିକାରେ ସମ୍ମାନୀତ

ଭୁବନେଶ୍ୱର, ୧୪ା୫: କିସ୍ ଜରିଆରେ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ୍ ଆମେରିକାନ ଷ୍ଟଡିଜ୍ ବିଭାଗ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଶେଷ ସ୍ୱୀକୃତି ସହ ସମ୍ମାନୀତ କରାଯାଇଛି । ମାନବିକତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ମୋଣ୍ଟାନାରେ ଏପରି ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଓ ଅଣ-ଆମେରିକୀୟ ।

ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ଲିଗାସି ଅଫ୍ କମ୍ପାସନ: ହନରିଂ ଅଚ୍ୟୁତ ସାମନ୍ତ ଆଣ୍ଡ ଦି ଆର୍ଟ ଅଫ୍ ଗିଭିଂ'ରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ମୋଣ୍ଟାନା ଗଭର୍ଣ୍ଣର ଗ୍ରେଗ୍ ଜିଆନଫର୍ଟ, ଭାରତର କନସଲ ଜେନେରାଲ ପ୍ରକାଶ ଗୁପ୍ତା, ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍ସିଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିକି ଗାଇସଲର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ସଭାପତି ଡ ବ୍ରକ୍ ଟେସମ୍ୟାନ୍ ତାଙ୍କୁ ସମ୍ମାନୀତ କରିଥିଲେ । ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ ଆମେରିକାନ୍ ଷ୍ଟଡିଜ୍ ବିଭାଗକୁ ଯୁକ୍ତରାଷ୍ଟ୍ରର ମୂଳ ଆମେରିକୀୟଙ୍କ ବିଷୟରେ ଅଧ୍ୟୟନ ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ ।

ସେହିପରି ମୋଣ୍ଟାନା ଆମେରିକାର ଏକ ଜନଜାତି ବହୁଳ ରାଜ୍ୟ ହୋଇଥିବା ବେଳେ ସେଠାକାର ପାରମ୍ପରିକ ଜନଜାତି ଢ଼ଙ୍ଗରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯାଇଥିଲା । ମୂଳ ଆମେରିକୀୟ ଜନଜାତି ସଂପ୍ରଦାୟ ଦ୍ୱାରା ଶ୍ରୀ ସାମନ୍ତଙ୍କୁ ସେମାନଙ୍କର ପବିତ୍ର ଜନଜାତି କମ୍ବଳ ସହିତ ଆଧାତ୍ମିକ ଢ଼ଙ୍ଗରେ ସମ୍ମାନିତ କରାଯାଇଥିଲା । ଏହା ସେମାନଙ୍କ ପରମ୍ପରାରେ ଏକ ବିଶେଷ ସମ୍ମାନର ଚିହ୍ନ । ସୂଚନାଯୋଗ୍ୟ ମୋଣ୍ଟାନାରୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିଟ୍ କିସ୍ ପରିଦର୍ଶନରେ ଆସି ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ । ସେମାନେ ଫେରିବା ପରେ ଶ୍ରୀ ସାମନ୍ତଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ ।

ଇସ୍ରୋ ପରିଦର୍ଶନ କଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

ବେଙ୍ଗାଲୁରୁ/ଭୁବନେଶ୍ୱର, ୧୪ା୫(ନି.ପ୍ର.):ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବେଙ୍ଗାଲୁରୁସ୍ଥିତ ୟୁ.ଆରରାଓ ସାଟେଲାଇଟ୍ ସେଂଟର (ୟୁଆରଏସସି) ଏବଂ ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ (ଆଇଏସଆଇଟିଇ) ପରିଦର୍ଶନ କରିଛନ୍ତି ।

ବର୍ତ୍ତମାନର ଶାସନ ବ୍ୟବସ୍ଥା ଏବଂ ବୈଜ୍ଞାନିକ ଶିକ୍ଷା କ୍ଷେତ୍ରରେ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ପାଇଁ ଓଡ଼ିଶା ସରକାର ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ଥିଲା । ମନ୍ତ୍ରୀ ଶ୍ରୀ ପାତ୍ର ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନଙ୍କ ସହ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ତଦାରଖ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତାବସ୍ଥାର ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଉପଗ୍ରହ ତଥ୍ୟ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

ସେହିଭଳି ଇସ୍ରୋ ସାଟେଲାଇଟ୍ ଇଂଟିଗ୍ରେସନ୍ ଆଣ୍ଡ ଟେଷ୍ଟ ଏଷ୍ଟାବ୍ଲିଶମେଂଟ ପରିସରରେ ସାଟେଲାଇଟ୍ ସଂଯୋଗୀକରଣ କ୍ଷେତ୍ର ପରିଦର୍ଶନ କରିବା ସହ ମନ୍ତ୍ରୀ ଶ୍ରୀ ପାତ୍ର ଅତ୍ୟାଧୁନିକ 'କ୍ଲିନ୍ ରୁମ୍' ସୁବିଧା ବୁଲି ଦେଖିଥିଲେ । ଭାରତର ଭବିଷ୍ୟତରେ ଯୋଗାଯୋଗ ବ୍ୟବସ୍ଥା ଏବଂ ନେଭିଗେସନ୍ ସାଟେଲାଇଟ୍ ?ଗୁଡ଼ିକର ଜଟିଳ ସଂଯୋଗୀକରଣ ଓ ପରୀକ୍ଷଣ ପ୍ରକ୍ରିୟା ସମ୍ପର୍କରେ ସେ ଅବଗତ ହୋଇଥିଲେ ।

ୟୁ.ଆରରାଓ ସାଟେଲାଇଟ୍ ସେଂଟରର ସ୍ଥିତ ମହାକାଶ ସଂଗ୍ରହାଳୟ ବୁଲି ଦେଖି ଶ୍ରୀ ପାତ୍ର 'ଆର୍ଯ୍ୟଭଟ୍ଟ'ଠାରୁ ଆରମ୍ଭ କରି ବର୍ତ୍ତମାନର ମହାକାଶ ଅଭିଯାନ ପର୍ଯ୍ୟନ୍ତ ଭାରତର ସଫଳତା ବିଷୟରେ ଅବଗତ ହୋଇଥିଲେ । ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିବା ପାଇଁ ଭୁବନେଶ୍ୱରରେ ପ୍ରସ୍ତାବିତ ସାଇନ୍ସ ସିଟିରେ ଏଭଳି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ସ୍ଥାପନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ଗସ୍ତ ସମୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହ ଉପସ୍ଥିତ ଥିଲେ । ବିଜ୍ଞାନ ଓ ନବସୃଜନ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ପଦକ୍ଷେପକୁ ୟୁ.ଆର.ରାଓ ସାଟେଲାଇଟ୍ ସେଣ୍ଟରର ନିର୍ଦ୍ଦେଶକ ପ୍ରଶଂସା କରିଥିଲେ ।

ଭାରତର ଡିପ-ଟେକ୍ ଏବଂ ଅଭିନବ ଗବେଷଣା ସୁଦୃଢ଼ ହେବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୧୪ା୫(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟସ ୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡଟେବୁଲ'ରେ ଅଧକ୍ଷତା କରିଛନ୍ତି । ଏହି ଅବସରରେ ସେ ବିଶ୍ୱର ଶିକ୍ଷ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀମାନଙ୍କ ସହ ଭାରତର ଡିପ-ଟେକ୍ ଏବଂ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଏବଂ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ । ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍ ?ଥ-ଟେକ୍ ଏବଂ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ପ୍ରଶ୍ନ ଭାରତ ଇନୋଭେସନ କରୁଛି କି ନାହିଁ ତାହା ନୁହେଁ, ବରଂ "ଭାରତ ସହିତ କିଏ ଇନୋଭେସନ କରିବ" ତାହା ଗୁରୁତ୍ୱପୂର୍ଣ୍ଣ । ଏହି ଦିଗରେ ଫ୍ରାନ୍ସ ଭାରତର ଏକ ପ୍ରମୁଖ ସହଭାଗୀ ଭାବେ ଉଭା ହୋଇଛି । ୨୦୨୬ ପ୍ରାରମ୍ଭରେ ସ୍ୱାକ୍ଷରିତ ହୋଇଥିବା 'ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି'କୁ ଶ୍ରୀ ପ୍ରଧାନ "ସମସ୍ତ ଚୁକ୍ତିର ଜନନୀ" ଭାବେ ବର୍ଣ୍ଣନା କରିଛନ୍ତି । ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶ ଏବଂ ପ୍ରାୟ ୨୦୦ କୋଟି ଜନସଂଖ୍ୟାକୁ ସଂଯୋଗ କରୁଥିବା ଏକ ପରିବର୍ତ୍ତନକାରୀ ଆର୍ଥିକ ସହଯୋଗୀ ଭାବେ ସେ ଅଭିହିତ କରିଛନ୍ତି । ତେବେ ଆଗାମୀ ଦିନରେ ଫ୍ରାନ୍ସର ନିସ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନ ଭାରତୀୟ ଷ୍ଟାର୍ଟଅପ୍, ବିଶ୍ୱସ୍ତରୀୟ ପୁଞ୍ଜିନିବେଶକ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଆନ୍ତର୍ଜାତୀୟ ପ୍ଲାଟଫର୍ମ ସାଜିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ବିଶ୍ୱସ୍ତ ପ୍ରଯୁକ୍ତି ସହଭାଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛି । 'ବିକଶିତ ଭାରତ' ଆଡ଼କୁ ଅଗ୍ରସର ହେବା ସହ ଭାରତ ସମଗ୍ର ବିଶ୍ୱ ପାଇଁ ସମାଧାନ ସହ-ନିର୍ମାଣ କରିବାରେ ବିଶ୍ୱାସ କରେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଜୁନ୍ ୨୧ରେ ଓଟିଇଟି ପରୀକ୍ଷା

ଭୁବନେଶ୍ୱର, ୧୩ ମଇ (ହି.ସ.)- ଆସନ୍ତା ଜୁନ୍ ୨୧ ତାରିଖରେ ରାଜ୍ୟରେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ ବା ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଜୁନ୍ ୨୧ ତାରିଖ ସକାଳ ୯ରୁ ୧୧ଟା ୩୦ ପେପର୍ -୧ ଓ ଦିନ ୨ଟାରୁ ୪ଟା ୩୦ ପେପର-୨ ପରୀକ୍ଷା ହେବ । ପରୀକ୍ଷା ପାଇଁ ଜୁନ୍ ୯ରୁ ବୋର୍ଡର ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏନଆଇସି.ଇନ୍ ରେ ଆଡ୍‌ମିଟ୍ କାର୍ଡ ମିଳିବ ।

ଇଭି ଓ ସାର୍ବଜନୀନ ପରିବହନ ଆପଣାଇବାକୁ ଅପିଲ କଲେ ମନ୍ତ୍ରୀ

ଭୁବନେଶ୍ୱର,୧୪ା୫(ନି.ପ୍ର.): ଓଡିଶାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇନ୍ଧନ ସଞ୍ଚୟ ଏବଂ ଦାୟିତ୍ୱଶୀଳ ପରିବହନ ସମ୍ବନ୍ଧୀୟ ଆହ୍ୱାନକୁ ସମର୍ଥନ କରି ଲୋକମାନଙ୍କୁ ଇନ୍ଧନ ବ୍ୟବହାର କମାଇବା ସହ ଇଲେକ୍ଟ୍ରିକ୍ ଯାନ (ଇଭି) ବ୍ୟବହାର ବଢାଇବାକୁ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ପରିବହନ ସମ୍ବନ୍ଧୀୟ ବାର୍ତ୍ତାକୁ ଉଲ୍ଲେଖ କରି ମନ୍ତ୍ରୀ ନାଗରିକମାନଙ୍କୁ ପରିବେଶ ଅନୁକୂଳ ଯାତ୍ରା ଅଭ୍ୟାସ ଆପଣାଇବା ଏବଂ ପାରମ୍ପରିକ ଇନ୍ଧନ ଚାଳିତ ଯାନ ଉପରେ ଅନାବଶ୍ୟକ ନିର୍ଭରଶୀଳତା କମାଇବାକୁ ଆହ୍ୱାନ କରିଥିଲେ ।

ଜେନା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ଅଧିକରୁ ଅଧିକ ଇଭି ବ୍ୟବହାର କରିବା, ଅନାବଶ୍ୟକ ଯାତ୍ରାରୁ ଦୂରେଇ ରହିବା ଏବଂ ଜଣେ ବ୍ୟକ୍ତି ପାଇଁ ଅଲଗା ଯାନ ବ୍ୟବହାର କମାଇବାକୁ ପରାମର୍ଶ ଦେଇଛନ୍ତି । ସେ ପ୍ରଧାନମନ୍ତ୍ରୀଙ୍କ ନିଜ କାଫିଲାରେ ଯାନ ସଂଖ୍ୟା କମାଇବା ନିଷ୍ପତ୍ତିକୁ ମଧ ପ୍ରଶଂସା କରି ଏହାକୁ



ଦାୟିତ୍ୱଶୀଳ ଶାସନ ଏବଂ ଇନ୍ଧନ ସଂରକ୍ଷଣର ଉଦାହରଣ ବୋଲି କହିଥିଲେ ।କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରିକ୍ ମୋବିଲିଟିକୁ ପ୍ରୋତ୍ସାହନ ଦେବା ଉଦ୍ୟମର ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି ଯେ, ସ୍ୱଚ୍ଛ ପରିବହନକୁ ଉତ୍ସାହିତ କରିବା ପାଇଁ ଇଭି ଉପରେ ଦିଆଯାଉଥିବା ସବସିଡିକୁ ୨୦୨୮ ପର୍ଯ୍ୟନ୍ତ ବଢାଯାଇଛି ।ସେ ଲୋକମାନଙ୍କୁ ଅଧିକରୁ ଅଧିକ ଇଲେକ୍ଟ୍ରିକ୍ ଯାନ ଆପଣାଇବା ଏବଂ ପରିବେଶ ହିତୈଷୀ ପରିବହନ ବ୍ୟବସ୍ଥାକୁ ମଜବୁତ କରିବାରେ ସହଯୋଗ ଦେବାକୁ ଆହ୍ୱାନ କରିଥିଲେ ।ମନ୍ତ୍ରୀ ନାଗରିକମାନଙ୍କୁ ବ୍ୟକ୍ତିଗତ ଯାନ ପରିବର୍ତ୍ତେ 'ଆମ ବସ' ପରି ସାର୍ବଜନୀନ ପରିବହନ ସେବାର ଅଧିକ ବ୍ୟବହାର କରିବାକୁ ମଧ ପରାମର୍ଶ ଦେଇଥିଲେ । ସେ କହିଛନ୍ତି ଯେ, ଛୋଟ ଦୂରତାର ଯାତ୍ରା ଏବଂ ବ୍ୟକ୍ତିଗତ ଯାତାୟାତ ପାଇଁ ସାର୍ବଜନୀନ ପରିବହନ ଏକ ଭଲ ବିକଳ୍ପ ହୋଇପାରେ ।

ଏହାଛଡା, ସେ ଇନ୍ଧନ ବ୍ୟବହାର, ଯାତାୟାତ ଚାପ ଏବଂ ପରିବେଶ ପ୍ରଦୂଷଣ କମାଇବା ପାଇଁ କାର୍ ପୁଲିଂ ଏବଂ ସ୍କୁଟି ପୁଲିଂ ପରି ବ୍ୟବସ୍ଥା ଆପଣାଇବା ଉପରେ ଜୋର ଦେଇଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ବ୍ୟକ୍ତିଗତ ଭାବେ ଅପନାଇବା କଥା କହି ଜେନା କହିଛନ୍ତି ଯେ, ସେ ନିଜେ ମଧ ସରକାରୀ ବସ ସେବା ବ୍ୟବହାର କରି ଯାତ୍ରା କରିବେ ।

ସେ କହିଛନ୍ତି ଯେ, ଇନ୍ଧନ ସଞ୍ଚୟ ଏବଂ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ଦେବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପରିବେଶ ସୁରକ୍ଷା ଏବଂ ଶକ୍ତି ସଞ୍ଚୟ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସାମୁହିକ ଦାୟିତ୍ୱ ହେବା ଉଚିତ ।

ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ବିଗ୍ରହ ସ୍ଥାପନ

ରାଜଗାଙ୍ଗପୁର ୧୩/୫/୨୬(ପି ଏନ ଏସ) ରାଜଗାଙ୍ଗପୁର ମଧୁସୂଦନ କଲୋନୀ ସ୍ଥିତ ରାଧା କୃଷ୍ଣ ମନ୍ଦିର ପରିସରରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ ମନ୍ଦିର କମିଟି ପକ୍ଷରୁ ଭବ୍ୟ କଳସ ଶୋଭାଯାତ୍ର ଅନୁଷ୍ଠିତ କରା ଯାଇ ଥିଲା । ଗତ କାଲି ସକାଳ ସମୟରେ ସଂକୀର୍ତନ ଏବଂ ବାଜା ସହ ଶତାଧିକ ମହିଳାଙ୍କ ଦ୍ୱାରା ଶୋଭାଯାତ୍ରା ରେ ରାଜଗାଙ୍ଗପୁର କୁମ୍ଭାର ପଡା ସ୍ଥିତ ବାବା ତାଲାବ ପୁଷ୍କରଣୀ ରୁ ପବିତ୍ର ଜଳ ପୂର୍ଣ୍ଣ କଳସ କୁ ନେଇ ମନ୍ଦିର ପ୍ରାଙ୍ଗଣ ର ପୂଜା ମଣ୍ଡପ ଠାରେ କଳସ ସ୍ଥାପନ କରିବା ପରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ କରା ଯାଇ ଅଙ୍କୁରୋପଣ ସୂର୍ଯ୍ୟ ପୂଜା ପରେ ମା ମହାଲକ୍ଷ୍ମୀ ଙ୍କୁ ବିମାନ ସ୍ଥାପନ କରି ନଗର ପରିକ୍ରମା କାଯ୍ୟକ୍ରମ ପରେ ମାଙ୍କୁ ମହାସ୍ନାନ କରାଯାଇ ଥିଲା ପ୍ରାଣ ପ୍ରତିଷ୍ଠା ନ୍ୟାସା ପୂଜନ ପରେ ମାଙ୍କୁ ଷୋଡସ ବିଧି ରେ



ପୂଜା ମାଙ୍କ ପାଖରେ ଯଜ୍ଞ ଆହୁତି ପରେ ମନ୍ଦିର ପ୍ରତିଷ୍ଠା କାର୍ଯକ୍ରମ ଶେଷ ରେ ମା ମହାଲକ୍ଷ୍ମୀ ବିଗ୍ରହ କୁ ସିଂହାସନ ଆରୋହଣ କରାଯାଇ ଆଳତୀ ଏବଂ ପୁଷ୍ପାଞ୍ଜଳି ଅର୍ପଣ କରା ଯାଇଥିଲା । ବହୁ ଶ୍ରଦ୍ଧାଳୁ ଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା । ମନ୍ଦିର ପ୍ରତିଷ୍ଠା ର ପୁରୋହିତ ପଣ୍ଡିତ ହାଡୁ ବନ୍ଧୁ ମିଶ୍ର କାର୍ଯ ସମ୍ପାଦନ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ କୁମାର ପାଢ଼ୀ ରୋହିତ ମିଶ୍ର, ରାମେଶ୍ୱର ପାଢ଼ୀ ଙ୍କ ସଯୋଗ କରିଥିଲେ । କର୍ତ୍ତା ଭାବ ରେ ଅନୁପମ ମହାନ୍ତି ଓ ତାଙ୍କ ସହ ଧର୍ମଣୀ ଗୀତାଞ୍ଜଳି ମହାନ୍ତି ତାଙ୍କ କାର୍ଯ୍ୟ ସମ୍ପାଦନ କରି ଥିଲେ ମନ୍ଦିର କମିଟିର ସଭାପତି କୃଷ୍ଣ ଚନ୍ଦ୍ର ଜେନା ସମ୍ପାଦକ ତୁଷାର କାନ୍ତ ସାହୁ, ଲକ୍ଷ୍ମୀ କାନ୍ତ ସ୍ୱାଇଁ, ହଳଧର ସ୍ୱାଇଁ, ଏବଂ କମିଟିର ସଦସ୍ୟ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ଥିଲେ ।

ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୧୪ା୫(ନି.ପ୍ର.): କମିସନରେଟ ପୋଲିସ ରେଡକ୍ରସ୍ ଆଞ୍ଚଳିକ ଶାଖା,ମଧୁକୁଞ୍ଜ ଓ ଇଣ୍ଡିଆନ୍ ସ୍କାଉଟ ଗାଇଡ ଫେଲୋସିପ ମିଳିତ ସହଯୋଗ ରେ ଏଭର୍ ଗ୍ରୀନ କାରଖାନାରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ଏହି ବିଶାଳ ରକ୍ତ ଦାନ ଶିବିର କୁ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ, ଖୋର୍ଦ୍ଧା ଜିଲ୍ଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଅତିରିକ୍ତ ଉପ ପୋଲିସ କମିଶନର ଶ୍ରୀ ମାନସ ରଞ୍ଜନ ଗଡନାୟକ ଓ ଇଣ୍ଡିଆନ୍ ସ୍କାଉଟ ଗାଇଡ ଫେଲୋସିପ ରାଜ୍ୟ ସଭାପତି ଡଃ ଆମ୍ରିତ ପାଟ୍ଟଯୋଷୀ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉତ୍ସବରେ ଚାଳଚିତ୍ର ଅଭିନେତା ତଥା ସମାଜ ବିଜ୍ଞାନୀ ଡଃ ରୁଷି ପଟ୍ଟନାୟକ ସଭାପତିତ୍ୱ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ